RNI No.ODIODI/2010/33031
୧୭ ବର୍ଷ Volume-17
ISSUE -169 ସଂଖ୍ୟା-୧୬୯
ଭୁବନେଶ୍ୱର, ଗୁରୁବାର ୧୭ ସେପ୍ଟେମ୍ବର ୨୦୨୬
Bhubaneswar, Thursday 17 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ବିକାଶ ପଥରେ ପଶ୍ଚିମ ଓଡ଼ିଶା, ବଦଳୁଛି ସମ୍ବଲପୁରର ଚେହେରା

## ୧୩୩.୪୭ କୋଟିର ଲୋକାର୍ପଣ, ୮୨୫.୮୩ କୋଟିର ଶିଳାନ୍ୟାସ

## ସମ୍ବଲପୁରରେ ଦେଶର ୫୧ତମ ଡପ୍‌ଲର ପାଣିପାଗ ରାଡାର୍ ଲୋକାର୍ପିତ

ଭୁବନେଶ୍ୱର/ସମ୍ବଲପୁର, ୧୬।୯(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତ ଅବସରରେ ଜିଲ୍ଲାବାସୀଙ୍କୁ ଆଜି ଏକାଧିକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲପୁର ଏବଂ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ 'ମେକ୍ ଇନ୍ ଇଣ୍ଡିଆ' ଡପ୍‌ଲର ପାଣିପାଗ ରାଡାର୍‌ର ଶୁଭାରମ୍ଭ କରିବା ସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଏବଂ 'ସମୃଦ୍ଧ ଓଡ଼ିଶା ୨୦୩୬' ଗଠନ ସଂକଳ୍ପରେ ସମ୍ବଲପୁର ହେଉଛି ରାଜ୍ୟ ସରକାରଙ୍କ ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣର ଆରମ୍ଭରେ ମା' ସମଲେଶ୍ୱରୀ, ବୀର ସୁରେନ୍ଦ୍ର ସାଏ, ଶହିଦ ମାଧୋ ସିଂ, ଛବିଲ ସାଏ, ସନ୍ଥକବି ଭୀମଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ କହିଥିଲେ ଯେ ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ଶାଢ଼ୀ ସମଗ୍ର ଆଞ୍ଚଳିକ ପରିଚୟର ଗୌରବ। ଆଜି ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ୯୬୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରେ ୧୩୩.୪୭ କୋଟି ଟଙ୍କାର ୧୫ଟି ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଏବଂ ୮୨୫.୮୩ କୋଟି ଟଙ୍କାର ୩୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସାମିଲ ଅଛି। ଏଥିରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ (କୁଚିଣ୍ଡା ପାଇଁ ୬୦.୫୦ କୋଟି), କ୍ରୀଡ଼ା (୭୪.୭୨ କୋଟି), ସଡ଼କ ଓ କୋଠା ନିର୍ମାଣ (୫୮୫ କୋଟି) ଏବଂ ଜଳସମ୍ପଦ କ୍ଷେତ୍ରରେ ୨୨୦.୫୬ କୋଟି ଟଙ୍କାର ମେଗା ଲିଫ୍ଟ ଜଳସେଚନ ଓ ୮.୮୮ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ।

ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ ଗତ ଜାନୁଆରୀ ୨୦୨୬ରେ ସେ ୯୪୮ କୋଟି ଟଙ୍କାର ପ୍ରକଳ୍ପ ସହ ୫୦ଟି ବୈଦ୍ୟୁତିକ ବସ୍‌ର ଶୁଭାରମ୍ଭ କରିଥିଲେ। ଅଇଁଠାପାଲି ବସ୍ ଟର୍ମିନାଲ୍ ଓ ଏହାର ୧୦ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସହରରେ ଜଳସଙ୍କଟ ଓ ଜଣ୍ଡିସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ AMRUT ୨.୦ ଅଧୀନରେ ୪୫୦ କୋଟି ଟଙ୍କାର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଜରିଆରେ ୪୧ଟି ୱାର୍ଡକୁ ୧୦୦ ନିୟୁତ ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ। ଏତଦ୍‌ବ୍ୟତୀତ, ବୁର୍ଲା ଓ ହୀରାକୁଦ ରିଙ୍ଗ୍ ରୋଡ୍, ରେମେଡ୍-ହୀରାକୁଦ ୪-ଲେନ୍ ରାସ୍ତା ଆଦିର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଏହି ଗୋଟିଏ ବର୍ଷରେ ସେପ୍ଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୧,୯୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଇଛି। ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଭୁବନେଶ୍ୱର ବାହାରେ ସମ୍ବଲପୁରରେ ପ୍ରଥମ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ମଧ୍ୟ କରାଯାଇଥିଲା।

ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶ ଓ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲପଙ୍ଗାଠାରେ ହିଣ୍ଡାଲ୍‌କୋର ସମ୍ପ୍ରସାରଣ ପାଇଁ ୪୦,୦୦୦ କୋଟି ଏବଂ ରେଙ୍ଗାଲିଠାରେ ଜେଏସଡବ୍ଲ୍ୟୁ-ଜେଏଫଇ ଷ୍ଟିଲ୍ ଦ୍ୱାରା ୩୨,୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ସହିତ କୃଷି ଭବନ, ଛାତ୍ରୀ ନିବାସ, ସମ୍ବଲପୁର ଫୁଟବଲ୍ ଏକାଡେମୀର ଆଧୁନିକୀକରଣ ଏବଂ 'ହୀରାକୁଦ ଡ୍ୟାମ୍ ମାଷ୍ଟର ପ୍ଲାନ' ନିର୍ମାଣ କରାଯାଉଛି। ରାଜ୍ୟ ସରକାର ୨୦୩୬ ଶତାବ୍ଦୀ ପୂର୍ତ୍ତି ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଓ 'କନ୍ୟା ସୁମଙ୍ଗଳ' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆଗକୁ ନିଆଯାଉଛି ଏବଂ ରାଜ୍ୟ ବଜେଟର ୪୦ ପ୍ରତିଶତ ମହିଳାଙ୍କ ପାଇଁ ବ୍ୟୟ ହେଉଛି। କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରର ସଫଳତା ଗଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ୯୦ ହଜାର କୋଟିର ରେଳ, ୪୦ ହଜାର କୋଟିର ସଡ଼କ, ୨୫ ହଜାର କୋଟିର ବନ୍ଦର ଏବଂ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ପ୍ରକଳ୍ପ ମିଳିଛି।

ସମ୍ବଲପୁରରେ ୧,୫୨୧ କୋଟି ଟଙ୍କାର ୪-ଲେନ୍ ବାଇପାସ୍, ଠଓଗଝଇଜର ୧,୭୦୦ କୋଟିର ସମ୍ପ୍ରସାରଣ, ୧୦୦ କୋଟିର Aqua Park, ଏବଂ ୧୦୦ କୋଟି ଟଙ୍କାର 'ସମଲେଇ ଫେଜ୍-୨' କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ରଙ୍ଗବତୀ' ଗୀତର ତିନିଜଣ ସ୍ରଷ୍ଟା ଓ ଶିଳ୍ପୀଙ୍କୁ ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ କରାଯିବା ପ୍ରସଙ୍ଗ ଉଲ୍ଲେଖ କରି ସେ ସଂସ୍କୃତି ପ୍ରତି କେନ୍ଦ୍ର ସରକାରଙ୍କ ସମ୍ମାନକୁ ପ୍ରଶଂସା କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଓ ବିଶ୍ୱକର୍ମା ପୂଜା ଅବସରରେ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ, 'ଆଶୀର୍ବାଦର ଦୀପ' ଏବଂ 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମରେ ସାମିଲ ହେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଦୀପ ଲଗାଇ ଟଙ୍କାର ଦୀର୍ଘ ନିରାମୟ ଜୀବନ କାମନା କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ଗଣମାଧ୍ୟମକୁ ସ୍ୱତନ୍ତ୍ର ବିବୃତ୍ତି ପ୍ରଦାନ କରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମ୍ବଲପୁରଠାରେ ସ୍ଥାପିତ ଡପ୍‌ଲର ପାଣିପାଗ ରାଡାର୍ (ଡଡଜ) ର ସ୍ୱତନ୍ତ୍ର ଆଞ୍ଚଳିକ ଗୁରୁତ୍ୱ ରହିଥିବା ବେଳେ ଏହାଦ୍ୱାରା ଓଡ଼ିଶାର ଏକ ବ୍ୟାପକ ଅଞ୍ଚଳ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ସହିତ ସାମିଲ ହୋଇ ପାରିଛି। ସେ କହିଥିଲେ ଯେ ପାରାଦୀପ ଓ ଗୋପାଳପୁର ପରେ ଏହା ରାଜ୍ୟର ତୃତୀୟ ଡପଲର ରାଡାର। ୨୪ ଘଣ୍ଟା କାର୍ଯ୍ୟକ୍ଷମ ଏହି ରାଡାର ୨୫୦ କିଲୋମିଟର ପରିଧି ମଧ୍ୟରେ ସଠିକ୍ ତଥ୍ୟ ଏବଂ ୪୫୦ କିଲୋମିଟର ପର୍ଯ୍ୟନ୍ତ ପାଣିପାଗର ଗତିବିଧି ପୂର୍ବାନୁମାନ କରିପାରିବ। ଏହାଦ୍ୱାରା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, କଳାହାଣ୍ଡି, କେନ୍ଦୁଝର ଓ ଢେଙ୍କାନାଳ ଆଦି ୧୩ଟି ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡର କିଛି ଅଞ୍ଚଳ ଉପକୃତ ହେବେ।



## ଭିଜିବ ଦକ୍ଷିଣ ଓଡ଼ିଶା

ଭୁବନେଶ୍ୱର, ୧୬।୯(ନି.ପ୍ର.): ଆସୁଛି ଆଉ ଏକ ଲଘୁଚାପ । ପୁଣି ଭିଜିବ ଦକ୍ଷିଣ ଓଡିଶା । ଆଜି ସକାଳେ ଉତ୍ତର ଥାଇଲାଣ୍ଡ ଉପରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ । ୧୯ରେ ଉତ୍ତର ଆଣ୍ଡାମାନ ସାଗରରେ ଲଘୁଚାପ ସମ୍ଭାବନା । ପରବର୍ତ୍ତୀ ୩-୪ଦିନରେ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ । ଦକ୍ଷିଣ ଓଡିଶା ଓ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ମୁହାଁ ହେବ ।ଓଡିଶା, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡରେ ବର୍ଷା ସମ୍ଭାବନା । ଘଣ୍ଟା ପ୍ରତି ୪୦-୫୦ କି.ମି ବେଗରେ ପବନ ହେବା ସମ୍ଭାବନା । ବଙ୍ଗୋପସାଗର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ । କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ମାଲକାନଗିରି, ଗଜପତି, ରାୟଗଡା, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନବରଙ୍ଗପୁର, ବଲାଙ୍ଗିର, ନୂଆପଡା, ସୋନପୁର ସହିତ ପୁରୀ, ଖୋର୍ଦ୍ଧା, କେନ୍ଦ୍ରପଡା, କଟକ, ଙ୍କାନଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ୨୮ ଲକ୍ଷ ଉଦ୍ୟମ ପଣ୍ଡ

ବାଲୁଗାଁ, ୧୬।୯(ନି.ପ୍ର.): ସ୍ପ୍ରେ ମାରି ଲୁଟେରା ଫେରାର । ବ୍ୟାଙ୍କ କ୍ୟାସିୟରଙ୍କ ଠାରୁ ୨୮ ଲକ୍ଷ ଉଦ୍ୟମ ପଣ୍ଡ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲୁଗାଁ ଅଞ୍ଚଳରେ । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ବାଲୁଗାଁ ଶାଖାର ଏଟିଏମରୁ ୨୮ ଲକ୍ଷ ଟଙ୍କା ଉଠାଇ ଆସୁଥିବାବେଳେ ଦୁର୍ବୃତ୍ତ ଲୁଟ କରିବାକୁ ଉଦ୍ୟମ କରିଥିଲେ । ସେମାନେ ଏକ ବାଇକରେ ଆସି ସ୍ପ୍ରେ ମାରିବା ପରେ ଟଙ୍କା ବ୍ୟାଗକୁ ଝାମ୍ପି ନେବାକୁ ଉଦ୍ୟମ କରିଥିଲେ । ହେଲେ ତାଙ୍କ ଉଦ୍ୟମ ପଣ୍ଡ ହେଲା ପରେ ଲଟେରା ସେଠାରୁ ଖସି ଫେରାର ହୋଇଯାଇଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ, ଆଜି ବ୍ୟାଙ୍କର କ୍ୟାସିୟର ରମେଶ ବେହେରା ଓ କର୍ମଚାରୀ ପ୍ରଶାନ୍ତ ନାୟକ ବ୍ୟାଙ୍କ ନିକଟରେ ଥିବା ଏଟିଏମରୁ ଏକ ବ୍ୟାଗରେ ୨୮ ଲକ୍ଷ ଟଙ୍କା ନେଇ ଚାଲି ଚାଲି ବ୍ୟାଙ୍କ ଆସୁଥିଲେ । ହଠାତ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଆଗରେ ଥିବା ପ୍ରଶାନ୍ତଙ୍କ ମୁହଁକୁ ସ୍ପ୍ରେ ମାରିଥିଲେ ।ଏହା ପରେ କ୍ୟାସିୟର ଧରିଥିବା ବ୍ୟାଗକୁ ଝାମ୍ପି ନେବାକୁ ଉଦ୍ୟମ କରୁଥିଲେ । ଏପରିକି ଉଭୟଙ୍କ ମଧ୍ୟରେ ଧସ୍ତା ଧସ୍ତି ହେଉଥିବା ସିସି ଟିଭି ଫୁଟେଜରୁ ସ୍ପଷ୍ଟ ଦେଖାଯାଉଛି । ଧସ୍ତାଧସ୍ତି ବେଳେ ଲୁଟେରା ବିଫଳ ହେବାରୁ ସେଠାରୁ ଖୋର୍ଦ୍ଧା ଅଭିମୁଖେ ଫେରାର ହୋଇଯାଇଥିବାର ସୂଚନା ମିଳିଛି ।

## ବିକ୍ରମ ପଣ୍ଡାଙ୍କ ନାଁରେ ପୁଣି ମାମଲା

ଭୁବନେଶ୍ୱର, ୧୬।୯ : ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ୧୦ ମାସ ଜେଲ୍‌ରେ ରହିବା ପରେ ନିକଟରେ ଜାମିନରେ ଆସିଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ନାଁରେ ପୁଣି ଏକ ମାମଲା ରୁଜୁ ହୋଇଛି। ସାକ୍ଷୀଙ୍କୁ ଫୋନ୍‌ରେ ଧମକଚମକ ଦେବା ଅଭିଯୋଗରେ ଏହି ମାମଲା ରୁଜୁ କରାଯାଇଛି ।ଅଭିଯୋଗ ଅନୁଯାୟୀ, ଜେଲ୍ ଭିତରେ ସେ ଜଣେ ଡାକ୍ତରଙ୍କ ଫୋନ୍ ନେଇ ସାକ୍ଷୀଙ୍କୁ ଧମକାଇ ଥିଲେ। ଏନେଇ ଗୋଷାଣୀ ନୂଆଗାଁ ଥାନାରେ ଏତଲା ପରେ ମାମଲା ରୁଜୁ ହୋଇଛି ।ସେହିପରି ମଦନ ଦଳାଇଙ୍କ ନାଁରେ ମଧ୍ୟ ରୁଜୁ ହୋଇଛି ସାନି ମାମଲା ।



ଅଗଷ୍ଟ ୩୧ ତାରିଖରେ ତାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିବା ପରେ ସେପ୍ଟେମ୍ବର ୧ ତାରିଖ ସନ୍ଧ୍ୟାରେ ସେ ବ୍ରହ୍ମପୁର ଜେଲ୍‌ରୁ ମୁକୁଳିଥିଲେ। ବିକ୍ରମ ପଣ୍ଡା ଜେଲ୍‌ରୁ ବାହାରିବା ପରେ ଦଳୀୟ ନେତା ଓ କର୍ମୀମାନେ ତାଙ୍କୁ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।

ବିକ୍ରମ ପଣ୍ଡାଙ୍କୁ ଗିରଫଦାରୀର ଆଧାର/କାରଣ ସଂକ୍ରାନ୍ତରେ ଗିରଫ ବେଳେ ଅବଗତ କରାଯାଇ ନଥିଲା ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଗିରଫ କରିଥିବା ଅଧିକାରୀ ଏହି ପ୍ରସଙ୍ଗରେ ଆଇନରେ ଥିବା ବ୍ୟବସ୍ଥା ପାଳନ କରି ନଥିଲେ। ସମ୍ବିଧାନର ଧାରା ୨୨(୧) ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୪୭ ଓ ୪୮ରେ ରହିଥିବା ବ୍ୟବସ୍ଥା ଅନୁସାରେ ତଥା ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ଶ୍ରୀ ପଣ୍ଡାଙ୍କୁ ଗିରଫଦାରୀର କାରଣ ସଂକ୍ରାନ୍ତରେ ଅବଗତ କରାଯାଇ ନଥିଲା। ଏହା ସମ୍ବିଧାନର ଧାରା ୨୨(୧)ରେ ଆବେଦନକାରୀଙ୍କୁ ପ୍ରଦାନ କରାଯାଇଥିବା ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ହାଇକୋର୍ଟ କହିଛନ୍ତି। ଏପରି ଗିରଫଦାରୀ ଅବୈଧ ହୋଇଥିବାରୁ ଆବେଦନକାରୀଙ୍କୁ ସର୍ତ୍ତମୂଳକ ଜାମିନରେ ଛାଡ଼ିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟଙ୍କ ଭିହାନ କୁମାର ଓ ମିହିର ରାଜେଶ ଶାହା ମାମଲାର ରାୟ ପରେ ମଧ୍ୟ ଅଭିଯୁକ୍ତଙ୍କ ଗିରଫଦାରୀ ବେଳେ ପୁଲିସ ପ୍ରଶାସନ ବାଧ୍ୟତାମୂଳକ ଆଇନଗତ ବ୍ୟବସ୍ଥା ଠିକ୍ ଭାବେ ପାଳନ କରୁନାହିଁ। ତେଣୁ ଏହି ରାୟର ନକଲ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଓ ପୁଲିସ ଡିଜିଙ୍କୁ ପଠାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ନ୍ୟୁଜିଲ୍ୟାଣ୍ଡ ସଂସଦରେ ଭାରତ ସହ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ମଞ୍ଜୁରୀ

ଅକଲାଣ୍ଡ, ୧୬।୯(ନି.ପ୍ର.): ନ୍ୟୁଜିଲ୍ୟାଣ୍ଡ ସଂସଦ ଭାରତ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ପାଇଁ ଆଗତ ବିଲ୍‌କୁ ମଞ୍ଜୁରୀ ଦେଇଛି। ଏହି ଐତିହାସିକ ବାଣିଜ୍ୟ ଚୁକ୍ତି ସଂସଦରେ ପାରିତ ହେବା ପରେ ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର୍ ଲକ୍ସନ୍ ଖୁସି ବ୍ୟକ୍ତ କରିଛନ୍ତି। ସଂସଦରେ ହୋଇଥିବା ଭୋଟିଂରେ ଏହି ବିଲ୍ ସପକ୍ଷରେ ୯୩ଟି ଭୋଟ୍ ମିଳିଥିବା ବେଳେ ବିପକ୍ଷରେ ୨୯ଟି ଭୋଟ୍ ପଡ଼ିଥିଲା। ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର୍ ଲକ୍ସନ୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକସ୍' (ଟ୍ୱିଟର)ରେ ଏକ ପୋଷ୍ଟ ଶେୟାର କରି ଏହି ସୂଚନା ଦେଇଛନ୍ତି ।ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, 'ଆଜି ସଂସଦରେ ଏହି ଚୁକ୍ତି ସମ୍ବନ୍ଧୀୟ ବିଲ୍ ଅନ୍ତିମ ଭୋଟିଂରେ ପାରିତ ହୋଇଛି। ଆମେ କହିଥିଲୁ ଯେ ପ୍ରଥମ କାର୍ଯ୍ୟକାଳ ମଧ୍ୟରେ ହିଁ ଭାରତ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ହାସଲ କରିବୁ। ଆଜି ଏହି ଚୁକ୍ତି ସଂସଦରେ ଆନୁଷ୍ଠାନିକ ଭାବେ ଗୃହୀତ ହୋଇଛି।'ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଚୁକ୍ତି ନ୍ୟୁଜିଲ୍ୟାଣ୍ଡର ବ୍ୟବସାୟୀ ଏବଂ ରପ୍ତାନିକାରୀଙ୍କ ପାଇଁ ଭାରତର ୧୪୦ କୋଟି ଜନସଂଖ୍ୟାବିଶିଷ୍ଟ ବିଶାଳ ବଜାରକୁ ସହଜ ପ୍ରବେଶ ଅଧିକାର ଦେବ। ଏହା ଜୀବନକାଳରେ ଥରେ ମିଳୁଥିବା ଏକ ବିରାଟ ସୁଯୋଗ।

## ଭାରତୀୟ ନୌସେନା ଜାହାଜ ସହ ପିଟି ହେଲା ପାକିସ୍ତାନ ସେନା ଜାହାଜ

ନୂଆଦିଲ୍ଲୀ, ୧୬।୯ : ଅନ୍ତର୍ଜାତୀୟ ଜଳ ରାଶିରେ ବଡ ଅଘଟଣ। ପାକିସ୍ତାନ ନୌସେନାର ଗୋଟିଏ ଜାହାଜ ହଠାତ୍ ଭାରତୀୟ ନୌସେନାର ଜାହାଜକୁ ଦେଇଛି ଧକ୍କା। ଏହି ଘଟଣାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଦୃଢ଼ ପ୍ରତିବାଦ କରିଛି। ଭାରତରେ ଅବସ୍ଥିତ ପାକିସ୍ତାନ ହାଇକମିଶନର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବୈଦେଶିକ ମନ୍ତ୍ରଣାଳୟ ସମନ କରିଛି ।ସମୁଦ୍ରରେ ପାକିସ୍ତାନ ନୌସେନାର ଏପରି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ଓ ପାକିସ୍ତାନର ଆଚରଣ ସଂପୂର୍ଣ୍ଣ ଅଣପେସାଦାର ବୋଲି ଭାରତ ପକ୍ଷରୁ କୁହାଯାଇଛି।

ଗତବର୍ଷର ଅପରେସନ ସିନ୍ଦୂର ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ଚାଲିଥିବା ବେଳେ ଏପରି ଘଟଣା ସାମ୍ନାକୁ ଆସିଛି ।ପୂରା ଘଟଣା ସେପ୍ଟେମ୍ବର ୧୫ ତାରିଖ ସନ୍ଧ୍ୟା ସମୟରେ ଘଟିଥିଲା। ଭାରତୀୟ ଯୁଦ୍ଧ ଜାହାଜ ଉତ୍ତର ଆରବ ସାଗରରେ ନିୟମିତ ସର୍ଭ ?ଲାନ୍ସ କାମରେ ନିୟୋଜିତ ଥିଲା। ଏହି ସମୟରେ ପାକିସ୍ତାନୀ ନୌସେନାର ଗୋଟିଏ ଜାହାଜ ଦ୍ରୁତଗତିରେ ସେଠାରେ ପହଞ୍ଚିବା ସହ ଭାରତୀୟ ଜାହାଜକୁ ଧକ୍କା ଦେଇଥିଲେ। ଗୋଟିଏ ବିବୃତିରେ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଘଟଣା ଅନ୍ତର୍ଜାତୀୟ ଜଳରେ ଘଟିଥିବା ବେଳେ ଏଥିରେ କୌଣସି ବଡଧରଣର କ୍ଷୟକ୍ଷତି ହୋଇନାହିଁ। କିନ୍ତୁ ପାକିସ୍ତାନୀ ନୌସେନା ଜାହାଜର ଏପରି ଆଚରଣ ୧୯୯୧ ମସିହାରେ ହୋଇଥିବା ଚୁକ୍ତିର ଧାରା ୧୦ର ସିଧା ଉଲ୍ଲଙ୍ଘନ ।ଏହି ଧାରାରେ ଭାରତ ଓ ପାକିସ୍ତାନ କୌଣସି ସାମରିକ ଅଭ୍ୟାସ, ଯୁଦ୍ଧାଭ୍ୟାସ ଓ ସେନା ବାହିନୀ ଚଳପ୍ରଚଳ କରିବା ସମୟରେ ଆଗରୁ ସୂଚନା ଦେବାକୁ ବାଧ ବୋଲି କୁହାଯାଇଛି।

## ନଦୀରେ ବୁଡି ଦୁଇ ଛାତ୍ର ମୃତ

ବ୍ରହ୍ମପୁର, ୧୬।୯(ନି.ପ୍ର.): ଗଞ୍ଜାମଜିଲ୍ଲା ହିଞ୍ଜିଳିକାଟୁର ଘୋଡାହାଡ ନଦୀରେ ଘଟିଛି ଏହି ଦୁଃଖଦ ଘଟଣା। ମୃତକ ଦ୍ୱୟ ହେଉଛନ୍ତି ହିଞ୍ଜିଳିକାଟୁ ପୌରାଞ୍ଚଳ ଗଜପତି ମାର୍ଗ ଅଞ୍ଚଳର ଆଦର୍ଶ ସାହୁ (୧୪) ଓ ଗାୟତ୍ରୀ ନଗରର ପ୍ରୀତମ ସାମେଲି (୧୪) କ୍ଷ ଉଭୟ ଛାତ୍ର ତାଙ୍କର ସାଙ୍ଗମାନଙ୍କ ସହ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଘୋଡ଼ାହାଡ଼ ନଦୀକୁ ଯାଇଥିଲେ। ବିସର୍ଜନ ସମୟରେ ଅସାବଧାନତାବଶତଃ ଉଭୟ ଗଭୀର ପାଣିକୁ ଚାଲିଯାଇ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଓ ଦମକଳ ବାହିନୀ କର୍ମଚାରୀମାନେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ନଦୀରୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ହେଁ, ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

## ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ପାଳନ ହେଲା 'ନୂଆଁଖାଇ'

ନୂଆଦିଲ୍ଲୀ, ୧୬।୯: ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ' ଅବସରରେ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର ଠାରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିର ଚିତ୍ତାକର୍ଷକ ପ୍ରଦର୍ଶନକୁ ଉପଭୋଗ କରିଛନ୍ତି । ଏହି ଅବସରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିରେ ଓଡ଼ିଶୀ, ସମ୍ବଲପୁରୀ, ଘୁମୁରା, ଲାଞ୍ଜିଆ ସଉରା ଏବଂ କୋରାପୁଟର ପ୍ରସିଦ୍ଧ 'ଢେମସା' ନୃତ୍ୟ ସାମିଲ ଥିଲା ।

## ଦାରା ମୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ ରାୟକୁ ଅପେକ୍ଷା

ଭୁବନେଶ୍ୱର, ୧୬।୯ : ଗ୍ରାହାମ୍ ଷ୍ଟେନ୍ସ ଓ ତାଙ୍କ ଦୁଇ ଶିଶୁପୁତ୍ରଙ୍କୁ ଗାଡି ଭିତରେ ଜୀଅନ୍ତା ପୋଡି ମାରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ପ୍ରାୟ ୨୬ବର୍ଷରୁ ଅଧିକ ସମୟ ଧରି କାରାଗାରରେ ବନ୍ଦୀ ଥିବା ରବୀନ୍ଦ୍ର କୁମାର ପାଲ୍ ଓରଫ୍ ଦାରା ସିଂ କାରାମୁକ୍ତ ହେବ କି ନାହିଁ ତାହା ଏବେ ସୁପ୍ରିମକୋର୍ଟଙ୍କ ରାୟ ଉପରେ ନିର୍ଭରେ କରେ ।

ଓଡିଶା ସରକାରଙ୍କ ରାଜ୍ୟ ଦଣ୍ଡ ହ୍ରାସ ସମୀକ୍ଷା ବୋର୍ଡ କାରାମୁକ୍ତି ପାଇଁ ଦାରାଙ୍କ ଅବେଦନକୁ ଆଉଥରେ ଖାରଜ କରିଦେବା ଯୋଗୁ ଦାରାଙ୍କ ମୁକ୍ତି ଅପେକ୍ଷାରେ ଥିବା ତାଙ୍କ ସମର୍ଥକମାନେ ନିରାଶ ହୋଇପଡିଛନ୍ତି । ଅତୀତରେ ଗୁଜରାଟ ସରକାର ଏକ ଗଣଧର୍ଷଣ ଓ ଗଣହତ୍ୟା ମାମଲାରେ ୧୧ଜଣ ଅପରାଧୀଙ୍କୁ କାରାମୁକ୍ତ କରିବା ଘଟଣାକୁ ନାପସନ୍ଦ କରି ଏହି ଅପରାଧୀମାନଙ୍କୁ ପ୍ରାୟ ବର୍ଷ ପରେ କାରାଗାରକୁ ଫେରଇ ଆଣିବା ଲାଗି ମାତ୍ର ଦୁଇବର୍ଷ ତଳେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଦାରାଙ୍କ କାରାମୁକ୍ତି ଏବେ ପ୍ରଶ୍ନବାଚୀ ଘେରରେ ରହିଛି ।

ଏଠାରେ ଉଲ୍ଲେଖନୀୟ ଯେ ୧୯୯୯ ଜାନୁଆରୀ ମାସରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ୍ ଷ୍ଟେନ୍ସ ଏବଂ ତାଙ୍କ ଦୁଇ ଶିଶୁପୁତ୍ର ଫିଲିପ୍ ଓ ତିମୋଥି ମନୋହରପୁରଠାରେ ଏକ ମୋଟର ଗାଡିରେ ଶୋଇଥିବାବେଳେ ସେମାନଙ୍କୁ ଗାଡି ସହ ଜୀଅନ୍ତା ପୋଡି ମାରିଦିଆଯାଇଥିଲା । ଏହି ବର୍ବରୋଚିତ ହତ୍ୟାକାଣ୍ଡ ସେ ସମୟରେ ଦେଶ ବିଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଅପରାଧ ଘଟାଇବା ପରେ ଦାରା ଫେରାର ହୋଇଥିଲା ଏବଂ ଦୀର୍ଘଦିନ ପରେ ତାଙ୍କୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲା ।

ଏହି ମାମଲାର ବିଚାର କରି ଭୁବନେଶ୍ୱରର ସ୍ୱତନ୍ତ୍ର ସିବିଆଇ କୋର୍ଟ ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ର କୁମାର ପାଲ୍ ଓରଫ୍ ଦାରା ସିଂକୁ ମୃତ୍ୟୁ ଦଣ୍ଡାଦେଶ ଦେବା ସହ ଅନ୍ୟମାନଙ୍କୁ ମଧ୍ୟ ଆଜୀବନ ଓ ନିର୍ଦ୍ଦିଷ୍ଟ ଅବଧି ଲାଗି କାରାଦଣ୍ଡାଦେଶ ଦେଇଥିଲେ । ଏହି ରାୟ ବିରୋଧରେ ଅପରାଧୀମାନଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା । ହାଇକୋର୍ଟ ଦାରାଙ୍କ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ରୂପାନ୍ତରିତ କରିଥିଲେ । ଇତିମଧ୍ୟରେ କାରାଦଣ୍ଡ ଭୋଗୁଥିବା ଅନ୍ୟ ଅପରାଧୀମାନେ କାରାବାସ କାଟି ମୁକ୍ତ ହୋଇଛନ୍ତି । ଦାରାର ଅନ୍ୟତମ ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ୍ ଆଜୀବନ କାରାଦଣ୍ଡ ଭୋଗୁଥିଲେ ମଧ୍ୟ ରାଜ୍ୟ ଦଣ୍ଡ ହ୍ରାସ ସମୀକ୍ଷା ବୋର୍ଡର ସୁପାରିସ ଆଧାରରେ କାରାମୁକ୍ତ ହୋଇଛନ୍ତି ।

ପୂର୍ବରୁ କାରାମୁକ୍ତି ପାଇଁ ଦାରା ଅନେକଥର ରାଜ୍ୟ ସରକାରଙ୍କୁ ଆବେଦନ କରିଛନ୍ତି । ତେବେ ବାରମ୍ବାର ତାଙ୍କ ଆବେଦନ ଖାରଜ ହୋଇଛି । ଏ ପରିପ୍ରେକ୍ଷୀରେ ୨୦୨୨ ମସିହାରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଯୁବକ ଅବସ୍ଥାରେ ସେ କରିଥିବା ଅପରାଧ ପାଇଁ ଅନୁତପ୍ତ ବୋଲି ଉଲ୍ଲେଖ କରିବା ସହିତ ଏବେ ସେ ବାର୍ଦ୍ଧକ୍ୟରେ ଉପନୀତ ହୋଇଥିବାରୁ ତାଙ୍କୁ କାରାମୁକ୍ତ କରିବା ଲାଗି ଯୁକ୍ତି ବାଢିଛନ୍ତି । ଏହି ମାମଲାରେ ରାଜ୍ୟ ସରକାର ବାରମ୍ବାର ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଛନ୍ତି । ସରକାର ଯଦି ଏ ପ୍ରସଂଗରେ ନିଷ୍ପତ୍ତି ନିଅନ୍ତି ତେବେ ସୁପ୍ରିମକୋର୍ଟ ତାଙ୍କ ରାୟ ଶୁଣାଇବେ ବୋଲି ରୋକ୍‌ଠୋକ୍ ଭାବେ କହିଛନ୍ତି । ମାମଲାର ଶୁଣାଣି ଚଳିତ ମାସ ୧୭ ତାରିଖରେ ହେବାକୁ ଥିବାବେଳେ ତାହା ପୂର୍ବରୁ ରାଜ୍ୟ ସରକାରଙ୍କ ଦଣ୍ଡ ହ୍ରାସ ସମୀକ୍ଷା ବୋର୍ଡ ଦାରାଙ୍କ ଆବେଦନକୁ ଖାରଜ କରିଛନ୍ତି । ସମ୍ବିଧାନର ବ୍ୟବସ୍ଥା ମୁତାବକ ଦଣ୍ଡାଦେଶ କୋହଳ ଓ କ୍ଷମା ପ୍ରଦାନ କରିବା କ୍ଷମତା ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କର ରହିଛି । ପୂର୍ବରୁ ଅନେକଥର ଦାରାର କାରାମୁକ୍ତି ପାଇଁ ସମର୍ଥକମାନଙ୍କ ପକ୍ଷରୁ ଧାରଣା ଓ ଆନ୍ଦୋଳନ ଆଦି ହୋଇଛି । ତାଙ୍କ କାରାମୁକ୍ତିକୁ ମଧ୍ୟ ବିଭିନ୍ନ ମହଲରୁ ବିରୋଧ ହେଉଛି ।

## ବଜ୍ରାଘାତ ନେଲା ଦୁଇ ଜୀବନ

ଆନନ୍ଦପୁର, ୧୬।୯ : ଆନନ୍ଦପୁର ଅଞ୍ଚଳରେ ବଜ୍ରାଘାତ ନେଇଛି ଦୁଇ ଜୀବନ। ଭିନ୍ନ ଭିନ୍ନ ଦୁଇଟି ଯାଗାରେ ଜଣେ ଯୁବକ ଓ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ପ୍ରଥମ ଘଟଣା ଆନନ୍ଦପୁର ଥାନା ପଦ୍ମପୁର ଗାଁରେ ଘଟିଥିବା ବେଳେ ଦ୍ୱିତୀୟ ଘଟଣାଟି କଣ୍ଟିପାଳ ଗାଁରେ ଘଟିଛି ।ବିଲରେ କାମ କରିବାକୁ ଯାଇଥିବା ବେଳେ ହଠାତ୍ ବଜ୍ରାଘାତର ଶିକାର ହୋଇଥିଲେ ପଦ୍ମପୁର ଗାଁର ପପୁ ସାହୁ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବାବାର ସୂଚନା ମିଳିଛି ।



ସେହିପରି କଣ୍ଟିପାଳ ଗାଁରେ ମଧ୍ୟ ବଜ୍ରାଘାତରେ ଜଣେ ମହିଳାଙ୍କ ଜୀବନ ଯାଇଛି। ମହିଳା ଜଣକ ଘର ଦୁଆରମୁହଁକୁ ବାହାରି ଆସିଥିବା ସମୟରେ ହଠାତ୍ ବଜ୍ରାଘାତ ହୋଇଥିବା ଜଣାପଡ଼ିଛି। ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ସବିତା ବାରିକ ବୋଲି ଜଣାପଡ଼ିଛି। ଗୋଟିଏ ଦିନରେ ଭିନ୍ନ ଦୁଇଟି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁକୁ ନେଇ ଆନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୁଇ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



# ନୂଆଁଖାଇ ଭେଟଘାଟ ସଦାଇପାଲି ନବଜ୍ୟୋତି କ୍ଲବ

ବଲାଙ୍ଗିର୧୬।୯ :(ମନ୍ଥନ)କାଲି ସନ୍ଧ୍ୟା ଘ.୭ ସମୟରେ ସଦାଇପାଲି ନବଜ୍ୟୋତି କ୍ଲବ ପ୍ରାଙ୍ଗଣରେ ନୂଆଁଖାଇ ଭେଟଘାଟ ଉତ୍ସବ ପାଳନ କରାଯାଇଥିଲା । ଉକ୍ତ ଉତ୍ସବରେ ନବଜ୍ୟୋତି କ୍ଲବ ର ସଭାପତି ବାସୁଦେବ ମୁଗ୍ରୀ, ଆଇନଜିବୀ ଅର୍ଜୁନ ମୁଗ୍ରୀ, ପଡାର ୱାର୍ଡ ମେମ୍ବର ରୁକ୍ମଣୀ ବାଗ ଓ ଆଶା କର୍ମୀ ସବିତା ସୁନା ମଂଚାସିନ ଥିଲେ । ଚଳିତ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଥିବା ସନ୍ଦେଶ ମୁଗ୍ରୀ ଓ ଦ୍ୱାଦଶ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଥିବା ଅନିକେତ ମୁଗ୍ରୀ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କୁନି କୁନି କଳାକାର



ଝିଅମାନେ ପୁଅମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଦୁଇ ଜଣ କଣ୍ଠ ଶିଳ୍ପୀ ଟିକୁ ଓ ବିଶି ନୁଆଁଖାଇ ଉପରେ ସଂଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ରିଷିକେଶ ମୁଗ୍ରୀ ପରିଚାଳନା କରିଥିଲେ ଓ ରାଜେନ୍ଦ୍ର ରାଏ ନିର୍ଦ୍ଦେଶନା ଓ ଧନ୍ୟବାଦ ଦେଇଥିଲେ ।

# ପିପିଲିରେ ୮ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ 'ନେସନ ବିଲ୍ଡର ଆୱାର୍ଡ'

ପିପିଲି,୧୬।୯ :(ମନ୍ଥନ) ଶିକ୍ଷା କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ଓ ଯୁବପିଢ଼ିକୁ ଉତ୍ତମ ମାର୍ଗଦର୍ଶନ ପାଇଁ ପିପିଲି ବ୍ଲକ ର ୮ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କୁ 'ନେସନ ବିଲ୍ଡର ଆୱାର୍ଡ'ରେ ସମ୍ମାନିତ କରାଯାଇଛି । ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଡୋଜ୍ ପକ୍ଷରୁ 'ସର୍ଭିସ୍ ଅବଭ୍ ସେଲ୍ଫ' ଭାବନାକୁ ସମ୍ମାନ ଜଣାଇ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଗୋବର୍ଦ୍ଧନପୁର ୟୁଜିୟୁପି ସ୍କୁଲର ପ୍ରଧାନ ଶିକ୍ଷକ ହରପ୍ରିୟା ନନ୍ଦ, ପୋଡ଼ାଗୁଣ ସ୍କୁଲ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଦାସ, ଶୁଆବାରି ସ୍କୁଲର ଶିକ୍ଷକ ଜୟ ପ୍ରକାଶ ପ୍ରଧାନ, ବାରିମୂଳ ସ୍କୁଲ ପ୍ରଧାନ ଶିକ୍ଷକ ସୌଭାଗ୍ୟ ସାହୁ, ଶାସ୍ତ୍ରିଜୀ ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନାୟକ, ଜଗନ୍ନାଥ ପୁର ସ୍କୁଲ




ସିପ୍ରା ନାୟକ, ହାଟ ସାହି ପଂଚାୟତ ନୋଡାଲ ହାଇସ୍କୁଲ ଶିକ୍ଷୟତ୍ରୀ ସୁଶ୍ରୀ ସଂଗୀତା ମହାପାତ୍ର, ସୁହାଗପୁର ସ୍କୁଲ ସବିତା ମହାପାତ୍ର ଙ୍କୁ ପ୍ରେରଣାଦାୟୀ ଶିକ୍ଷାଦାନ ଏବଂ ବହୁବିଧ ଶିକ୍ଷାଗତ ଉତ୍କର୍ଷ ପାଇଁ ଏହି ସମ୍ମାନ ମିଳିଛି । ଶିକ୍ଷା କ୍ଷେତ୍ରରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ସମ୍ମାନ ପିପିଲି ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ପିପିଲି ବ୍ଲକ ଶିକ୍ଷକ ତଥା ରାଜ୍ୟ ପ୍ରାଥମିକ ଶିକ୍ଷକ ସଙ୍ଘ ମହାସଚିବ ବିକ୍ରମ ରଥ ଉପସ୍ଥିତ ରହିଥିଲେ ।

# ମନ୍ତ୍ରୀ ରବିନାରାୟଣ ନାଏକଙ୍କ ମାତୃ ବିୟୋଗ

କୁଚିଣ୍ଡା,୧୬।୯ :(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଖଣ୍ଡୋକଟା ଗ୍ରାମରେ ଓଡ଼ିଶାର ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ପାରିବାରିକ ଦୁଃଖରେ ସାମିଲ ହୋଇଛନ୍ତି ରାଜ୍ୟ ସରକାର । କ୍ୟାବିନେଟ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ପୂଜ୍ୟ ମାତାଙ୍କ ପରଲୋକ ପରେ ଆଜି ତାଙ୍କ ପୈତୃକ ଗ୍ରାମ ଖଣ୍ଡୋକଟାଠାରେ ଦ୍ୱାଦଶାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।ମୁଖ୍ୟମନ୍ତ୍ରୀ ଖଣ୍ଡୋକଟା ସ୍ଥିତ ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ଏହି ଶୋକାକୁଳ ପରିବେଶରେ



ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗ, ବିଶେଷ କରି ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଭେଟି ସମବେଦନା ଜଣାଇ ଧୈର୍ଯ୍ୟ ଧରିବାକୁ ସାନ୍ତ୍ୱନା ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ମାତାଙ୍କ ସ୍ଥାନ ସଂସାରରେ ଅତୁଳନୀୟ । ତାଙ୍କ ବିୟୋଗ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି । ଏହି ଦୁଃଖ ସମୟରେ ପ୍ରଭୁ ଜଗନ୍ନାଥ ସମଗ୍ର ପରିବାରକୁ ଧୈର୍ଯ୍ୟ ଏବଂ ସାହସ ପ୍ରଦାନ କରନ୍ତୁ ।' ଏହି କାର୍ଯ୍ୟକ୍ରମରେ ବହୁ ବିଧାୟକ, ସାଂସଦ, ରାଜନୈତିକ ବ୍ୟକ୍ତିବିଶେଷ, ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ସ୍ଥାନୀୟ ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ କୁଚିଣ୍ଡା ଓ ଖଣ୍ଡୋକଟା ଅଞ୍ଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ସ୍ୱର୍ଗତ ମାତାଙ୍କର ସ୍ନେହୀ ଓ ଧର୍ମପରାୟଣ ସ୍ୱଭାବକୁ ମନେ ପକାଇ ଶୋକ ପ୍ରକାଶ କରିଥିଲେ ।

# ମାଛପଡା କ୍ଲଷ୍ଟର ସ୍ତରୀୟ ଉଲ୍ଲାସ ତାଲିମ

ଡେଲାଙ୍ଗ, ୧୬।୯ :(ମନ୍ଥନ)ଡେଲାଙ୍ଗ ବ୍ଲକ ର ମାଛପଡା ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୁଲ୍ୟରେ ସରକାରୀ ଉଚ୍ଚବିଦ୍ୟାଳୟ ବେରବୋଇ ଠାରେ କ୍ଲଷ୍ଟର ସ୍ତରୀୟ ଉଲ୍ଲାସ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ମାଛପଡା ଆଞ୍ଚଳିକ ସାଧନ କେନ୍ଦ୍ରାଧୀନ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଉଲ୍ଲାସ ଅନୁଧ୍ୟାନ ସହ ସଂପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ପୁନଃ ବିଧିବଦ୍ଧ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସିଆରସିସି ସୁଦିପ୍ତ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଧାନଶିକ୍ଷକ/ ଶିକ୍ଷୟିତ୍ରୀ ଓ ଉଲ୍ଲାସ ସର୍ଭେ? କରୁଥିବା ଶିକ୍ଷକ/



ଶିକ୍ଷିକାମାନଙ୍କୁ ନେଇ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ପ୍ରଶିକ୍ଷକ ସୁଦିପ୍ତ କୁମାର ପରିଡ଼ା ଓ ପ୍ରଶିକ୍ଷକ ସତ୍ୟକାମ ମହାପାତ୍ର ସମସ୍ତଙ୍କୁ ସଠିକ୍ ମାର୍ଗରେ ତାଲିମ ପ୍ରଦାନ କରିଥିଲେ । ଆଗାମୀ ତା-୨୦. ୯.୨୦୨୬ରିଖରେ ହେବାକୁ ଥିବା ଉଲ୍ଲାସ ପରୀକ୍ଷାର୍ଥୀମାନଙ୍କୁ ଯାଞ୍ଚ ପରେ ତାଲିକାରେ ସ୍ଥାନ ପାଇଥିବା 'ମନୋନୀତ ଶିକ୍ଷାର୍ଥୀ'ମାନଙ୍କର ତାଲିକା ଉଲ୍ଲାସ ୱେବ ପୋର୍ଟାଲ ମାଧ୍ୟମରେ ସଂଯୋଗ ପଞ୍ଜୀକରଣ, ମାର୍କ ଓ ସାର୍ଟିଫିକେଟ ପ୍ରଦାନ କରିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ବେରବ?ଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ କାମିନୀ ପ୍ରଭା ବେହେରା ସଭାପତିତ୍ୱ କରିଥିଲେ । ଏହି ତାଲିମ ଶିବିରରେ ଡେଲାଙ୍ଗ ମଣ୍ଡଳ ଉଲ୍ଲାସ ନୋଡାଲ ଅଧିକାରୀ ତଥା ଏବିଇଓ ଲକ୍ଷ୍ମଣ ପ୍ରଧାନ ଉପସ୍ଥିତ ରହି ଭାରତ ସରକାରଙ୍କ ସାକ୍ଷରତା କାର୍ଯ୍ୟକ୍ରମରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ଅଣସାକ୍ଷର ବ୍ୟକ୍ତି ମାନଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟ ସଫଳ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ ।

# ଭାଲୁଖାଇଡିପ ଗ୍ରାମରେ ନୂଆଁଖାଇ ଉତ୍ସବ ପାଳିତ

ଛେଣ୍ଡିପଦା,୧୬।୯ :(ମନ୍ଥନ) ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତଥା ପାଟ କୁମୁଣ୍ଡା । ଗ୍ରାମ ପଞ୍ଚାୟତ ଅଧୀନ ଭାଲୁଖାଇଡିପ ଗ୍ରାମ ସ୍ଥିତ ଆରାଧ୍ୟା ତଥା ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ ମନ୍ଦିର ପରିସରରେ ପବିତ୍ର ନୂଆଁଖାଇ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ସର୍ବ ପ୍ରଥମେ ଶିବ ମନ୍ଦିର ନିକଟରେ ପ୍ରବାହିତ ଚିର ଶ୍ରୋତା ଆଉଁଲି ନଦୀ ପଠାରେ ଯଥାବିଧି ପୂଜାର୍ଚ୍ଚନା ସାଙ୍ଗକୁ ସୂର୍ଯ୍ୟ ପୂଜା କରାଯାଇଥିଲା । ଏହାପରେ ଅତ୍ୟନ୍ତ ନିଷ୍ଠାର ସହ ମହିଳା ଭକ୍ତ ଶ୍ରଦ୍ଧାଳୁ ଓ ମାନସିକ ଧାରୀ ମାନେ ଉପାସନା ପୂର୍ବକ କଳସରେ ଜଳ ଭର୍ତ୍ତି କରି ଏକ ବିରାଟ କଳସ ଶୋଭାଯାତ୍ରାରେ ଆସି ମନ୍ଦିର ବେଢ଼ା ପରିକ୍ରମା କରିବା ସହ ପହଞ୍ଚିଥିଲେ । ଏଥିସହ ଶ୍ରଦ୍ଧାଳୁ ଭକ୍ତମାନେ ଯଜ୍ଞ କର୍ତ୍ତା ବ୍ରଜବନ୍ଧୁ ସାହୁ ଙ୍କ ଘରକୁ ନୂଆଁଖାଇ ପୂଜା ସକାଶେ ନୂଆ ଧାନରୁ ପ୍ରସ୍ତୁତ ଢେଙ୍କି କୁଟା ଚାଉଳରେ ତିଆରି ହୋଇଥିବା ନା ନା




ପ୍ରକାର ନବାନ୍ନ ଭୋଗ ଓ ନୂଆଁଖାଇ ପୂଜା ଭୋଗ ଆଣିବା ପାଇଁ ଯାଇଥିଲେ ଏବଂ ଯଜ୍ଞ କର୍ତ୍ତାଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଛୋଟି ଆଣିଥିଲେ । ଏହି ଅବସରରେ ମା ଙ୍କ ମନ୍ଦିର ଠାରେ ଯଥାବିଧି ପୂଜାନୀତି ସାଙ୍ଗକୁ ପୂଜାର୍ଚ୍ଚନା କରାଯାଇଥିଲା । ହୋମ ଯଜ୍ଞ, ପୁରାଣ ପାଠ, ନାମ ସଂକୀର୍ତ୍ତନ, ନୂଆଁଖାଇ ଭୋଗ ଅର୍ପଣ, ସାମୁହିକ ନୂଆଁଖାଇ ଭୋଗ ଓ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ମନ୍ଦିର ପୂଜକ ବସନ୍ତ କୁମାର ଦେହୁରୀ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ ।ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି, ଭକ୍ତ, ଶ୍ରଦ୍ଧାଳୁ, ଯାତ୍ରୀ ଓ ମାନସିକ ଧାରୀ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ବିଧାୟକ ଅଗସ୍ତି ବେହେରା, ସ୍ଥାନୀୟ ସରପଞ୍ଚ ସୁପ୍ରଭା ବିଶ୍ୱାଳ, ଟାଙ୍ଗିରୀ ପଞ୍ଚାୟତ ସରପଞ୍ଚ ଅମରେଶ ନାଥ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁ ସୁଦନ ପ୍ରଧାନ ଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଓଡିଶୀ ନାମ ସଂକୀର୍ତ୍ତନ ମଣ୍ଡଳୀ, ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ନାମ ସଂକୀର୍ତ୍ତନ ଓ ଭଜନ ଜଣାଣ ପରିବେଷଣ କରିଥିଲେ । ମନ୍ଦିର ପରିଚାଳନା କମିଟି ସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ବ୍ରଜବନ୍ଧୁ ସାହୁ, ସଦସ୍ୟ ଭାଗିରଥି ସାହୁ, ମୀନ କେତନ ସାହୁ, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଟୁନା ସାହୁ, ସମ୍ପାଦକ ଫକିର ସାହୁ ଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ଆୟୋଜନ କରିବା ସହ ପରିଚାଳନା କରିଥିଲେ । ଏଥିରେ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ ।

## ମଦ୍ୟପାନ କରି ବାଇକ ଚଳାଇବା ଅଭିଯୋଗ, ୨ବାଇକ ଜବତ

ବଲାଙ୍ଗା,୧୬।୯ :(ମନ୍ଥନ)ମଦ୍ୟପାନ କରି ସର୍ବ ସାଧାରଣ ସ୍ଥାନରେ ବେପରୁଆ ଭାବେ ବାଇକ ଚଳାଇବା ୨ଜଣ ଯୁବକଙ୍କ ପାଇଁ ମହଙ୍ଗା ହୋଇଛି । ପୋଲିସ ୨ଯୁବକଙ୍କ ବିରୁଦ୍ଧରେ ଥାନାରେ ମାମଲା ରୁଜୁ କରିବା ସହ ସେମାନଙ୍କର ୨ଟି ବାଇକକୁ ଜବତ କରିଛି । ସୂଚନା ମୁତାବକ ବଲଙ୍ଗା ଥାନା ପୋଲିସ ପକ୍ଷରୁ ମଙ୍ଗଳ ବାର ଦିନ ଏହି ଥାନା ଅନ୍ତର୍ଗତ ବିଲ ଗୋରଡା ଛକ ଠାରେ ଯାନ ବାହନ ଚେକିଂ ଚାଲିଥିବା ବେଳେ ଏହି ଥାନା ଅନ୍ତର୍ଗତ ଗଡ ପଦନପୁର ଗ୍ରାମର ଦୀପକ ବେହେରା ନାମକ ଜଣେ ଯୁବକ ବଲଙ୍ଗା ପଟୁ ଦ୍ରୁତ ଗତିରେ ଏକ ବାଇକ ଯୋଗେ ଆସିଥିଲା ବେଳେ ପୋଲିସ ଟିମ ତାକୁ ଅଟକାଇ ଯାଞ୍ଚ କରିବାରେ ଦୀପକ ପ୍ରବଳ ମଦ୍ୟ ପାନ କରିଥିବା ଜଣା ପଡିଥିଲା । ସେହିଭଳି ଏହି ଥାନା ଅନ୍ତର୍ଗତ ବଳରାମପୁର ଗଡ ଦଳିତ ସାହିର ସୁନିଲ ମଲ୍ଲିକ ଖେଳାର ପଟୁ ବାଇକ ଯୋଗେ ଦ୍ରୁତ ଗତିରେ ଆସୁଥିବା ବେଳେ ପୋଲିସ ଟିମ ତାକୁ ଅଟକାଇ ଯାଞ୍ଚ କରିବାରେ ସେ ମଦ୍ୟପାନ କରିଥିବା ଜଣା ପଡିଥିଲା ।

## ଗଣେଶ ବିସର୍ଜନ ସମୟରେ ନଈରେ ବୁଡ଼ି ୪ମୃତ

ଜଗତସିଂହପୁର,୧୬।୯ :(ମନ୍ଥନ) ଏରସମା ଥାନା ଅନ୍ତର୍ଗତ,କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ଓରନାଳ ଗ୍ରାମ ର କେତେକ ଯୁବ ଗୋଷ୍ଠି ଗଣେଷ ମୂର୍ତ୍ତି ବିସର୍ଜନ ସମୟରେ ପାଣିରେ ବୁଡି ୪ ଯୁବକ ମୃତ ହୋଇଥିବା ଜଣାପଡ଼ିଛି । ମୃତକ ହେଲେ ସୁଶିଲ ପଲେଇ, ମନଜିତ ସ୍ୱାଇଁ , ରଶ୍ମି ରଂଜନ ନାୟକ, ସ୍ୱପ୍ନଜିତ୍ ବାରିକ । ଅଗ୍ନିଶମ ବାହିନୀ, ଏରସମା ପୁଲିସ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଏହି ଉଦ୍ଧାର କାର୍ଯ୍ୟ ଚାଲିଥିଲା । ବୁଡ଼ି ଥିବା ଯୁବକଙ୍କୁ ଉଦ୍ଧାର କରାଯାଇ ଏରସମା ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଥିବା ବେଳେ ଡ଼ାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି ।ଏହାପରେ ଶବ ବେବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ ସ୍ଥିର ହୋଇଛି । ଏହାକୁ ନେଇ ଏରସମା ମୁଖ୍ୟ ଡାକ୍ତର ଖାନାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଏଭଳି ଅଭାବନୀୟ ଘାଟଣା କୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଭାସାଣି ଉପରେ କଟକଣା ଲାଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କଣ୍ଟିଲୋକୁ ରେଳ ଚଳାଚଳ ନେଇ ୩୨ ମାସପରେ ମଧ ସ୍ଥିତି ଅସ୍ପଷ୍ଟ

ଖଣ୍ଡପଡ଼ା, ୧୬।୯ :(ମନ୍ଥନନୟାଗଡ ଜିଲ୍ଲା ଆଦିକ୍ଷେତ୍ର କଣ୍ଟିଲୋକୁ ରେଳ ଚଳାଚଳ ହେବ ।ଅଞ୍ଚଳବାସୀଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ହେବ ପୂରଣ ହେବା ସହ ଦୀର୍ଘ ଅପେକ୍ଷାରେ ପୂର୍ଣ୍ଣଛେଦପଡିବ ବୋଲି ଘୋଷଣା ହେଲା । ଏଭଳି ପ୍ରତିଶ୍ରୁତି ସହ ଲୋକଙ୍କ ମନରେ ନୂଆ ଆଶା ସଂଚାରକରିଥିଲେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ୨୦୨୪ ଜାନୁଆରୀ ମାସ ୬ ତାରିଖରେକେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଖଣ୍ଡପଡ଼ା ଗସ୍ତରେ ଆସିଥିବା ବେଳେ କଣ୍ଟିଲୋ ଗାନ୍ଧୀପାର୍କ ଏବଂ ଖଣ୍ଡପଡା ଠାରେ ଆୟୋଜିତ ସଭାରେ କଣ୍ଟିଲୋ ଓ ଖଣ୍ଡପଡ଼ାକୁ ରେଳ ସଂଯୋଗ ପାଇଁପଦକ୍ଷେପ ନେବେ ବୋଲି ଘୋଷଣା କରିଥିଲେ । ତଦନୁଯାୟୀ ୨୦୨୪ ମାର୍ଚ୍ଚ ମାସ ୧୫ ତାରିଖରେକଣ୍ଟିଲୋ ଓ ଖଣ୍ଡପଡା ଅଞ୍ଚଳକୁ ରେଳ ଚଳାଚଳ ନିମନ୍ତେ ପ୍ରସ୍ତାବିତ ପ୍ରକଳ୍ପର ଡିପିଆରଅନୁମୋଦନ କରିଥିଲେ କେନ୍ଦ୍ର ରେଳମନ୍ତ୍ରୀ । ପ୍ରକଳ୍ପ ବାବଦରେ ମନ୍ତ୍ରୀ ଶ୍ରୀ ବୈଷ୍ଣବସାମାଜିକ ଗଣମାଧ୍ୟମ ଏକ୍ସ ଯୋଗେ ସୂଚନା ମଧ୍ୟ ଦେଇଥିଲେ । ମାତ୍ର ଚଳିତବର୍ଷ ରେଳ ବଜେଟଏବଂ ନିକଟରେ କ୍ୟାବିନେଟ ବୈଠକରେ ଏଥିନିମନ୍ତେ ଅର୍ଥରାଶି ମଞ୍ଜୁର ନ ହେବା ଅଞ୍ଚଳବାସୀଙ୍କୁପୁଣିଥରେ ନିରାଶ କରିଛି । ମିଳିଥିବା ସୂଚନା ଅନୁଯାୟୀ କଟକ ଜିଲ୍ଲା ବଡମ୍ବାରୁ ଏହି ଟ୍ରେନଆଦିକ୍ଷେତ୍ର କଣ୍ଟିଲୋ ଦେଇ ଖଣ୍ଡପଡାକୁ ସଂଯୋଗ କରାଯିବା ସହ ଖୁବଶୀଘ୍ର ଏହି ବହୁ ପ୍ରତିକ୍ଷିତପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେତେବେଳେ ସୂଚନା ଦେଇଥିଲେକେନ୍ଦ୍ରମନ୍ତ୍ରୀ । ମାତ୍ର ଡିପିଆର ଦାଖଲକୁ ପ୍ରାୟ ଅଢେଇ ବର୍ଷ ବିତିଥିବା ବେଳେ ଅଦ୍ୟାବଧିପ୍ରକଳ୍ପ ଅନୁମୋଦନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।ଖଣ୍ଡପଡ଼ା ଓ କଣ୍ଟିଲୋକୁ କେବେ ରେଳ ଗଡ଼ିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଏଯାବତ ପ୍ରକଳ୍ପକୁ ମଞ୍ଜୁରୀ ମିଳିନଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହିପ୍ରକଳ୍ପ କାର୍ଯ୍ୟକାରୀ ହେଲେ କଟକ ଓ ନୟାଗଡ ଏହି ଦୁଇ ଜିଲ୍ଲାର ଲକ୍ଷାଧିକ ଯାତ୍ରୀ ଉପକୃତହେବେ । କଣ୍ଟିଲୋ ନୀଳମାଧବ କ୍ଷେତ୍ରରୁ ଟ୍ରେନ ଯାତ୍ରା ସୁଗମ ହେବ । ଖଣ୍ଡପଡ଼ା ଓ କଣ୍ଟିଲୋରକଂସା ପିତଳ ହସ୍ତଶିଳ୍ପ ପାଇଁ ନୂଆ ବଜାର ସୃଷ୍ଟି ହେବ । ପର୍ଯ୍ୟଟନ ଦୃଷ୍ଟିରୁ ମଧ ଏହା ଲାଭଦାୟକସାବ୍ୟସ୍ତ ହେବ । ପ୍ରସ୍ତାବିତ ରେଳ ଲାଇନ ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର ରେଳ ପ୍ରକଳ୍ପକୁନୟାଗଡ଼ ଟାଉନରେ ସଂଯୋଗ ହୋଇ ଖୋର୍ଦ୍ଧା ଟାଉନ - କାଇପଦର ନୂତନ କର୍ଡଲାଇନରେ ହାୱଡା-ଚେନ୍ନାଇ ମୁଖ୍ୟ ରେଳ ଲାଇନକୁ ସଂଯୋଗ କରିବ ବୋଲି ମଧ ସେତେବେଳେ ସୂଚନା ମିଳିଥିଲା । ତେବେରେଳ ପ୍ରକଳ୍ପକୁ କେବେ ଅନୁମୋଦନ ମିଳିବ ଏବଂ କାର୍ଯ୍ୟ କେବେ ଆରମ୍ଭ ହେବ ତାକୁ ନେଇ ନାନାଆଶଙ୍କା ସୃଷ୍ଟି ହେଲାଣି । ଗତ ଅଢେଇ ବର୍ଷ ହେବ ପ୍ରକଳ୍ପଟି ଡିପିଆର ସ୍ତରରୁ ଆଗକୁ ବଢୁନଥିବାବେଳେ ଦୁଇ ଜିଲ୍ଲାର ଲକ୍ଷାଧିକ ଲୋକଙ୍କ ଆଶାରେ ଏବେ ପାଣି ପଡିବା ଭଳି ସ୍ଥିତି ସୃଷ୍ଟି ହୋଇଥିବାମତପ୍ରକାଶ ପାଇଛି । ଅନ୍ୟପକ୍ଷରେ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ମିଳିଥିବାସୂଚନା ଅନୁଯାୟୀ ପୂର୍ବରୁ ତାଳଚେର-ଗୋପାଳପୁର ରେଳପଥ ପାଇଁ ସରକାର ଘୋଷଣା କରିଥିବା ବେଳେଦୁଇ ପ୍ରକଳ୍ପ ବାବଦରେ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ତଥା ଚୁଡାନ୍ତ ମଞ୍ଜୁରୀ ବାକିରହିଛି ।ତେବେ କଣ୍ଟିଲୋ ସହ ଖଣ୍ଡପଡାକୁ କେବେ ରେଳ ଗଡୁଛି ତାକୁ ନେଇ ସାଧାରଣରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

# ବାଲିପଙ୍ଗା ଶିବ ମନ୍ଦିର ହୁଣ୍ଡି ଦାନବାକ୍ସ ଭାଙ୍ଗି ଚୋରି

ଛେଣ୍ଡିପଦା,୧୬।୯ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ବାଲିପଙ୍ଗା ଗ୍ରାମ ସ୍ଥିତ ବାବା ଭୋଲେଶ୍ୱର୍ ମହାଦେବ ମନ୍ଦିର ( ଶିବ ମନ୍ଦିର) ଭିତରେ ଥିବା ହୁଣ୍ଡି ଦାନବାକ୍ସ ଭାଙ୍ଗି କେତେକ ଦୁର୍ବୃତ୍ତ ଚୋରି କରିଥିବା ଜଣାପଡ଼ିଛି । ସୂଚନା ଯୋଗ୍ୟ ଯେ, ସୋମବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ମନ୍ଦିର ମୁଖ୍ୟ ଗ୍ରିଲ୍ କବାଟ ଭାଙ୍ଗି ମନ୍ଦିର ଭିତରକୁ ପ୍ରବେଶ କରିବା ସହ ହୁଣ୍ଡି ଦାନବାକ୍ସ ଭାଙ୍ଗି ପ୍ରାୟ ୨୦ ହଜାର ଟଙ୍କା ଚୋରି କରିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ତଥା ଗ୍ରାମ୍ୟ



ପରିଚାଳନା କମିଟି ସଭାପତି ଶରତ କୁମାର ଗଡ଼ନାୟକ ଆଜି ମଙ୍ଗଳବାର ଛେଣ୍ଡିପଦା ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ କର୍ମଚାରୀ ମାନେ ମନ୍ଦିର ପରିସରକୁ ପହଞ୍ଚି ତଦନ୍ତ ଜାରୀ ରଖିଛନ୍ତି । ଅନ୍ୟ ପକ୍ଷରେ ଏହି ମନ୍ଦିର ମଧ୍ୟରୁ ଦାନବାକ୍ସ ଚୋରି କରିବା ପାଇଁ ଚୋର ଦଳ ଅନେକ ଥର ଉଦ୍ୟମ କରିଥିଲେ । ବିଶେଷ କରି ମନ୍ଦିର ଭିତରୁ ଦାନବାକ୍ସ ଭାଙ୍ଗି ଦାନ ଅର୍ଥ ଚୋରି ହୋଇଥିବା ଯୋଗୁଁ ଭକ୍ତ ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଧାର୍ମିକ ଭାବାବେଗ ଦେଖାଦେଇଛି । ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# କୁହାଁରରୁ ଛେଳି ଓ ମେଣ୍ଢା ଚୋରି ଅଭିଯୋଗ

ବୁଗୁଡ଼ା ,୧୬।୯ :(ମନ୍ଥନ ବୁଗୁଡ଼ା ଥାନା ଅନ୍ତର୍ଗତ ଭୋଗଡା ଗ୍ରାମରେ କୃଷ୍ଣଚନ୍ଦ୍ର ଗୌଡଙ୍କ କୁହାଁରରୁ ମଙ୍ଗଳବାର ବିଳମ୍ବିତ ରାତିରେ ୭୦ଟି ଛେଳି ଓ ୧୦ଟି ମେଣ୍ଢା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ କେସ ନଂ ୪୬୧/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, କୃଷ୍ଣଚନ୍ଦ୍ରଙ୍କ କୁହାଁରରେ ରାତିରେ ଛେଳି ଓ ମେଣ୍ଢା ରହିଥିଲେ । ସକାଳେ ଦେଖିବା ବେଳକୁ କୁହାଁରରୁ ମେଣ୍ଢା ଓ ଛେଳି ଚୋରି ହୋଇଯାଇଥିଲା । ଏ ନେଇ ବୁଧବାର ଦିନ କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ଓଜୋନ୍ ସୁରକ୍ଷା, ବୃକ୍ଷ ସୁରକ୍ଷା ଓ ଜଳବାୟୁ ସୁରକ୍ଷାକୁ ଏକାଠି କରିବା ପ୍ରୟାସ

ବ୍ରହ୍ମପୁର,୧୬।୯ :(ମନ୍ଥନବିଶ୍ୱ ଓଜୋନ୍ ଦିବସ ଏହି ଅବସରରେ ଓଜୋନ୍ ସ୍ତରର ସୁରକ୍ଷା ଓ ପରିବେଶ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ 'ମୁଁ ବି ବଞ୍ଚିବାକୁ ଚାହେଁ' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସହରର ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ଅବସ୍ଥାରେ ଥିବା ବୃକ୍ଷ ଗୁଡ଼ିକୁ ସୁରକ୍ଷା ଦେବା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା । ପୂର୍ବରୁ ଚିହ୍ନଟ କରାଯାଇଥିବା ଏହି ବୃକ୍ଷ ଗୁଡ଼ିକୁ ଆଜି ସକାଳେ ସାବଧାନତାର ସହ ବାହାର କରାଯାଇ ଟ୍ରୀ ଆମ୍ବୁଲାନ୍ସ ସାହାଯ୍ୟରେ ସ୍ଥାନାନ୍ତର କରାଯାଇ ବେଣା ହଜରେ ଥିବା ସୁରକ୍ଷିତ ସ୍ଥାନରେ ପୁନଃରୋପଣ କରାଯାଇଥିଲା । ଗୋଟିଏ ବୃକ୍ଷକୁ ବଞ୍ଚାଇବା ଅର୍ଥ ଆଗାମୀ ଦିନର ଅନେକ ପକ୍ଷୀ, ପ୍ରାଣୀ ଓ ମଣିଷଙ୍କ ପାଇଁ ଏକ ନିରାପଦ ଆଶ୍ରୟକୁ ବଞ୍ଚାଇବା ବୋଲି ସବୁଜ ବାହିନୀ ପକ୍ଷରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି ଯେ, ଓଜୋନ୍ ସ୍ତର ସୂର୍ଯ୍ୟଙ୍କ କ୍ଷତି କାରକ ଅତି-ଇ ବିକିରଣରୁ ପୃଥିବୀର ଜୀବ ଜଗତକୁ ସୁରକ୍ଷା ଦେଇଥାଏ ।




ସେହିପରି ବୃକ୍ଷ ମଧ ପରିବେଶର ସନ୍ତୁଳନ ରକ୍ଷା, କାର୍ବନ୍ ଶୋଷଣ ଓ ଜୀବ ବିବିଧତା ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ । ତେଣୁ କେବଳ ନୂଆ ବୃକ୍ଷ ରୋପଣ ନୁହେଁ, ପୁରୁଣା ଓ ଅସୁରକ୍ଷିତ ବୃକ୍ଷକୁ ବଞ୍ଚାଇବା ଏବଂ ତାହାର ନିୟମିତ ଯତ୍ନ ନେବାକୁ ମଧ ଅଭିଯାନରେ ଗୁରୁତ୍ୱ ଦିଆଯାଇଥିଲା । ସଭାପତି ଶ୍ରୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନ ଆୟୋଜିତ ଏହି ପ୍ରୟାସରେ ସମ୍ପାଦକ ସାଗର ପ୍ରସାଦ ପାତ୍ର, ଏ.ପ୍ରକାଶ, ସବ୍ୟସାଚୀ ପଣ୍ଡା, ଚନ୍ଦନ ରାଉତ, ମୁନା ଚରଣ ଶତପଥୀ, ବିରଜା ପ୍ରସାଦ ପାତ୍ର, ଅଜୟ କୁମାର ସାହୁ, ମୋହନ ଘଡ଼ାଇ, ଅନିଲ ଚୌଧୁରୀ, ରୁନା ରଣା, ପ୍ରଦିପ କୁମାର ମହାପାତ୍ର ଓ ପରିବେଶବିତ୍ ସ୍ୱାଧୀନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଓଜୋନ୍ ସୁରକ୍ଷା, ବୃକ୍ଷ ସୁରକ୍ଷା ଓ ଜଳବାୟୁ ସୁରକ୍ଷାକୁ ଏକାଠି କରି ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଓ ସୁରକ୍ଷିତ ପୃଥିବୀ ଗଠନ କରିବାକୁ ସବୁଜ ବାହିନୀ ପକ୍ଷରୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା ।

# ମହିଳାଙ୍କୁ ଶାଶୁଘର ଲୋକେ ମାରି ଟାଙ୍ଗି ଦେଇଥିବା ନେଇ ହତ୍ୟା ଅଭିଯୋଗ

ଯାଜପୁର,୧୬।୯ :(ମନ୍ଥନ)ଯାଜପୁର ବ୍ଲକ୍ ବେରୁଦା ପଂଚାୟତ ବାହାବଳପୁର ଗ୍ରାମର ବୈଷ୍ଣବ ଚରଣ ପହିଙ୍କ ପୁଅ ଜ୍ଞାନରଞ୍ଜନ ପହିଙ୍କ ପତ୍ନୀ ଶୁଭଶ୍ରୀ ପହି(୩୫)ଙ୍କୁ ଆଜି ସକାଳେ ଶାଶୁଘର ଲୋକେ ମାରି ଟାଙ୍ଗି ଦେଇଥିବା ନେଇ ହତ୍ୟା ଅଭିଯୋଗ ଆଣିଲେ ମୃତ ଶୁଭଶ୍ରୀଙ୍କ ବାପଘର ଲୋକେ । ଏ ନେଇ ଯାଜପୁର ସଦର ଥାନାରେ ମୃତ ଶୁଭଶ୍ରୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତ ଶୁଭଶ୍ରୀ ପହିଙ୍କ ବିବାହକୁ ପ୍ରାୟ ୧୨ ବର୍ଷ ହୋଇଥିବା ଜଣାପଡ଼ିଛି । ତାଙ୍କର ଏକ ୪ ବର୍ଷର ପୁଅ ରହିଛି । ପାରିବାରିକ କଳହକୁ ନେଇ ଘରେ ଅଶାନ୍ତି ଲାଗି ରହୁଥିବା ଅଭିଯୋଗ ହୋଇଛି । ବୁଧବାର ସକାଳ ପ୍ରାୟ ୭ଟା ସମୟରେ ସୁଭଶ୍ରୀଙ୍କ ମୃତ୍ୟୁ ଖବର ପରିବାରଲୋକଙ୍କ ନିକଟକୁ ଆସିଥିଲା । ଏହି ଘଟଣାରେ ଦେଢ଼ଶୁରଙ୍କ ଉପରେ ମଧ ହତ୍ୟା ଅଭିଯୋଗ ଆସିଛି । ତାଙ୍କୁ ମାରି ଘରେ ରଶି ଲଗାଇ ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି । ସଦର ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ପୋଲିସର ସହାୟତା ନିମନ୍ତେ ନିବେଦନ

ଯାଜପୁର,୧୬।୯ :(ମନ୍ଥନ))ଯାଜପୁର ସହରରେ ଦିନକୁ ଦିନ ଚୋରି, ଡକାୟତ ବଢିବାରେ ଲାଗିଛି । ପୋଲିସ ପାଟ୍ରୋଲିଂକୁ ଅଧିକ କଡ଼ା କରିବା ସହ ପୋଲିସ ସହରର ସମସ୍ତ ସ୍ଥାନରେ ରାତିରେ ପ୍ରହରା ଦେବା ନିମନ୍ତେ ଯାଜପୁର ପୌରପାଳିକା ଅନ୍ତର୍ଗତ ମହାବୀର ଛକ ପୂଜା କମିଟିର ସଦସ୍ୟ ମାନେ ଟାଉନ ଥାନାରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ବର୍ତ୍ତମାନ ପାର୍ବଣର ସମୟ ଥିବାରୁ ଚୋରି ଡକାୟତି ବହୁ ମାତ୍ରାରେ ବୃଦ୍ଧି ପାଇବାରେ ସମ୍ଭାବନା ରହିଛି । ଏଣୁ ପୋଲିସ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରି ପୂଜା କମିଟିର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ମହାବୀର ଛକ ପୂଜା କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଚାଷ ଫାର୍ମ ରୁ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମଗିରି,୧୬।୯ :(ମନ୍ଥନ) ବ୍ରହ୍ମଗିରି ଥାନା ଅଧୀନ କାଠୁଆରେଡି ଗ୍ରାମ ନିକଟରେ ଥିବା ମହିମା ଛତୁ ଚାଷ ଫାର୍ମ ରୁ କର୍ମଚାରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ବୁଧବାର ଦିନ ସକାଳୁ ଫାର୍ମ ର ମାଲିକ କାଠୁଆରେଡି ଗ୍ରାମର କୃଷ୍ଣ ଚନ୍ଦ୍ର ପାତ୍ର ଫାର୍ମ କୁ ଯିବା ବେଳେ ଦେଖିବାକୁ ପାଇଲେ ସେ କର୍ମଚାରୀ ଜଣଙ୍କ ମରି ପଡିଛନ୍ତି । ସେ ବ୍ରହ୍ମଗିରି ଥାନା ଙ୍କୁ ଜଣାଇଥିଲେ । ଖବର ପାଇ ବ୍ରହ୍ମଗିରି ପୋଲିସ ସେଠାରେ ପହଁଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଜାରି ରଖିଛି । ମୃତ ବ୍ୟକ୍ତି ଜଣଙ୍କ ନାମ ହୀରାଲାଲ (୫୫) । ତାଙ୍କର ସଠିକ ପରିଚୟ ନଥିବା ବେଳେ ସେ ବ୍ରହ୍ମଗିରି ଅଞ୍ଚଳରେ ୨୦ ବର୍ଷ ରୁ ଉର୍ଦ୍ଧ ଦିନ ଧରି ବିଭିର୍ନ ଜାଗାରେ କାମଧନ୍ଦା କରି ରହୁଥିବା ପୋଲିସ ସୂତ୍ରରୁ ଜଣା ପଡିଛି ।



# ବିଶ୍ୱ ଓଜୋନ ଦିବସ ଅବସରରେ ଇମ୍ଫା ଥେରୁବାଲିର ସଚେତନତା କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ଅଭିଯାନ

ଥେରୁବାଲି, ୧୬।୯ :(ମନ୍ଥନ) ପରିବେଶ ସୁରକ୍ଷା, ସ୍ଥାୟୀ ବିକାଶ ଓ ଜଳବାୟୁ ସୁରକ୍ଷା ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ସ୍ୱରୂପ ଇମ୍ଫା ଥେରୁବାଲି ପକ୍ଷରୁ ବିଶ୍ୱ ଓଜୋନ ଦିବସ ଅବସରରେ କାରଖାନା ପରିସରରେ ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଥିଲା।ଇମ୍ଫା ଥେରୁବାଲି ର ୟୁନିଟ୍ ମୁଖ୍ୟ ତଥା ଇ.ଆଇ.ସି ଶ୍ରୀ ଜି. ଭି. ରାକେଶ ଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇ ପରିବେଶ ସୁରକ୍ଷା, ସ୍ଥାୟୀ ବିକାଶ ଓ ଜଳବାୟୁ ସୁରକ୍ଷା କ୍ଷେତ୍ରରେ ସଂସ୍ଥାର ନିରନ୍ତର ପ୍ରୟାସକୁ ଆହୁରି ଦୃଢ଼ କରାଯାଇଥିଲା।ଚଳିତ ବର୍ଷର ବିଶ୍ୱ ଓଜୋନ ଦିବସର ବିଷୟବସ୍ତୁ "Global Action for a Cooler Planet" ଆଧାରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା କିଗାଲି ସଂଶୋଧନ (Kigali Amendment) ଅଧୀନରେ ସ୍ଥାୟୀ ଶୀତଳୀକରଣ ବ୍ୟବସ୍ଥାକୁ ୧୦ ବର୍ଷ ପୂର୍ତ୍ତିର ସ୍ମରଣ କରିବା ସହିତ ପରିବେଶ ଅନୁକୂଳ ଶୀତଳୀକରଣ ପଦ୍ଧତି ଓ ଜଳବାୟୁ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା।କାର୍ଯ୍ୟକ୍ରମରେ କୋଲନରା ବ୍ଲକ୍ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଶ୍ରୀ ହଳଧର ହିମିରିକା ମୁଖ୍ୟ ଅତିଥି ଭାବେ



ଯୋଗଦେଇଥିଲେ। ଏହା ସହିତ ଶ୍ରୀ କ୍ଷିତିଶ ଚନ୍ଦ୍ର ମହାପାତ୍ର, ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ଉପ ମହା ପ୍ରବନ୍ଧକ , ଶ୍ରୀ ଏମ୍. ଶ୍ରୀନିବାସ ମୁଖ୍ୟ ମହାପ୍ରବନ୍ଧକ (ଯାନ୍ତ୍ରିକ) ଙ୍କ ସମେତ କାରଖାନା ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ହଳଧର ହିମିରିକା ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ଦିଗରେ ଇମ୍ଫା ପକ୍ଷରୁ ନିଆଯାଉଥିବା ନିରନ୍ତର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଓଜୋନ ସ୍ତରର ସୁରକ୍ଷା, ସବୁଜ ଆବରଣ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ବିରୋଧରେ ସାମୂହିକ ଭାବେ ସାର୍ଥକ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ବୃକ୍ଷରୋପଣ ଅଭିଯାନ। ଏହି ଅବସରରେ କାରଖାନା ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଏହି ପଦକ୍ଷେପ ଅଧିକ ସବୁଜ ଆବରଣ ସୃଷ୍ଟି, ଜୈବ ବିବିଧତାର ସୁରକ୍ଷା ଏବଂ ଏକ ସ୍ୱଚ୍ଛ ଓ ଜଳବାୟୁ-ସହନଶୀଳ ପରିବେଶ ଗଠନ ପ୍ରତି ଇମ୍ଫା ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।ସଚେତନତା କାର୍ଯ୍ୟକ୍ରମରେ ପୃଥିବୀରେ ଜୀବଜଗତକୁ ସୂର୍ଯ୍ୟର କ୍ଷତିକାରକ ଅତିବାଇଗଣି କିରଣରୁ ସୁରକ୍ଷା କରିବାରେ ଓଜୋନ ସ୍ତରର ଗୁରୁତ୍ୱ ଏବଂ ପରିବେଶ ଅନୁକୂଳ ଶୀତଳୀକରଣ ପ୍ରଣାଳୀ ଓ ଦାୟିତ୍ୱପୂର୍ଣ୍ଣ ପରିବେଶ ଅଭ୍ୟାସ ଅନୁସରଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା।ଏହି କାର୍ଯ୍ୟକ୍ରମ ଶ୍ରୀମତୀ ସୋନିଆ ପୁରୋହିତ, ବରିଷ୍ଠ ଅଧିକାରୀ – ପରିବେଶ ଏବଂ ଗୁଣବତ୍ତା ନିୟନ୍ତ୍ରଣ ଏବଂ ତାଙ୍କ ଟିମ୍ ?ଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ତାଙ୍କ ଟିମ୍ ?ର ନିଷ୍ଠାପୂର୍ଣ୍ଣ ପ୍ରୟାସରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ଶ୍ରୀ ଦୀପକ କୁମାର ଓଝା, ସହକାରୀ ପ୍ରବନ୍ଧକ ଲୋକସମ୍ପର୍କ କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ।ଓଜୋନ ସ୍ତରର ସୁରକ୍ଷା, ପରିବେଶ ସୁରକ୍ଷା ଓ ଜଳବାୟୁ ସନ୍ତୁଳନ ପାଇଁ ସାମୂହିକ ଦାୟିତ୍ୱର ବାର୍ତ୍ତା ସହ କାର୍ଯ୍ୟକ୍ରମଟି ସମସ୍ତଙ୍କୁ ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ପୃଥିବୀ ଗଠନ ପାଇଁ ପ୍ରେରଣା ଦେଇଥିଲା।"ଓଜୋନ ସ୍ତରକୁ ସୁରକ୍ଷା କରନ୍ତୁ– ପୃଥିବୀକୁ ଶୀତଳ ରଖନ୍ତୁ – ଆମ ଭବିଷ୍ୟତକୁ ସୁରକ୍ଷିତ କରନ୍ତୁ।"

# ସ୍ୱାସ୍ଥ୍ୟସେବା ପାଇଁ ଜିଲ୍ଲାକୁ ମିଳିଛି ୪୦ ଆମ୍ବୁଲାନ୍ସ

## ଜରୁରୀ ସମୟରେ ମିଳୁନି ସେବା

କେନ୍ଦ୍ରାପଡ଼ା, ୧୬।୯ :(ମନ୍ଥନ) କେନ୍ଦ୍ରାପଡା ଜିଲ୍ଲାରେ ସ୍ୱାସ୍ଥ୍ୟସେବା ପାଇଁ ୪୦ଟି ଆମ୍ବୁଲାନ୍ସ ସରକାର ଯୋଗାଇ ଦେଇଛନ୍ତି। ହେଲେ ଜରୁରୀ ସମୟରେ ରୋଗୀଙ୍କୁ ସେବା ମିଳୁନାହିଁ। ଏହାଦ୍ୱାରା ଅଧିକ ଚିକିତ୍ସା ନିମନ୍ତେ ରୋଗୀମାନେ କଟକ, ଭୁବନେଶ୍ୱର ପ୍ରଭୃତି ସ୍ଥାନକୁ ଯିବାରେ ସମସ୍ୟାରେ ପଡୁଛନ୍ତି। ଏହି ପରିସ୍ଥିତିର ଫାଇଦା ଉଠାଉଛନ୍ତି ଘରୋଇ ଆମ୍ବୁଲାନ୍ସ ମାଲିକମାନେ। କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପ୍ରତିଦିନ ୨୦ରୁ ଅଧିକ କାର ଛିଡା ହେଉଛି। ଏହି କାରଗୁଡିକ ଆମ୍ବୁଲାନ୍ସ ସେବା ଯୋଗାଉଛି ବୋଲି କାରଗୁଡିକରେ ବୋର୍ଡ ମରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପ୍ରତିଦିନ ବହୁ ରୋଗୀ କଟକ, ଭୁବନେଶ୍ୱରକୁ ଉନ୍ନତ ଧରଣର ଚିକିତ୍ସା ପାଇଁ ରେଫର ହୋଇଥାନ୍ତି। କିନ୍ତୁ ରେଫର ସମୟରେ ରୋଗୀଙ୍କୁ ଆମ୍ବୁଲାନ୍ସ ସେବା ମିଳୁନାହିଁ। ରୋଗୀଙ୍କୁ କୁହାଯାଉଛି ତୁମେ ନିଜେ ଏକ ଟୋଲ ଫ୍ରି ନମ୍ବରକୁ ଯୋଗାଯୋଗ କର। ଗ୍ରାମାଞ୍ଚଳରୁ ଆସୁଥିବା ଗରିବ ଓ ଅର୍ଦ୍ଧଶିକ୍ଷିତ ଲୋକମାନେ ଏହା କରିବା ପାଇଁ ସକ୍ଷମ ହେଉନାହାଁନ୍ତି। କାରଣ ସେମାନେ ଟୋଲ ଫ୍ରି ନମ୍ବରକୁ କଲ କରି ଆମ୍ବୁଲାନ୍ସ ବୁକ କରିବା ସମ୍ଭବ ହେଉନାହିଁ। ଏହି ସମୟରେ ଡାକ୍ତରଖାନାରେ ହାବୁଡି ଯାଉଛନ୍ତି ଘରୋଇ ଆମ୍ବୁଲାନ୍ସର ଦଲାଲମାନେ। ସେମାନେ ତୁରନ୍ତ ସେବା ଯୋଗାଇବେ ବୋଲି କହୁଛନ୍ତି। ଫଳରେ ଗୁରୁତର ରୋଗୀଙ୍କୁ ତୁରନ୍ତ କଟକ କି ଭୁବନେଶ୍ୱର ରେଫର କରିବା ପାଇଁ ଲୋକେ ବାଧ୍ୟ ହୋଇ ଘରୋଇ ଆମ୍ବୁଲାନ୍ସର ସହାୟତା ନେଉଛନ୍ତି। ହେଲେ ଏଥି ପାଇଁ ଘରୋଇ ଆମ୍ବୁଲାନ୍ସ ୫ ହଜାର ଟଙ୍କା ଚାର୍ଜ କରୁଛନ୍ତି। ଫଳରେ ଗରିବ ରୋଗୀମାନେ ନାହିଁ ନ ଥିବା ସମସ୍ୟାରେ ପଡୁଛନ୍ତି। ସେହିପରି ଯଦି କୌଣସି ବ୍ୟକ୍ତି ଏହି ଟୋଲ ଫ୍ରି ନମ୍ବରରେ କଲ କରି ଆମ୍ବୁଲାନ୍ସ ବୁକ କରୁଛନ୍ତି ତେବେ ସେପଟୁ ଉତ୍ତର ମିଳୁଛି ଆମ୍ବୁଲାନ୍ସ ନାହିଁ ଅପେକ୍ଷା କରିବକୁ ପଡିବ। କିନ୍ତୁ ବାସ୍ତବରେ ଡାକ୍ତରଖାନାରେ ୫ରୁ ୬ ଆମ୍ବୁଲାନ୍ସ ଥୁଆ ହୋଇଥିବ। ହେଲେ ଗୁରୁତର ରୋଗୀଙ୍କୁ ନେବା ପାଇଁ ସୁଯୋଗ ଦିଆଯାଉନାହିଁ। ଗୋଟିଏ ପଟେ ରୋଗୀ ଗୁରୁତର ଥିବାରୁ ଲୋକେ ଆମ୍ବୁଲାନ୍ସ ଆସିବ କେଉଁଠୁ ସେ ଚକ୍କରରେ ନ ପଡି ଘରୋଇ ଆମ୍ବୁଲାନ୍ସ ଦ୍ୱାରା ରୋଗୀଙ୍କୁ କଟକ କି ଭୁବନେଶ୍ୱର ନେଇ ଚିକିତ୍ସା କରୁଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଉଦବେଗ ପ୍ରକାଶ ପାଇଛି। ଜଣେ ସମାଜସେବୀ ରମଣୀରଞ୍ଜନ ରାଉତରାୟ କହିଛନ୍ତି ପଟ୍ଟାମୁଣ୍ଡାଇ ବ୍ଲକ ଗଣ୍ଡଗୁଳ ଗ୍ରାମର ଚିତ୍ତରଞ୍ଜନ ବାରିକଙ୍କ ହାତ ଭାଙ୍ଗି ଯାଇଥିଲା। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ କଟକ ରେଫର କରିଥିଲେ। ତେଣୁ ତାଙ୍କ ପରିବାର ଲୋକେ ଚିତ୍ତରଞ୍ଜନଙ୍କୁ କଟକ ନେବା ପାଇଁ ଆମ୍ବୁଲାନ୍ସ ଖୋଜିଥିଲେ। ଏଥିରେ ଡାକ୍ତରଖାନା କର୍ମଚାରୀ କେହି ସହଯୋଗ କରି ନଥିଲେ। ରୋଗୀଙ୍କ ପରିବାରକୁ କୁହାଗଲା ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କଲେ ଆମ୍ବୁଲାନ୍ସ ବୁକିଂ ହେବ। ଫଳରେ ପରିବାର ଲୋକେ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିଥିଲେ। ଏହି ସମୟରେ ଡାକ୍ତରଖାନାରେ ୫ଟି ଆମ୍ବୁଲାନ୍ସ ଥିଲା। କିନ୍ତୁ ଚିତ୍ତରଞ୍ଜନଙ୍କ ପରିବାର ସଦସ୍ୟଙ୍କୁ କୁହାଗଲା ମହାକାଳପଡ଼ାରୁ ଆମ୍ବୁଲାନ୍ସ ଆସିଲେ ରୋଗୀ କଟକ ସ୍ଥାନାନ୍ତର ହେବ। ଏହାଦ୍ୱରା ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇଥିଲେ। ଗୋଟିଏ ପଟେ ଆମ୍ବୁଲାନ୍ସ ଥୁଆ ହୋଇଛି। ଅନ୍ୟ ପଟେ ରୋଗୀଙ୍କୁ ନାକେଦମ କରାଯାଉଛି। ଏହି ଘଟଣା ପାଇଁ ସରକାର ବଦନାମ ହେଉଛନ୍ତି ବୋଲି ଶ୍ରୀ ରାଉତରାୟ କହିଛନ୍ତି। ସେହିପରି ପ୍ରାଧ୍ୟାପକ ଡ. ଚୈତନ୍ୟ ଚରଣ ପରିଡ଼ା କହିଛନ୍ତି ସରକାର ଡାକ୍ତରଖାନାକୁ ଯେଉଁ ସବୁ ସୁବିଧା ଯୋଗାଇ ଦେଉଛନ୍ତି ସେଗୁଡ଼ିକ ରୋଗୀଙ୍କ ସେବାରେ ଲାଗିବା ଉଚିତ। ହେଲେ ଡାକ୍ତରଖାନାରେ କେତେକ ଅସାଧୁ କର୍ମଚାରୀ ଅଛନ୍ତି ଯେଉଁମାନଙ୍କ ପାଇଁ ରୋଗୀମାନେ ହଇରାଣ ହରକତ ହେଉଛନ୍ତି। ଏହାଦ୍ୱାରା ଅଯଥାରେ ସରକାର ବଦନାମ ହେଉଛନ୍ତି ବୋଲି ସେ କହିଛନ୍ତି।

# ୱାରେଣ୍ଟ ବଳରେ ଫେରାର ଆସାମୀ ଗିରଫ

ବୁଗୁଡ଼ା, ୧୬।୯ :(ମନ୍ଥନ) ଦୀର୍ଘ ବର୍ଷ ଧରି ଫେରାର ଥିବା ଜଣେ ଆସାମୀକୁ ବୁଗୁଡ଼ା ପୋଲିସ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଆସାମୀ ଜଣକ ହେଲେ ବୁଗୁଡା ଏନ୍‌ଏସି ଅନ୍ତର୍ଗତ ଅରବିନ୍ଦ ନଗରର ପିତବାସ ସାହୁ(୪୮)। ଏ ନେଇ ଜିଆର କେସ୍ ନଂ ୧୬୩/ ୨୦୧୦ରେ ଏକ ମାମଲା ରହିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ୨୦୧୦ ମସିହାରେ ପିତବାସ ତାଙ୍କ ବାପାକୁ ମାଡ ମାରିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପରଠାରୁ ସେ ଫେରାର ରହିଥିଲେ। ତେବେ ଆଜି କୌଣସି ସୂତ୍ରରୁ ଖବର ପାଇ ଏଏସଆଇ ଜଗନ୍ନାଥ ସ୍ୱାଇଁ ତାଙ୍କୁ ଅରବିନ୍ଦ ନଗରରୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

# ଚୋରାମଦ ଜବତ, ୬ଗିରଫ

କେନ୍ଦ୍ରାପଡ଼ା, ୧୬।୯ :(ମନ୍ଥନ) କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, ରାଜନଗର ଓ କୁଜାନଗରୀ ଥାନା ଅଧିନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ରାଜନଗର ଗ୍ରାମର ଅରକ୍ଷିତ ସେଠୀ(୨୪)ଙ୍କ ନିକଟରୁ ୧୧୦ ଲିଟର ଚୋରା ବିଦେଶୀ ମଦ, କାଠୁଆଗଣ୍ଡା ଗ୍ରାମର ଲତା ସ୍ୱାଇଁ(୬୦)ଙ୍କ ନିକଟରୁ ୧୫ ଲିଟର ଚୋରା ବିଦେଶୀ ମଦ, କରିଲୋପାଟଣା ଗ୍ରାମର ବିଳାଶ କିଶୋର ଦାସ(୨୭)ଙ୍କ ନିକଟରୁ ୧୯ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ଦାନପୁର ଗ୍ରାମର ନିରଞ୍ଜନ ଜେନା(୬୦)ଙ୍କ ନିକଟରୁ ୨୮ ଲିଟର ଚୋରା ବିଦେଶୀ ମଦ, ବଡନାରାୟଣ ଗ୍ରାମର ବେଣୁଧର ବେହେରା(୩୩)ଙ୍କ ନିକଟରୁ ୩୪ ଲିଟର ଚୋରା ବିଦେଶୀ



ମଦ ଏବଂ ତରସା ଗ୍ରାମର ମହେଶ୍ୱର ଦଲାଇ(୩୮)ଙ୍କ ନିକଟରୁ ୧୬ ଲିଟର ଚୋରା ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ଉକ୍ତ ଚଢ଼ାଉରେ ସମୁଦାୟ ୨୨୨ ଲିଟର ଚୋରା ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। ଏସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇ ୬ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ରତ୍ନପ୍ରଭା ସ୍ୱାଇଁ, ରଞ୍ଜନ କୁମାର ପାତ୍ର, ତ୍ରିବେଣୀ ମହନ୍ତଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଭାବେ ସାମିଲ ହୋଇଥିଲେ।

# ଦହିବରା, ଆଳୁଦମ୍ ଓ ଗୁପଚୁପ୍ ଖାଇ ଶତାଧିକ ଅସୁସ୍ଥ

କାକଟପୁର, ୧୬।୯ :(ମନ୍ଥନ) କାକଟପୁର ଅଞ୍ଚଳରେ ଦହିବରା, ଆଳୁଦମ୍ ଓ ଗୁପଚୁପ୍ ଖାଇ ଶତାଧିକ ଲୋକ ଅସୁସ୍ଥ ହୋଇଥିବା ଘଟଣାକୁ ନେଇ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି। ଅସୁସ୍ଥମାନଙ୍କ ମଧ୍ୟରେ ବହୁ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱଙ୍କୁ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।ଘଟଣା ପରେ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ରାସ୍ତାକଡ଼ର ଠେଲାଦୋକାନ, ଜଳଖିଆ ଦୋକାନ, ହୋଟେଲ ଓ ରେଷ୍ଟୁରାଣ୍ଟରେ ବିକ୍ରି ହେଉଥିବା ଖାଦ୍ୟର ଗୁଣବତ୍ତା ଓ ନିରାପତ୍ତା ନେଇ ପ୍ରଶ୍ନ ଉଠିଛି। ବିଶେଷକରି ଖାଦ୍ୟ ପ୍ରସ୍ତୁତିରେ ସ୍ୱଚ୍ଛତା, ବ୍ୟବହୃତ ତେଲ, ମସଲା, ରଙ୍ଗ, ଦୁଗ୍ଧଜାତ ପଦାର୍ଥ ଏବଂ ଦୀର୍ଘ ସମୟ ଧରି ରଖାଯାଇଥିବା ଖାଦ୍ୟର ମାନ ଯାଞ୍ଚ ନେଇ ଗ୍ରାହକମାନେ ଚିନ୍ତା ପ୍ରକାଶ କରିଛନ୍ତି। ଏହା ସହିତ ଛେନା, ପନିର, କ୍ଷୀର ଓ ବିଭିନ୍ନ ମିଠା ପ୍ରସ୍ତୁତିରେ ବ୍ୟବହୃତ କଞ୍ଚାମାଲର ଗୁଣବତ୍ତା ନେଇ ମଧ୍ୟ ଅଭିଯୋଗ ରହିଛି। ଚିନିର ବିକଳ୍ପ ଭାବେ ସାକାରିନ୍ ?ର ବ୍ୟବହାର, ମିଠା ଓ କେକ୍ ?ରେ ଅନୁମୋଦିତ ନଥିବା କୃତ୍ରିମ ରଙ୍ଗର ବ୍ୟବହାର ଏବଂ ପନିପରିବାକୁ ସତେଜ ଦେଖାଇବା ପାଇଁ



ରାସାୟନିକ ପଦାର୍ଥ ବ୍ୟବହାର ଭଳି ଅଭିଯୋଗ ସାଧାରଣ ଲୋକଙ୍କ ମନରେ ଖାଦ୍ୟ ନିରାପତ୍ତା ନେଇ ଆଶଙ୍କା ସୃଷ୍ଟି କରିଛି। ଅନ୍ୟପକ୍ଷରେ, ଦୁଗ୍ଧଜାତ ଖାଦ୍ୟ ପ୍ରସ୍ତୁତିରେ କ୍ଷୀର ପାଉଡର ବ୍ୟବହାରକୁ ନେଇ ମଧ୍ୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। କେତେକ ବ୍ୟବସାୟୀ ବହୁ ପରିମାଣରେ କ୍ଷୀର ପାଉଡର ମହଜୁଦ ରଖି ଛେନା, ପନିର ଓ ଦୁଗ୍ଧଜାତ ପଦାର୍ଥ ପ୍ରସ୍ତୁତକାରୀଙ୍କୁ ଯୋଗାଇ ଦେଉଥିବା ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗର ସତ୍ୟତା, ବ୍ୟବହୃତ ପଦାର୍ଥର ମାନ ଓ ଖାଦ୍ୟ ନିରାପତ୍ତା ନିୟମ ପାଳନ ହେଉଛି କି ନାହିଁ, ତାହା ସରକାରୀ ଯାଞ୍ଚ ପରେ ସ୍ପଷ୍ଟ ହେବ। ଅଞ୍ଚଳରେ ଖାଦ୍ୟ ନିରାପତ୍ତା ଯାଞ୍ଚ ନିୟମିତ ଭାବେ ହେଉନଥିବା ନେଇ ମଧ୍ୟ କେତେକ ବ୍ୟବସାୟୀ ଓ ଖାଉଟି ଅଭିଯୋଗ କରିଛନ୍ତି। ନିୟମିତ ଯାଞ୍ଚ, ଖାଦ୍ୟ ନମୁନା ସଂଗ୍ରହ, ଲାବୋରେଟୋରୀ ପରୀକ୍ଷା ଏବଂ ନିୟମ ଉଲ୍ଲଂଘନ କରୁଥିବା ପ୍ରତିଷ୍ଠାନ ବିରୋଧରେ ଆଇନିଗତ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।ବିଶେଷକରି ଆଜିର ଅସୁସ୍ଥତା ଘଟଣାର ପ୍ରକୃତ କାରଣ କ'ଣ, କେଉଁ ଖାଦ୍ୟ ଖାଇବା ପରେ କେତେ ଜଣ ଅସୁସ୍ଥ ହୋଇଛନ୍ତି ଏବଂ ଖାଦ୍ୟରେ କୌଣସି ଅପମିଶ୍ରଣ ଥିଲା କି ନାହିଁ—ଏସବୁ ନେଇ ବୈଜ୍ଞାନିକ ଯାଞ୍ଚର ଆବଶ୍ୟକତା ରହିଛି। ଅସୁସ୍ଥମାନଙ୍କ ଖାଦ୍ୟ ଇତିହାସ ଯାଞ୍ଚ ସହ ସନ୍ଦିଗ୍ଧ ଖାଦ୍ୟର ନମୁନା ସଂଗ୍ରହ କରି ପରୀକ୍ଷା କରାଗଲେ ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆସିପାରିବ।ଏଭଳି ସମ୍ବେଦନଶୀଳ ଘଟଣା ପରେ ପୁରୀ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ କରାଯାଇ ହୋଟେଲ, ଜଳଖିଆ ଦୋକାନ, ମିଠା ଦୋକାନ, ଠେଲା ଓ ରେଷ୍ଟୁରାଣ୍ଟରୁ ଖାଦ୍ୟ ନମୁନା ସଂଗ୍ରହ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ପ୍ରମାଣିତ ହେଲେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବା ନେଇ ମଧ୍ୟ ଦାବି ହୋଇଛି।ଜନସ୍ୱାସ୍ଥ୍ୟ ସହ ସିଧାସଳଖ ଜଡ଼ିତ ଏହି ପ୍ରସଙ୍ଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଘଟଣାର ସତ୍ୟତା ଉଦ୍‌ଘାଟନ କରିବା ସହ ଅଞ୍ଚଳରେ ଖାଦ୍ୟ ନିରାପତ୍ତା ଯାଞ୍ଚକୁ ଅଧିକ କଡ଼ାକଡ଼ି କରିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ସମରଜିତ ମଲ୍ଲିକ ଙ୍କୁ ପଚାରିବାରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦିଆଯାଉଛି ଏବଂ ସମସ୍ତେ ସୁସ୍ଥ ଥିବା ସେ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ।

# କୁକୁଡ଼ାଖଣ୍ଡି ବୋମାମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

କୁକୁଡାଖଣ୍ଡି, ୧୬।୯ :(ମନ୍ଥନ) ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ବାଉରୀ ସାହିରେ ଗତ ସୋମବାର ଘଟିଥିବା ବୋମାମାଡ଼ ଘଟଣାରେ ସଦର ପୋଲିସ ମୁଖ୍ୟ ଅଭିଯୁକ୍ତ କାଳିଆ ସାହୁ କୁ ଗିରଫ କରିଛି।ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ନାବାଳକକୁ ସୁଧାର ଗୃହ କୁ ପଠାଇ ଦେଇଛି।ସୋସିଆଲ ମିଡିଆରେ ହୋଇଥିବା ରିଲ କୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ତିକ୍ତତା ଲାଗି ରହିଥିଲା ।ଯାହାକି ଉଗ୍ରରୂପ ନେଇଥିଲା ସୋମବାର ଦିନ। କୁକୁଡ଼ାଖଣ୍ଡି ବାଉରୀ ସାହିର କିଛି ଦୁର୍ବୃତ୍ତ ଜଣେ ଯୁବକକୁ ଆକ୍ରମଣ କରିଥିଲେ ।ପରେ ଆହତ ଯୁବକର ସହଯୋଗୀ ମାନେ ଅପରାହ୍ନରେ ବାଉରୀ ସାହିରେ ବୋମାମାଡ଼ କରିଥିଲେ ।ବୋମାମାଡ଼ କରି ଫେରାର ହେବା ବେଳେ ଦୁଇ ଜଣଙ୍କୁ କାବୁ କରି ନେଇଥିଲେ ସାହି ବାସିନ୍ଦା ।ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଉଦ୍ଧାର କରିଥିଲା । ଏନେଇ ପୁଲିସ ୫୮୫/୨୬ ରେ ମାମଲା ରୁଜୁ କରିବା ସହ ଆଜି ଏହି ଘଟଣାରେ ତଦନ୍ତ କରି କାଳିଆ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ଏବଂ ଅନ୍ୟ ଦୁଇ ନାବାଳକ କୁ ଜେଜେବି ରେ ହାଜର କରିଥିଲା ।

# ଜିଲ୍ଲା ବୋଇତବନ୍ଦାଣ ସମିତି କେନ୍ଦ୍ରାପଡାର ସାଧାରଣ ପରିଷଦ ବୈଠକ

କେନ୍ଦ୍ରାପଡ଼ା, ୧୬।୯ :(ମନ୍ଥନ) ଜିଲ୍ଲା ବୋଇତବନ୍ଦାଣ ସମିତି, କେନ୍ଦ୍ରାପଡାର ସାଧାରଣ ପରିଷଦ ବୈଠକ ଗୋପସ୍ଥିତ ଜାଭିଅର ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟି ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦୨୬ ମସିହା ପାଇଁ ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଥିଲା। ସମିତିର ସଭାପତି ଭାବେ ଚିନ୍ମୟ ପ୍ରସାଦ ବେହୁରା, କାର୍ଯ୍ୟକାରୀ ସଭାପତି ରବିନାରାୟଣ ମହାନ୍ତି ଓ ନିରଞ୍ଜନ ବେହେରା, ଉପସଭାପତି ବୈଷ୍ଣବ ଚରଣ ପ୍ରଧାନ ଓ ଚିତ୍ତରଞ୍ଜନ ଦାସ, ସମ୍ପାଦକ ଗୋଲଖ ଚନ୍ଦ୍ର ପଢିଆରୀ, ସମ୍ପାଦକ 'ବୋଇତ' କବି ନିରାକାର ଦାସ, ସଂଯୋଜକ ମୁକ୍ତାର ଖାଁ ଓ ଲୋହିତ ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ରାଜେନ୍ଦ୍ର ମହାପାତ୍ର ଓ ସରୋଜକାନ୍ତ ସାହୁ, ସହସମ୍ପାଦକ ଶ୍ରୀଧର ମହାନ୍ତି, ସ୍ୱପ୍ନାରାଣୀ ସିଂ ଓ ବଳରାମ ଦାସ, ଯୁଗ୍ମସମ୍ପାଦକ ମିନତୀପ୍ରଭା ସ୍ୱାଇଁ ଓ ପ୍ରଭାତୀ ଧଳ, ସାଂସ୍କୃତିକ ସମ୍ପାଦକ ଅଶୋକ ସାହୁ ଓ ହିମାଂଶୁ ଦାସ, ସାଂଗଠନିକ ସମ୍ପାଦକ ମନୋଜ ଦାସ ଓ ମୀର ମୁର୍ଶିଦ୍, ବ୍ୟବସ୍ଥାପକ କମଳାକାନ୍ତ ବେହେରା ଓ ଦେବେନ୍ଦ୍ର ମହାନ୍ତି, ଯୋଗାଯୋଗ ସମ୍ପାଦକ ଲକ୍ଷ୍ମୀକାନ୍ତ ନାୟକ ଓ ପ୍ରମୋଦ ମହାପାତ୍ର, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଧଳ ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ଡା. ସୁଧୀର କୁମାର ବ୍ରହ୍ମା, ଡା. ବିରଞ୍ଚିନାରାୟଣ ଜଗଦେବ, ସୁଶିଲ କୁମାର ସାମଲ, ଡ. ଅଜୟ କୁମାର ରାଉତ, ପ୍ରଫୁଲ୍ଲ ଦାସ, ଗାୟତ୍ରୀ ମହାନ୍ତି, ସଞ୍ଜୟ କୁମାର ରାଉତ, ଭାଗିରଥି ଜେନା, ପ୍ରଫୁଲ୍ଲ କୁମାର ସାହୁ, ଅବନ୍ତୀ ବେହେରା, ଡ. ଚୈତନ୍ୟ ଚରଣ ପରିଡା, ନିହାର ରଞ୍ଜନ ବଳ ଓ ଶରତ କୁମାର ବେହୁରାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା।

# ୬ଦଫା ଦାବି ପୂରଣ ନେଇ ସ୍ୱାଧୀନତା ସଂଗ୍ରାମୀ ଓ ଶହିଦ୍ ପରିବାର ଦାୟଦମାନଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଧାମନଗର, ୧୬।୯ :(ମନ୍ଥନ) ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଶହୀଦ୍ ଭବନ ଇରମ ଠାରେ ବୁଧବାର ୧୧ଟା ସମୟରେ ୬ଦଫା ଦାବି ପୂରଣ ନେଇ ସ୍ୱାଧୀନତା ସଂଗ୍ରାମୀ ଓ ଶହିଦ୍ ପରିବାର ଦାୟଦମାନଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି ପୂରଣ ନହେଲେ ଆସନ୍ତା ଇରମ ଏବଂ ଲୁଣିଆରେ ୮୪ ତମ ସହିଦ ଦିବସ ବର୍ଜନ କରିବା ପାଇଁ ସହିଦ ପରିବାର ପକ୍ଷରୁ ଚେତାବନୀ ଦିଆଯାଇଛି।ସ୍ୱାଧିନତା ସଂଗ୍ରାମୀ ଭାସ୍କର ଚନ୍ଦ୍ର ପଲାଇଙ୍କ ଦାୟଦ ହରେକୃଷ୍ଣ ପଲେଇଙ୍କ ସଭାପତିତ୍ୱରେ ସାମ୍ବାଦିକ ରଞ୍ଜନ କୁମାର ନାୟକ ସଭାମଞ୍ଚ ପରିଚଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ଅନେକ ଥର ସମ୍ମାନିତ ହୋଇଥିବା ସଂଗ୍ରାମୀ ବ୍ରଜକିଶୋର ରାଉତ ଯୋଗ ଦେଇ ସହିଦ ଓ ସଂଗ୍ରାମୀ ପରିବାରର ଦାୟଦମାନଙ୍କ ପକ୍ଷରୁ ଯେଉଁ ଦାବି କରିଛନ୍ତି ସେଗୁଡିକର ଯଥାଶୀଘ୍ର ସରକାର ପୂରଣ କରନ୍ତୁ ଏବଂ ବିଭିନ୍ନ ସରକାରୀ ସହାୟତା ଯୋଗାଇଦେବାକୁ ସଂଗ୍ରାମୀ ଶ୍ରୀ ରାଉତ ବକ୍ତବ୍ୟ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଭଦ୍ରକ ଜିଲ୍ଲାର ବହୁ ସ୍ୱାଧିନତା ସଂଗ୍ରାମୀ ୧୯୪୨ ମସିହା ଅଗଷ୍ଟ ୯ ତାରିଖ ଇଂରେଜମାନଙ୍କ ଅତ୍ୟାଚାର ବିରୋଧରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଭାରତଛାଡ ଆନ୍ଦୋଳନ ସକ୍ରିୟ ଭୁମିକା ଗ୍ରହଣ କରି ନିଜ ଜୀବନକୁ ବାଜି ଲଗାଇ ଦେଶକୁ ସ୍ୱାଧିନ କରିଥିଲେ।ସେହି ଆନ୍‌ଦୋଳନରେ ଭଦ୍ରକ ଜିଲ୍ଲାର ବହୁ ଛାତ୍ର ଓ ଯୁବକମାନେ ବାଲ୍ୟ ଅବସ୍ଥାରେ ନିଜ ଜୀବନକୁ ଉତ୍ସର୍ଗୀକ ?ତ କରି ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଲହୁ ଲୁହାଣ ହେବା ସହିତ କାଳ କୋଠରୀରେ ବନ୍ଦୀ ଜୀବନ କଟାଇଥିଲେ। ସେଥି ମଧ୍ୟରୁ ବହୁ ଆନ୍‌ଦୋଳନକାରୀ ନିଜ ଜୀବନ ମଧ୍ୟ ହରାଇଥିଲେ। ଦେଶ ଓ ମାଟି ପାଇଁ ପ୍ରାଣବଳି ଦେଇଥିବା ସହିଦଙ୍କ ପରିବାର ଆଜି ନିଜ ଅଧିକାର ଓ ସମ୍ମାନ ପାଇଁ ସଂଘର୍ଷ ଜାରି ରଖିଛନ୍ତି। ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ଅନେକ ଥର ସମ୍ମାନିତ ହୋଇଥିବା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କ ନେତୃତ୍ୱରେ କିଛି ସ୍ମୃତି ହୋଇ ବୟସର ଅପରାହ୍ନରେ ପହଞ୍ଚିଥିବା ହାତଗଣତି ସ୍ୱାଧୀନତା ସଂଗ୍ରାମୀ ଏବଂ ଧାମନଗର ବ୍ଲକ ଲୁଣିଆ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୯ ସହିଦ ପରିବାରର ସଦସ୍ୟ ଏବଂ ବାସୁଦେବପୁର ବ୍ଲକର ଐତିହାସିକ ଇରମ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୨୯ ସହିଦଙ୍କ ପରିବାରର ଉତ୍ତରାଧିକାରୀ ମାନେ ଏକଜୁଟ ହେବା ସହିତ ସରକାରୀ ଅବହେଳାର ଶିକାର ହୋଇଥିବା କଥା ବଖାଣିଛନ୍ତି। ସେମାନଙ୍କର କହିବା କଥା ହେଉଛି ଆମେ ସରକାରଙ୍କ ନିକଟରେ ଦୀର୍ଘ ବର୍ଷ ଧରି ନିଜର ଦାବି ଉପସ୍ଥାପନ କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଦାବି ପୂରଣ ହେଉନାହିଁ ଅଭିଯୋଗ କରିଛନ୍ତି। ଭଦ୍ରକ ଜିଲ୍ଲା ସହିଦ ପରିବାରର ଉତ୍ତରାଧିକାରୀ ଯଥା ହରେକ ?ଷ୍ଣ ପଲାଇ, ଦୟାନିଧି ବ ?ହେରା,ଅଖୟ ମହାଳିକ,ଲୋପାମୁଦ୍ରା ନାୟକ, କୁନ୍ତଳା ମହାଳିକ,ସୁବାଶ ମହାଳିକ,ମହେଶ୍ୱର ସାହୁ, ମାୟାଧର ଯେନାଙ୍କ ସମେତ ଭଦ୍ରକ ଜିଲ୍ଲାର ସମସ୍ତ ସ୍ୱାଧିନତା ସଂଗ୍ରାମୀ ଓ ଶହିଦ୍ ପରିବାରର ଦାୟାଦମାନେ ଏକଜୁଟ ହୋଇ ସରକାରୀ ଅବହେଳାର ଶିକାର ହେଉଥିବା କଥା ପ୍ରକାଶ କରିଛନ୍ତି।ତେବେ ସଂଗ୍ରାମୀ ଓ ଶହିଦ୍ ପରିବାରକୁ ପରିଚୟ ପତ୍ର ପ୍ରଦାନ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା କୁଟୁମ୍ବ ଭତ୍ତା ପ୍ରଦାନ,ସଂଗ୍ରାମୀ ଦାୟଦମାନଙ୍କୁ ଶିକ୍ଷାର ସୁବିଧା। ସରକାରୀ ଚାକିରି କ୍ଷେତ୍ରର ସୁବିଧା ଯୋଗାଇଦେବା,ସତନ୍ତ୍ର ସାସ୍ଥ୍ୟ ସେବାର ସୁବିଧା ସୁଯୋଗ ଯୋଗାଇଦେବା ଆଦି ଦାବି ପୂରଣ ନହେଲେ ସଂଗ୍ରାମୀ ଓ ଶହୀଦ୍ ପରିବାର ପକ୍ଷରୁ ଶହୀଦ୍ ଦିବସ ବର୍ଜନ କରିବାକୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ପ୍ରଦାନ

କେନ୍ଦ୍ରାପଡ଼ା, ୧୬।୯ :(ମନ୍ଥନ) ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ ଗରିବ ମେଧାବୀ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆମେରିକାର ଆଲାସ୍କା ବିଶ୍ୱବିଦ୍ୟାଳୟ ର ଏମେରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟି ଭୁବନ ମୋହନ ଦାସ ଓ ରାଜଲକ୍ଷ୍ମୀ ମହାନ୍ତି ତାଳଚେର ଶିକ୍ଷାଞ୍ଚଳ ମହିଳା ମହାବିଦ୍ୟାଳୟର ଛାତ୍ରୀ ପ୍ରମିଳା ମୁଣ୍ଡାଙ୍କୁ ୫ହଜାର ଟଙ୍କାର ଆର୍ଥିକ ସହାୟତା ତଥା ମେଧାବୃତ୍ତି ପ୍ରଦାନ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପିଡିତ ଲୋକମାନଙ୍କୁ ରାସନ ସାମଗ୍ରୀ, ପାଲ ଓ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଗରିବ, ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସେମାନଙ୍କ ଉଚ୍ଚ ଶିକ୍ଷାଲାଭ କରିବା ପାଇଁ ପ୍ରତିବର୍ଷ ମେଧାବୃତ୍ତି ପ୍ରଦାନ କରାଯାଇଥାଏ।

# ବିଶ୍ୱକର୍ମା ପୂଜାରେ ଝଲସିବ ପାରାଦୀପ

ପାରାଦୀପ, ୧୬।୯ :(ମନ୍ଥନ) ପ୍ରତିବର୍ଷ ଭଳି ଚଳିତ ବର୍ଷ ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ବେସ ଯାକଜକମରେ ପାଳନ କରାଯାଉଛି । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରାଜ୍ୟ ତଥା ରାଜ୍ୟ ବାହାରର କାରିଗର ମାନଙ୍କ ଦ୍ୱାରା ନିର୍ମାଣ ହୋଇଥିବା ଆଖି ଝଲସିଲା ଭଳି ତୋରଣ ଓ ପୂଜା ମଣ୍ଡପ ଏକରକମ ପ୍ରତିଯୋଗିତା ଆରମ୍ଭ କରିଦେଇଛନ୍ତି । ତେବେ ପ୍ରତିଯୋଗିତାରେ ଶ୍ରମିକ ନେତା ରାକେଶ ପଟ୍ଟନାୟକ (ରାକା ) ଙ୍କ ନେତୃତ୍ୱାଧୀନ ଭାରତୀୟ ବନ୍ଦର ମଜଦୁର ସଂଘ ରାଜ୍ୟ ତଥା ରାଜ୍ୟ ବାହାରର କାରିଗର ମାନଙ୍କ ଦ୍ୱାରା ନିର୍ମିତ ହୋଇଥିବା ତୋରଣ ଓ ପୂଜା ମଣ୍ଡପ ଶ୍ରଦ୍ଧାଳୁ ମାନଙ୍କୁ ବେସ ଆକୃଷ୍ଟ କରିବ ବୋଲି ଆୟୋଜକ ମାନେ ଆଶା ରଖିଥିଲା ବେଳେ



ପ୍ରତିଯୋଗିତା ରେ ସବାଗ୍ରେ ରହିବେ ବୋଲି ବନ୍ଦର ଟ୍ରଷ୍ଟି ତଥା ସଙ୍ଘର ସମ୍ପାଦକ ଶ୍ରୀକାନ୍ତ ରାୟ ଆଶା ରଖିଛନ୍ତି । ସେହିପରି ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତା ମାନେ ଉତ୍କର୍ଷ ପ୍ରଦର୍ଶନ କରି ଥିବାରୁ ପ୍ରତିଯୋଗିତାରେ ସ୍ଥାନ ପାଇବେ ବୋଲି ଦୃଢ ଆଶା ରଖିଛନ୍ତି । ତେବେ ଆସନ୍ତା କାଲି ଗୁରୁବାର ସପ୍ତାହବ୍ୟାପି ଆରମ୍ଭ ହେବାକୁ ଯାଉଥିବା ମହୋତ୍ସବରେ ପ୍ରବଳ ଜନସମାଗମ କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛି । ଅନ୍ୟପକ୍ଷରେ ପୂଜା ସ୍ଥଳରେ ସ୍ୱଚ୍ଛତା ବଜାୟ ରଖିବା, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଇତ୍ୟାଦି ନକରିବା ନିମନ୍ତେ ଜୟଦେବ ସଦନ ଛକ ନିକଟସ୍ଥ ସୂଚନା କେନ୍ଦ୍ରରେ ପୌରପାଳିକା ପକ୍ଷରୁ ବୁଧବାର ସନ୍ଧ୍ୟାରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଙ୍କ ପୌରହିତ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପାରିଷଦ ସୁବ୍ରତ ପ୍ରଧାନ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଲିୟାରସିଂହ ଙ୍କ ସମେତ ବହୁ ପାରିଷଦ ଓ ବ୍ୟବସାୟୀ ଉପସ୍ଥିତ ଥିଲେ ।

ସୃଜନ



ଗୁରୁବାର ୧୭ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର

Thursday September 17 2026 Bhubaneswar

‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ‘ସୁଭଦ୍ରା’କୁ ଦୁଇ ବର୍ଷ

ଓଡ଼ିଶାର ଘରେ ଘରେ ମହିଳା କେବଳ ପରିବାରର ମେରୁଦଣ୍ଡ ନୁହନ୍ତି, ସେ ଅର୍ଥନୀତିର ମଧ୍ୟ ଏକ ନିରବ ଚାଳିକାଶକ୍ତି। ତାଙ୍କ ହାତରେ ଘରର ବଜେଟ, ସନ୍ତାନଙ୍କ ଭବିଷ୍ୟତ, ପରିବାରର ଆବଶ୍ୟକତା ଓ ସଞ୍ଚୟର ଚିନ୍ତା ଥାଏ। କିନ୍ତୁ ଦୀର୍ଘଦିନ ଧରି ଏହି ଅବଦାନର ବଡ଼ ଅଂଶ ଅଦୃଶ୍ୟ ରହିଛି। ଏହି ପରିପ୍ରେକ୍ଷିତରେ ୨୦୨୪ ସେପ୍ଟେମ୍ବର ୧୭ରେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ଓଡ଼ିଶାର ମହିଳାକେନ୍ଦ୍ରିକ ଜନକଲ୍ୟାଣ ଚିନ୍ତାଧାରାରେ ଏକ ବଡ଼ ପଦକ୍ଷେପ ଭାବେ ଆସିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଯୋଜନାର ଲକ୍ଷ୍ୟ ଥିଲା ଓଡ଼ିଶାର ଯୋଗ୍ୟ ମହିଳାମାନଙ୍କୁ ପାଞ୍ଚ ବର୍ଷ ମଧ୍ୟରେ ମୋଟ ୫୦ ହଜାର ଟଙ୍କାର ସହାୟତା ଦେବା, ଅର୍ଥାତ୍ ପ୍ରତିବର୍ଷ ୧୦ ହଜାର ଟଙ୍କା ଦୁଇଟି ସମାନ କିସ୍ତିରେ ସିଧାସଳଖ ବ୍ୟାଙ୍କ ଖାତାକୁ ପହଞ୍ଚାଇବା। ଦୁଇ ବର୍ଷ ପୂର୍ତ୍ତିରେ ସୁଭଦ୍ରାକୁ ଦେଖିବାର ଅର୍ଥ କେବଳ କେତେ ଟଙ୍କା ବଣ୍ଟନ ହେଲା ତାହା ଗଣନା କରିବା ନୁହେଁ; ପ୍ରକୃତ ପ୍ରଶ୍ନ ହେଉଛି—ଏହି ଅର୍ଥ ମହିଳାଙ୍କ ଜୀବନରେ କେତେ ନୂଆ ସମ୍ଭାବନା ଖୋଲିଛି ? ସେ କେତେ ଅଧିକ ଆତ୍ମନିର୍ଭର ହୋଇଛନ୍ତି ? ନିଜ ଟଙ୍କା ବିଷୟରେ ନିଜେ ନିଷ୍ପତ୍ତି ନେବାର ସାହସ କେତେ ବଢ଼ିଛି ? ଏହି ପ୍ରଶ୍ନଗୁଡ଼ିକ ହିଁ ସୁଭଦ୍ରାର ଦୀର୍ଘକାଳୀନ ସଫଳତାର ପ୍ରକୃତ ମାପଦଣ୍ଡ ହୋଇପାରେ। ଯୋଜନାର ନିର୍ଦ୍ଦେଶାବଳୀ ଅନୁସାରେ ଯୋଗ୍ୟ ମହିଳାଙ୍କ ବୟସ ୨୧ ବର୍ଷ କିମ୍ବା ତାଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହେବା ଆବଶ୍ୟକ। ଯୋଜନାର ଲାଭ ପାଇଁ ଆଧାର ସଂଯୁକ୍ତ ଓ ସିଧାସଳଖ ଅର୍ଥ ହସ୍ତାନ୍ତରଯୋଗ୍ୟ ବ୍ୟାଙ୍କ ଖାତା ଭଳି ବ୍ୟବସ୍ଥା ରହିଛି। ଏହାର ଉଦ୍ଦେଶ୍ୟ କେବଳ ଟଙ୍କା ପହଞ୍ଚାଇବା ନୁହେଁ, ବରଂ ମହିଳାଙ୍କୁ ଔପଚାରିକ ଆର୍ଥିକ ବ୍ୟବସ୍ଥା ସହିତ ଆହୁରି ଦୃଢ଼ ଭାବେ ଯୋଡ଼ିବା। ଦୁଇ ବର୍ଷର ଯାତ୍ରାରେ ସୁଭଦ୍ରାର ପରିସର ଏକ କୋଟିରୁ ଅଧିକ ମହିଳାଙ୍କୁ ଛୁଇଁଛି। ୨୦୨୬ ମାର୍ଚ୍ଚ ୮ରେ ଚତୁର୍ଥ କିସ୍ତି ଅବସରରେ ଏକ କୋଟିରୁ ଅଧିକ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ହସ୍ତାନ୍ତର ହୋଇଥିବା ରାଜ୍ୟ ସରକାର କହିଥିଲେ। ସେହି ସମୟରେ ମୋଟ ସହାୟତା ୫ ହଜାର କୋଟି ଟଙ୍କାରୁ ଅଧିକ ଥିବା ମଧ୍ୟ ଜଣାଇଥିଲେ। ପରେ ୨୦୨୬ ଅଗଷ୍ଟ ୨୮ରେ ପଞ୍ଚମ କିସ୍ତି ଅବସରରେ ଏକ କୋଟି ୩ ଲକ୍ଷରୁ ଅଧିକ ମହିଳାଙ୍କ ଖାତାକୁ ସହାୟତା ସିଧାସଳଖ ପଠାଯାଇଥିବା ରାଜ୍ୟ ସରକାର ପ୍ରକାଶ କରିଛନ୍ତି। ଏହି ସଂଖ୍ୟା ଏକ ବଡ଼ ପ୍ରଶାସନିକ ପହଞ୍ଚକୁ ସୂଚାଏ, କିନ୍ତୁ ସଂଖ୍ୟାଠାରୁ ବଡ଼ ହେଉଛି ଏହାର ମାନବୀୟ କାହାଣୀ। ଗାଁର ଜଣେ ମହିଳା ନିଜ ଘରୋଇ ଆବଶ୍ୟକତା ସହିତ କିଛି ଟଙ୍କା ସଞ୍ଚୟ କରୁଛନ୍ତି, ଅନ୍ୟଜଣେ ଛୋଟ ବ୍ୟବସାୟରେ ଅର୍ଥ ଲଗାଉଛନ୍ତି, ଆଉ କେହି ସନ୍ତାନଙ୍କ ଶିକ୍ଷା କିମ୍ବା ପରିବାରର ଆବଶ୍ୟକତାରେ ଏହା ବ୍ୟବହାର କରୁଛନ୍ତି। ଏହି ଛୋଟ ଛୋଟ ନିଷ୍ପତ୍ତିଗୁଡ଼ିକ ହିଁ ଏକ ବଡ଼ ସାମାଜିକ ପରିବର୍ତ୍ତନର ଭିତ୍ତି ହୋଇପାରେ। ସୁଭଦ୍ରାର ମୂଳ ଶକ୍ତି ଏଠି—ଏହା ମହିଳାଙ୍କୁ କେବଳ ଲାଭାର୍ଥୀ ଭାବେ ଦେଖିବାରୁ ଆଗକୁ ନେଇ ତାଙ୍କୁ ଆର୍ଥିକ ନିଷ୍ପତ୍ତିର ଏକ ସକ୍ରିୟ ଅଂଶୀଦାର କରିବାର ସୁଯୋଗ ଦେଉଛି। ରାଜ୍ୟର ୨୦୨୫–୨୬ ଆର୍ଥିକ ସର୍ବ ?କ୍ଷଣରେ ସୁଭଦ୍ରା ଯୋଜନାକୁ ପାଞ୍ଚ ବର୍ଷରେ ୫୦ ହଜାର ଟଙ୍କା ସହାୟତା ଦେଉଥିବା ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଭାବେ ଉଲ୍ଲେଖ କରାଯାଇଛି। ସର୍ବ ?କ୍ଷଣ ଅନୁସାରେ ୨୦୨୫ରେ ଏକ କୋଟିରୁ ଅଧିକ ହିତାଧିକାରୀଙ୍କୁ ୧୦ ହଜାର କୋଟିରୁ ଅଧିକ ଟଙ୍କା ବଣ୍ଟନ ହୋଇଥିଲା। ପ୍ରାୟ ୨୨ ହଜାର ହିତାଧିକାରୀଙ୍କ ନମୁନାକୁ ନେଇ କରାଯାଇଥିବା ସୁଭଦ୍ରା ସମୀକ୍ଷାରେ ଅର୍ଥର ଉତ୍ପାଦନଶୀଳ ବ୍ୟବହାର, ଆର୍ଥିକ ସ୍ୱାଧୀନତା ଓ ଟଙ୍କା ପରିଚାଳନାରେ ଆତ୍ମବିଶ୍ୱାସ ବୃଦ୍ଧି ଭଳି ପ୍ରଭାବ ଚିହ୍ନଟ ହୋଇଥିବା ସର୍ବ ?କ୍ଷଣରେ କୁହାଯାଇଛି। ଏହି ଦିଗଟି ବିଶେଷ ଗୁରୁତ୍ୱର। କାରଣ ମହିଳା ସଶକ୍ତିକରଣର ଅର୍ଥ କେବଳ ତାଙ୍କ ଖାତାରେ ଟଙ୍କା ରହିବା ନୁହେଁ; ସେହି ଟଙ୍କା କେଉଁଠି ଖର୍ଚ୍ଚ ହେବ, କେତେ ସଞ୍ଚୟ ହେବ, କେତେ ନିବେଶ ହେବ—ଏହି ନିଷ୍ପତ୍ତିରେ ମହିଳାଙ୍କ ସ୍ୱାଧୀନ ଭୂମିକା ବଢ଼ିବା ହେଉଛି ପ୍ରକୃତ ଲକ୍ଷ୍ୟ। ସେହି କାରଣରୁ ସୁଭଦ୍ରାକୁ ଆଗାମୀ ଦିନରେ ଅନ୍ୟାନ୍ୟ ମହିଳାମୁଖୀ କାର୍ଯ୍ୟକ୍ରମ ସହିତ ଯୋଡ଼ିବା ଆବଶ୍ୟକତା ରହିଛି। ଦକ୍ଷତା ବିକାଶ, ବଜାର ସଂଯୋଗ, ଡିଜିଟାଲ ଆର୍ଥିକ ସାକ୍ଷରତା, କ୍ଷୁଦ୍ର ଉଦ୍ୟମ, ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦନଶୀଳ ନିବେଶ ସହିତ ଯଦି ଅର୍ଥସହାୟତାର ସମନ୍ୱୟ ହୁଏ, ତେବେ ଏକ ଥରର ଆର୍ଥିକ ସହାୟତା ଦୀର୍ଘକାଳୀନ ଆୟ ସୃଷ୍ଟିର ମାଧ୍ୟମ ହୋଇପାରିବ। ରାଜ୍ୟ ସରକାର ମଧ୍ୟ ସୁଭଦ୍ରା ସହିତ ଦକ୍ଷତା, ମାର୍ଗଦର୍ଶନ, ବଜାର ସଂଯୋଗ ଓ ଆର୍ଥିକ ସହାୟତାକୁ ଯୋଡ଼ିବା ଦିଗରେ ପଦକ୍ଷେପ ନେଇଥିବା ଜଣାଇଛନ୍ତି। ଏଠାରେ ଆଉ ଏକ ପ୍ରଶ୍ନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ—ଯୋଜନାର ପ୍ରତ୍ୟେକ ଯୋଗ୍ୟ ମହିଳାଙ୍କ ପାଖରେ ସୂଚନା, ଆବେଦନ, ପ୍ରମାଣୀକରଣ ଓ ଅର୍ଥ ପହଞ୍ଚିବାରେ କୌଣସି ବାଧା ରହିଛି କି ? ଗ୍ରାମାଞ୍ଚଳର ଦୂରଦୂରାନ୍ତର ମହିଳା, ବୃଦ୍ଧ ହିତାଧିକାରୀ, ଡିଜିଟାଲ ଜ୍ଞାନରେ ପଛୁଆ ଲୋକ ଓ ବ୍ୟାଙ୍କିଂ ସୁବିଧାରୁ ଦୂରେ ଥିବା ପରିବାର ପାଇଁ ସହଜ ସହାୟତା ନିଶ୍ଚିତ କରିବା ଦରକାର। କାରଣ କୌଣସି ଯୋଜନାର ଶେଷ ସଫଳତା ଘୋଷଣାରେ ନୁହେଁ, ଶେଷ ଯୋଗ୍ୟ ମହିଳାଙ୍କ ଜୀବନରେ ତାହାର ପ୍ରଭାବରେ ନିର୍ଣ୍ଣୟ ହୁଏ। ସୁଭଦ୍ରାର ଦୁଇ ବର୍ଷ ଆମକୁ ଏହି ଶିକ୍ଷା ମଧ୍ୟ ଦିଏ ଯେ, ମହିଳାଙ୍କ ହାତକୁ ଅର୍ଥ ପହଞ୍ଚିଲେ ତାହାର ପ୍ରଭାବ ଘରର ଚାରି କାନ୍ଥ ମଧ୍ୟରେ ଅଟକି ରହେ ନାହିଁ। ତାହା ଶିକ୍ଷା, ପୋଷଣ, ସ୍ୱାସ୍ଥ୍ୟ, ଛୋଟ ବ୍ୟବସାୟ, ସଞ୍ଚୟ ଓ ସାମାଜିକ ନିଷ୍ପତ୍ତିରେ ପ୍ରତିଫଳିତ ହୋଇପାରେ। ଜଣେ ମାଆଙ୍କ ଆର୍ଥିକ ଆତ୍ମବିଶ୍ୱାସ ଅନେକ ସମୟରେ ତାଙ୍କ ସନ୍ତାନଙ୍କ ଭବିଷ୍ୟତରେ ମଧ୍ୟ ଆତ୍ମବିଶ୍ୱାସ ଜନ୍ମାଏ। ଜଣେ ଗୃହିଣୀଙ୍କ ହାତରେ ନିଜସ୍ୱ ଅର୍ଥ ଥିଲେ ପରିବାରର ଅର୍ଥନୈତିକ ଆଲୋଚନାରେ ତାଙ୍କ ସ୍ୱର ଆହୁରି ଦୃଢ଼ ହୋଇପାରେ। ଜଣେ କ୍ଷୁଦ୍ର ଉଦ୍‌ଯୋଗୀ ମହିଳା ପାଇଁ ଏହି ସହାୟତା ଏକ ନୂଆ ଆରମ୍ଭ ହୋଇପାରେ। ଏହି ସମସ୍ତ ସମ୍ଭାବନାକୁ ଏକାଠି କଲେ ସୁଭଦ୍ରା କେବଳ ଏକ ଅର୍ଥସହାୟତା ଯୋଜନା ନୁହେଁ, ଏକ ବ୍ୟାପକ ସାମାଜିକ ପରିବର୍ତ୍ତନର ମାଧ୍ୟମ ହେବାର ସୁଯୋଗ ରଖେ। କିନ୍ତୁ ଏହି ଯାତ୍ରାରେ ସରକାର, ପ୍ରଶାସନ, ବ୍ୟାଙ୍କ, ସ୍ଥାନୀୟ ସଂସ୍ଥା ଓ ସମାଜ—ସମସ୍ତଙ୍କ ଦାୟିତ୍ୱ ରହିଛି। ଯୋଜନାର ଲାଭ ଯେପରି ସଠିକ୍ ମହିଳାଙ୍କ ପାଖକୁ ଯାଏ, ମଧ୍ୟସ୍ଥତା କିମ୍ବା ଅନିୟମିତତାର ସୁଯୋଗ ନ ରହେ, ଅଭିଯୋଗର ଦ୍ରୁତ ସମାଧାନ ହୁଏ ଏବଂ ହିତାଧିକାରୀ ନିଜ ଅଧିକାର ବିଷୟରେ ସଚେତନ ରହନ୍ତି—ଏହି ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ଆବଶ୍ୟକ। ସେହିପରି ଦୁଇ ବର୍ଷ ପରେ ସୁଭଦ୍ରାର ପରବର୍ତ୍ତୀ ଅଧ୍ୟାୟ କେବଳ କିସ୍ତି ବଣ୍ଟନର ଅଧ୍ୟାୟ ହେବା ଉଚିତ ନୁହେଁ; ଏହା ମହିଳାଙ୍କୁ ସ୍ୱାବଲମ୍ବୀ କରିବାର ଅଧ୍ୟାୟ ହେବା ଆବଶ୍ୟକ। ସୁଭଦ୍ରାର ସ୍ୱପ୍ନ ସେତେବେଳେ ପୂରଣ ହେବ, ଯେତେବେଳେ ଜଣେ ମହିଳା କହିପାରିବେ—“ମୋ ହାତରେ ଥିବା ଟଙ୍କା ମୋତେ କେବଳ ସହାୟତା ଦେଇନାହିଁ, ନିଜ ପାଦରେ ଠିଆ ହେବାର ସାହସ ଦେଇଛି।” ଓଡ଼ିଶାର ବିକାଶର ଅର୍ଥ ଯଦି ସମସ୍ତଙ୍କ ଅଂଶଗ୍ରହଣ, ତେବେ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ତାହାର ଅପରିହାର୍ଯ୍ୟ ଅଂଶ।

# ବିକାଶ, ସ୍ୱାଭିମାନ ଓ ଭାରତୀୟତାର ପ୍ରତୀକ:ନରେନ୍ଦ୍ର ମୋଦୀ



### ମୋହନ ଚରଣ ମାଝୀ

ଆଜି ହେଉଛି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଜନ୍ମ ଦିବସ। ତାଙ୍କର ସାରା ଜୀବନ ଦେଶ ସେବା ଓ ସମାଜରେ ପରିବର୍ତ୍ତନ ଆଣିବା ଦିଗରେ ସମର୍ପିତ। ତେଣୁ, ତାଙ୍କର ଏହି ଜନ୍ମ ଦିବସକୁ ‘ସେବା ସଂକଳ୍ପ’ ଭାବେ ଏକ ମାସ ବ୍ୟାପୀ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ କେବଳ ଜଣେ ରାଜନେତାଙ୍କ ଜୀବନର ଉତ୍ସବ ନୁହେଁ, ବରଂ ଗତ ଦଶନ୍ଧି ମଧ୍ୟରେ ଭାରତର ଆତ୍ମବିଶ୍ୱାସ, ଆକାଂକ୍ଷା ଏବଂ ବିକାଶ ଦିଗକୁ ଆକାର ଦେଇଥିବା ପରିବର୍ତ୍ତନ ଉପରେ ପ୍ରତିଫଳନ କରିବାର ଏକ ସୁଯୋଗ।

ଆଧୁନିକ ଭାରତ, ବିଶେଷ ଭାବେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଇତିହାସ ଯେତେବେଳେ ବି ଲେଖାହେବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର କାଳଖଣ୍ଡ ବିଶେଷ ରୂପରେ ରେଖାଙ୍କିତ ହେବ। କାରଣ ଗତ ୨୦୧୪ ମସିହା ପରବର୍ତ୍ତୀ ଭାରତରେ ରାଷ୍ଟ୍ର ଗଠନ ପାଇଁ ଯେଉଁ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳୁଛି ତାହା ଦେଶକୁ ବ୍ରିଟିଶ ଶାସକଙ୍କ ଦାଉରୁ ଦେଶକୁ ମୁକ୍ତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଖାଯାଇଥିଲା। ଏହା ଅତ୍ୟୁକ୍ତି ନୁହେଁ, କାରଣ ସ୍ୱାଧୀନତାର ପ୍ରଥମ ପଚାଶ ଦଶକରେ ଅଭିବୃଦ୍ଧି ଏତେ କମ ଥିଲା ଯେ ପାଶ୍ଚାତ୍ୟ ଅର୍ଥଶାସ୍ତ୍ରୀମାନେ ଅପମାନ ସୂଚକ ‘ହିନ୍ଦୁ ଅଭିବୃଦ୍ଧି’ କହୁଥିଲେ। ଭାରତ ପରି ବିଶାଳ ଦେଶରେ ଅଭିବୃଦ୍ଧି କମ ରହୁଥିବାରୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ଦେଶ ମୁକୁଳିପାରି ନ ଥିଲା।

କିନ୍ତୁ, ୨୦୧୪ ମସିହାରେ ଦେଶର ରାଜନୈତିକ ମାନଚିତ୍ର ଯେ ବଦଳି ଥିଲା, ତାହା ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଦୁରଦୃଷ୍ଟି ସମ୍ପନ୍ନ ନୀତି ଦେଶର ବିକାଶକୁ ଏକ ନୂତନ ଦଶା ଓ ଦିଶା ପ୍ରଦାନ କରିଥିଲା। ଜୁଲାଇ ୨୦୧୬ ରେ ନୀତି ଆୟୋଗର ୧୫ ବର୍ଷୀୟ ଭିଜନ ଡକ୍ୟୁମେଣ୍ଟର ଉନ୍‌ମୋଚନ ସମୟରେ ପ୍ରଧାନମନ୍ତ୍ରୀ ତାଙ୍କର ଦୁରଦୃଷ୍ଟି ସମ୍ପନ୍ନ ନୀତିକୁ ଲୋକ ଲୋଚନକୁ ଆଣିଥିଲେ। ଏହି ନୀତି ଅନୁସାରେ ଭାରତ ଆଉ ତାଳିପକା ବିକାଶ ଦିଗରେ ଚାଲି ପାରିବ ନାହିଁ। ଦେଶକୁ ବିକଶିତ କରିବାକୁ ହେଲେ ଦେଶର ନୀତିରେ ‘ରୂପାନ୍ତରିତ ପରିବର୍ତ୍ତନ’କୁ ଆଦୃତ କରିବାକୁ ହେବ ଯାହାରର ମୂଳଦୁଆ ହେଉଛି,‘ଗତି, ପାରଦର୍ଶିତା ଓ ଉତ୍ତରଦାୟିତ୍ୱତା’(Speed,Transformation &Accountability)। ଏହି ପରିବର୍ତ୍ତିତ ନୀତି ଓ ନୂତନ ସଂକଳ୍ପ ସହିତ ଆରମ୍ଭ ହେଲା ନୂତନ ରାଷ୍ଟ୍ର ଗଠନର ମହାଯଜ୍ଞ।

ବର୍ତ୍ତମାନ ମାନନୀୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ବାର ବର୍ଷରୁ କିଛି ଅଧିକ ସମୟ ଅତିବାହିତ ହୋଇଛି। ଏହି ସମୟ ମଧ୍ୟରେ ଅନେକ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ସମସ୍ୟା ଦେଶ ସମ୍ମୁଖରେ ଉପନୀତ ହୋଇଛି। ଯେପରିକି ରୁଷିଆ-ୟୁକ୍ରେନ ଯୁଦ୍ଧ, ବର୍ତ୍ତମାନ ଚାଲୁଥିବା ମଧ୍ୟପ୍ରାଚ୍ୟରେ ଯୁଦ୍ଧ। ଆଭ୍ୟନ୍ତରୀଣ କ୍ଷେତ୍ରରେ ଚଳିତ ଶତାବ୍ଦୀର ସବୁଠାରୁ ବଡ ସଙ୍କଟ କୋଭିଡ ତଥା ଦେଶ ଗତ ପଚାଶ ଦଶନ୍ଧି ଧରି ପ୍ରଭାବିତ ହୋଇଥିବା ନକ୍ସଲବାଦ ଓ ମାଓବାଦୀ ହିଂସା। କିନ୍ତୁ, ଏହି ପ୍ରତ୍ୟେକଟି ସମସ୍ୟାର ସମ୍ମୁଖୀନ ହୋଇ ଦେଶକୁ ଦୃଢ, ସ୍ଥିର ରଖି ବିକାଶର ଗତିକୁ ବଜାୟ ରଖିବା କୌଣସି ଚମତ୍କାରରୁ କମ ନୁହେଁ। ଏହାର ସଦ୍ୟତମ ପ୍ରମାଣ ହେଉଛି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ଥିଲା। ଯେତେବେଳେ ସମଗ୍ର ବିଶ୍ୱ ନିଜ ଅର୍ଥନୀତି ମଙ୍ଗ ସଳଖିବା ପାଇଁ ସଂଗ୍ରାମ କରୁଛନ୍ତି, ଭାରତ ବିଶ୍ୱର ଦୃତତମ ଅଭିବୃଦ୍ଧି ହାସଲ କରିଥିବା ବୃହତ ଅର୍ଥନୀତି ଭାବେ ଉଭା ହୋଇଛି ଯାହା କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଓ ସୁପରିଚାଳନା ପାଇଁ ସମ୍ଭବ ହୋଇଅଛି।

ଏହି ଦଶ ବର୍ଷରେ ମାନନୀୟ ପ୍ରଧାନମନ୍ତ୍ରୀ ‘ସବ୍ ?କା ସାଥ, ସବ୍ ?କା ବିକାଶ, ସବ୍ ?କା ବିଶ୍ୱାସ ଓ ସବ୍ ?କା ପ୍ରୟାସ’ ମନ୍ତ୍ରରେ ଭାରତକୁ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଣତ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରି ଅଗ୍ରସର ହେଉଛନ୍ତି। ଏହି ବାର ବର୍ଷରେ ମୋଦୀ ଜୀଙ୍କର ଉପଲବ୍ଧିର ତାଲିକା ବହୁତ ଲମ୍ବା। ଏହି ସଫଳତା ମଧ୍ୟରେ ୨୫ କୋଟି ଭାରତୀୟଙ୍କୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ମୁକ୍ତ କରିବା ଏକ ମାପଦଣ୍ଡ। ସ୍ୱଚ୍ଛ ଭାରତ, ଉଜ୍ଜ୍ୱଳା ଯୋଜନା, ପିଏମ କିଷାନ, ଆୟୁଷ୍ମାନ ଭାରତ, ନୂତନ ଶିକ୍ଷାନୀତି, ମେକ ଇନ ଇଣ୍ଡିଆ, ନାରୀ ଶକ୍ତି ବନ୍ଦନ ଅଧିନିୟମ, ୟୁପିଆଇ, ଜିଏସଟି, ଖେଲୋ ଇଣ୍ଡିଆ ପରି ଯୁଗାନ୍ତକାରୀ ନୀତି ଓ କାର୍ଯ୍ୟକ୍ରମ ଫଳରେ ଦେଶର ପ୍ରତ୍ୟେକ ବର୍ଗଙ୍କ ଜୀବନଶୈଳୀ ସୁଲଳିତ ଓ ସ୍ୱାଚ୍ଛନ୍ଦ୍ୟ ହୋଇପାରିଛି।

ମାନନୀୟ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଗତ ଜୁନ, ୨୦୨୪ରେ ରାଜ୍ୟରେ ଏକ ନୂତନ ସରକାର ଆସିବା ଏହି ଭୂମିକାକୁ ସାର୍ଥକ କରିବାରେ ନିଶ୍ଚିତ ଭାବେ ସହାୟକ ହେବ। ଦୀର୍ଘଦିନ ଧରି ଓଡିଶାର ପ୍ରକୃତିକ ପ୍ରାଚୁର୍ଯ୍ୟ, ଯେପରିକି ଖଣିଜ ଦ୍ରବ୍ୟ, ସୁଦୀର୍ଘ ତଟ, ପାଣି, ଜଳ, ଜଙ୍ଗଲର ସଦୁପୋଯୋଗ ହୋଇପାରି ନ ଥିଲା। ଏହି କାରଣରୁ ରାଜ୍ୟର ପ୍ରକୃତ ସାମର୍ଥ୍ୟର ସୁଫଳ ଏହାର ଜନସାଧାରଣ ପାଇ ପାରି ନ ଥିଲେ। କିନ୍ତୁ, ଗତ ଦୁଇ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଓଡିଶାରେ ଏକ ପ୍ରକାର ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି। ମାତ୍ର ଦୁଇ ବର୍ଷରେ ଓଡିଶା ପାଇଁ ୨୨ ଲକ୍ଷ କୋଟି ଟଙ୍କାରୁ ବି ଅଧିକ ନିବେଶ ସମ୍ଭାବନା ସୃଷ୍ଟି ହୋଇଛି ଯାହା ମଧ୍ୟରୁ ତିନି ଲକ୍ଷ କୋଟି ଟଙ୍କାରୁ ବି ଅଧିକ ବ୍ୟୟରେ ୧୫୪ ଗୋଟି ଶିଳ୍ପର ଉଦ୍ଘାଟନ କିମ୍ବା ଗ୍ରାଉଣ୍ଡ ବ୍ରେକିଙ୍ଗ କରାଯାଇଛି। ଆଗାମୀ ଦିନରେ ରାଜ୍ୟରେ ଅତି କମରେ ୧୭ ଲକ୍ଷ ନୂଆ ରୋଜଗାର ସୃଷ୍ଟି ହେବାକୁ ଯାଉଛି। ଏହା ସମ୍ଭବ ହୋଇଥିଲା ମୋଦୀ ଜୀଙ୍କର ଗୋଟିଏ ଆହ୍ୱାନ,‘ଓଡିଶାରେ ନିବେଶ ପାଇଁ ଯେହି ସମୟ ହୈ, ସହି ସମୟ ହୈ’।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ବିକାଶ ଦୃଷ୍ଟିକୋଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ ଏହା ବିକାଶ ଏବଂ ମର୍ଯ୍ୟାଦାକୁ ପରସ୍ପରଠାରୁ ପୃଥକ ବୋଲି ବିବେଚନା କରେ ନାହିଁ। ତାଙ୍କ ମତରେ ଦେଶର ବିକାଶର ଫଳ ସମାଜର ଶେଷ ପାହୁଚରେ ଥିବା ବ୍ୟକ୍ତି ପାଖରେ ପହଞ୍ଚି ପାରିବ।

ତେଣୁ, ପ୍ରଧାନମନ୍ତ୍ରୀ ସବୁବେଳେ ଚାରି ବର୍ଗ ବିଶେଷ ଭାବେ ‘ମହିଳା, ଗରିବ, ଅନ୍ନଦାତା ଓ ଯୁବା’ଙ୍କ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ପୂର୍ବ ବ୍ୟବସ୍ଥା ଅନୁସାରେ ଏମାନେ କେବଳ ଲାଭାର୍ଥୀ ଭାବେ ପରିଗଣିତ ହେଉଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନୂତନ ଶାସନ ପଦ୍ଧତିରେ ତାଙ୍କୁ ‘ବିକାଶ ଯାତ୍ରାରେ ଅଂଶୀଦାର’ ଭାବେ ଗୁରୁତ୍ୱ ଦିଏ। ଏହି ଚିନ୍ତନର ପ୍ରତିଛବି ହେଉଛନ୍ତି ଦେଶର ପ୍ରଥମ ନାଗରିକ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଯିଏ କି ସାଧାରଣ ଜନଜାତି ପଡିବାରୁ ଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଙ୍କୃତ କରି ପଡିଛନ୍ତି।

ଏକ ଆଦିବାସୀ ପରିବାରରେ ଜନ୍ମିତହୋଇ ବ୍ୟକ୍ତିଗତ ଭାବରେ ଏହି ଭାବନାକୁ ହୃଦୟଙ୍ଗମ କରେ। କେନ୍ଦୁଝରର ଏକ ଅଖ୍ୟାତ ପଲ୍ଲୀରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ମୋର ଯାତ୍ରା ପ୍ରମାଣ କରେ ଯେ ଲୋକତନ୍ତ୍ରରେ ସର୍ବୋତ୍ତମ ସମ୍ଭାବନା ସୁଯୋଗ ସୃଷ୍ଟି କରିପାରେ।ନୂତନ ଭାରତ ଏହି ବାର୍ତ୍ତା ପ୍ରଦାନ କରେ ଯେ ‘ଜନ୍ମ’ ଜଣେ ବ୍ୟକ୍ତିକୁ ସୀମିତ କରେ ନାହିଁ।କଠିନ ପରିଶ୍ରମ, ସେବା, ସଚ୍ଚୋଟତା ଏବଂ ସୁଯୋଗ ସେମାନଙ୍କୁ ଅଧିକ ଦାୟିତ୍ୱରେ ପହଞ୍ଚାଇପାରେ।

ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ଦୃଷ୍ଟିକୋଣ ଏହି ବ୍ୟାପକ ଜାତୀୟ ଦୃଷ୍ଟିକୋଣର ଏକ ଅଂଶ।ଭାରତର ବିକାଶ ସେତେବେଳେ ସନ୍ତୁଳିତ ହୋଇପାରିବ ଯେତେବେଳେ ପୂର୍ବ ଭାରତ ଏହାର ପୂର୍ଣ୍ଣ ସମ୍ଭାବନାକୁ ଆଗକୁ ବଢେ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଓଡ଼ିଶା ଏହି ପରିବର୍ତ୍ତନରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ।

ପ୍ରଧାନମନ୍ତ୍ରୀ ମୋଦୀ ଜୀ ଙ୍କ ନେତୃତ୍ୱର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ବିଶ୍ୱ ମହତ୍ତ୍ୱାକାଂକ୍ଷା ଏବଂ ତୃଣମୂଳ ସମ୍ବେଦନଶୀଳତାର ସନ୍ତୁଳନ।ଆଜି, ଭାରତ ବିଶ୍ୱର ପ୍ରମୁଖ ମଞ୍ଚଗୁଡ଼ିକରେ ଆତ୍ମବିଶ୍ୱାସର ସହିତ କଥା ହେଉଛି ଯାହାର ସଦ୍ୟତମ ପ୍ରମାଣ ହେଉଛି ନିକଟରେ ସମାପ୍ତ ହୋଇଥିବା ବ୍ରିକ୍ସ ୨୦୨୬ ର ଆୟୋଜନ। ଅନ୍ତର୍ଜାତୀୟ ସମ୍ପର୍କ, ଆର୍ଥିକ ସହଯୋଗ ଏବଂ ବିଶ୍ୱ ନୀତି ଆଲୋଚନାରେ ଭାରତର ଭୂମିକା ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଛି।କିନ୍ତୁ ଏହି ବିଶ୍ୱ ପ୍ରତିଛବି ସହିତ ସମାନ୍ତରାଳ ଭାବରେ, ପ୍ରଧାନମନ୍ତ୍ରୀ ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ଆଲୋଚନା ମଧ୍ୟ ବଜାୟ ରଖିଛନ୍ତି।

ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ରାଜ୍ୟ ଶାସନ ପଦ୍ଧତିକୁ ବିଶେଷ ଭାବେ ପ୍ରଭାବିତ କରିଛି। ଦେଶରେ ଦୃତ ଶିଳ୍ପାୟନ ସହିତ ସମାଜର ଆର୍ଥିକ ଓ ସାମାଜିକ ସ୍ତରରେ ଦୁର୍ବଳ ବର୍ଗଙ୍କ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ଓ ଯୋଜନା ପ୍ରଣୟନ କରୁଛନ୍ତି। ସେଥିମଧ୍ୟରୁ ମାହିଳାଙ୍କ ପାଇଁ ସୁଭଦ୍ରା ଯୋଜନା,ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, କନ୍ୟା ସୁମଙ୍ଗଳ ଯୋଜନା, ଲଖ୍ ପତି ଦିଦି ଯୋଜନା, ଶିକ୍ଷା ପାଇଁ ନୂଆ ଶିକ୍ଷା ନୀତି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, କେଜି ରୁ ପିଜି ନିଃଶୁଳ୍କ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ନଦାତାଙ୍କ ପାଇଁ କୃଷକ ସମୃଦ୍ଧି ଯୋଜନା ଓ ସି ଏମ କିଷାନ ଯୋଜନା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ କଲ୍ୟାଣକାରୀ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା ରାଜ୍ୟର ଗରିବଙ୍କ ପାଇଁ ଉତ୍ସର୍ଗୀକୃତ। ସବୁଠାରୁ ଉଲ୍ଲେଖନୀୟ ବିଷୟ ଯେ ଏହି ଯୋଜନା କେବଳ ଘୋଷାଣରେ ସୀମାବଦ୍ଧ ହୋଇ ରହିନାହିଁ, ଏହା ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ତାହାଙ୍କ ପାଖରେ ପହଞ୍ଚୁଛି।

ଅନେକ ସମୟରେ ବିଭିନ୍ନ ମହଲରେ ଆଲୋଚନା ହୁଏ ଯେ ଡବଲ ଇଞ୍ଜିନ ପରେ ଓଡିଶା ପାଇଲା କ’ଣ। ଏହାର ଏକ ଲମ୍ବା ତାଲିକା ଅଛି। ଶଙ୍କ ?ପରେ କହିଲେ ଡବଲ ଇଞ୍ଜିନ ସରକାରଙ୍କ ସୁଫଳ ସ୍ୱରୂପ ଓଡ଼ିଶାକୁ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୪୦ ହଜାର କୋଟି ଟଙ୍କାର ସଡ଼କ ପ୍ରକଳ୍ପ, ୨୫ ହଜାର କୋଟିର ବନ୍ଦର ପ୍ରକଳ୍ପ ଏବଂ ୨୫ ହଜାର କୋଟି ଟଙ୍କା ବ୍ୟୟରେ ଜାହାଜ ନିର୍ମାଣ ଓ ମରାମତି ପ୍ରକଳ୍ପ, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର,କୋଷ୍ଟାଲ ହାଇୱେ ଆଦି ବିଶାଳ ଭିତ୍ତିଭୂମି ଯୋଗାଇ ଦିଆଯାଇଛି।

ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀ କେବେ ହେଲେ କାର୍ପଣ୍ୟତା ପ୍ରଦର୍ଶନ କରି ନାହାନ୍ତି। ଯେତେବେଳେ ରାଜ୍ୟରେ ବିରୋଧୀ ଦଳ ସରକାର ଥିଲା, ସେତେବେଳେ ମଧ୍ୟ ରାଜ୍ୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେତେବେଳେ ଯାହା ସହାୟତା ଦାବି କରଯାଇଥିଲା, ସବୁ ଶ୍ରୀ ମୋଦୀ ଜୀ ଯୋଗାଇ ଦେଇଥିଲେ। ସେ କୋଭିଡ ମହାମାରୀ ପାଇଁ ସହାୟତା ହେଉ କି ପ୍ରକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରୀୟ ସହାୟତା ହେଉ। ଏହି ଉଦାରତା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ରାଜନେତା ଠାରୁ ‘ରାଷ୍ଟ୍ରନେତା’ ଭାବେ ଗଢି ତୋଳିଛି।

ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ରଗଠନ ଲକ୍ଷ୍ୟରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି ‘ବିକାଶ ଭି, ବିରାଶତ ଭି’। ଶ୍ରୀ ମୋଦୀ ଜୀ ଙ୍କର ନେତୃତ୍ୱ ଓ ପୃଷ୍ଠପୋଷକତାରେ ଦେଶରେ ‘ସାଂସ୍କୃତିକ ରାଷ୍ଟ୍ରବାଦ’ର ଏକ ନୂତନ ସ୍ରୋତ ପ୍ରବାହିତ ହେଉଛି, ଯାହା ଆଗରୁ କେବେ ଦେଖାଯାଇ ନ ଥିଲା। ଆଜି ପ୍ରତ୍ୟେକ ଭାରତୀୟ ଆମର ହଜାର ହଜାର ବର୍ଷର ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ଅନୁସାରେ ଆମ ସରକାର ବି ଓଡିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି। ଗତ ଦୁଇ ବର୍ଷରେ ରାଜ୍ୟ ସରକାର ଓଡିଆ ଭାଷା, ସଂସ୍କୃତି, ପରମ୍ପରା, ବିଶେଷ ଭାବେ ଜଗନ୍ନାଥ ସଂସ୍କୃତିକୁ ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ପରିଚିତ କରିବା ପାଇଁ ଅନେକ କାର୍ଯ୍ୟ କରିଛନ୍ତି ଓ ଆଗକୁ ଜାରି ରହିବ।

ଭାରତ ଆଜି ଏପରି ଏକ ସମୟରେ ଅଛି ଯେତେବେଳେ ଆକାଂକ୍ଷା ଏବଂ ସମ୍ଭାବନା ଏକାଠି ଆଗକୁ ବଢୁଛି।ଓଡ଼ିଶା ଏହି ଯାତ୍ରାରେ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ଚାହୁଁଛି, କେବଳ ଏକ ଅଂଶୀଦାର ନୁହେଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୋର ଜନ୍ମଦିନର ଶୁଭେଚ୍ଛା କେବଳ ଆନୁଷ୍ଠାନିକ ନୁହେଁ।ତାଙ୍କ ପ୍ରତି ସବୁଠାରୁ ଅର୍ଥପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ହେବ ଏକ ବିକଶିତ, ଆତ୍ମନିର୍ଭରଶୀଳ, ଆତ୍ମବିଶ୍ୱାସୀ ଏବଂ ଅନ୍ତର୍ଭୁକ୍ତିବାଦୀ ରାଷ୍ଟ୍ର ଭାବରେ ପରିକଳ୍ପିତ ଭାରତ ଗଠନରେ ଆମର କାର୍ଯ୍ୟ ମାଧ୍ୟମରେ ଯୋଗଦାନ ଦେବା।ଓଡ଼ିଶା ଏହି ଜାତୀୟ ସଂକଳ୍ପ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ।ଏକ ବିକଶିତ ଓଡ଼ିଶାରୁ ଏକ ବିକଶିତ ଭାରତ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆମର ସବୁଠାରୁ ସାର୍ଥକ ଇଚ୍ଛା ଏବଂ ଯଥାର୍ଥ ପ୍ରତିବଦ୍ଧତା।

ମୁଖ୍ୟମନ୍ତ୍ରୀ, ଓଡିଶା

# ଲଳିତା ସପ୍ତମୀ ଓ ବିଶ୍ୱକର୍ମା ପୂଜା

### ଜ୍ୟୋତ୍ସ୍ନା ମହାପାତ୍ର

ଭାଦ୍ରବ ଶୁକ୍ଳ ପକ୍ଷ ସପ୍ତମୀ ଦିନ ଅନୁଷ୍ଠିତ ହୁଏ ଲଳିତା ସପ୍ତମୀ ତଥା କୁକ୍କୁଟୀ ବ୍ରତ ବା ସନ୍ତାନ ସପ୍ତମୀ। ସୁପ୍ରିଦ୍ଧ ଅଷ୍ଟ ଗୋପୀକା ବା ଅଷ୍ଟସଖୀଙ୍କ ମଧ୍ୟରେ ଲଳିତା, ରାଧାଦେବୀଙ୍କର ଅତି ପ୍ରିୟ। ଗୌଡ଼ୀୟ ବୈଷ୍ଣବ ପରମ୍ପରାରେ ସେ ଖଣ୍ଡିତ ଭାବର ପ୍ରତୀକ। ସେ ଉଭୟ ରାଧା ଓ କୃଷ୍ଣଙ୍କ ଅତି ଅନ୍ତରଙ୍ଗ ଥିଲେ। ଭାଦ୍ରବ ଶୁକ୍ଳ ପକ୍ଷ ସପ୍ତମୀ, ତାଙ୍କ ଜନ୍ମ ଦିବସ। ପୁଣି, ଏହି ଦିନରେ ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ବିବାହିତାମାନେ କୁକ୍କୁଟୀ ବ୍ରତ ବା ସନ୍ତାନ ସପ୍ତମୀ ପାଳନ୍ତି।

ଏହା ମଧ୍ୟ ସନ୍ତାନଙ୍କ ସୁରକ୍ଷା ପାଇଁ ପାଳନ କରାଯାଉଥିବା ବ୍ରତ। ସନ୍ତାନଙ୍କ ସୁଖ-ଶାନ୍ତି କାମନା କରି ଭାରତର କେତେକ ଅଞ୍ଚଳରେ ଉଭୟ ସ୍ତ୍ରୀ ଓ ପୁରୁଷ ଏହି ବ୍ରତ ପାଳନ କରନ୍ତି। ଲୋମେଶ ମୁନି ଦେବକୀ ଓ ବସୁଦେବଙ୍କୁ ତଥା ଶ୍ରୀକୃଷ୍ଣ, ଯୁଧିଷ୍ଠିରଙ୍କୁ ଏହି ବ୍ରତର କାହାଣୀ ଏବଂ ମହତ୍ତ୍ୱ ଶୁଣାଇଥିଲେ। ଅଯୋଧ୍ୟାର ରାଜା ନହୁଷଙ୍କ ପତ୍ନୀ ଚନ୍ଦ୍ରବତୀ ଓ ତାଙ୍କର ବ୍ରାହ୍ମଣୀ ବାନ୍ଧବୀ ରୂପମତୀ, ଏହି ବ୍ରତ ବାବଦରେ ଜାଣିଥିବା ସତ୍ତ୍ୱେ ପାଳନ ନକରି ପଶୁ ଯୋନିରେ ଜନ୍ମ ନେଇଥିଲେ। ପୁଣି ଥରେ, ମଣିଷ ଜନ୍ମ ପାଇବା ପରେ ଚନ୍ଦ୍ରବତୀ ଈଶ୍ୱରୀ ରୂପେ ଏବଂ ରୂପମତୀ, ଭୂଷଣା ରୂପେ ପରିଚିତା ହୋଇଥିଲେ।

ପର ଜନ୍ମରେ ମଧ୍ୟ ଦୁହେଁ ବାନ୍ଧବୀ ଥିଲେ। ଭୂଷଣାଙ୍କର ପୂର୍ବ ଜନ୍ମ କଥା ମନେଥିଲା ଏବଂ ସେ ବ୍ରତ ପାଳନ କରି ଆଠ ପୁତ୍ର ସନ୍ତାନ ପାଇଥିଲେ। ଆଉ ଈଶ୍ୱରୀ ସନ୍ତାନହୀନା ଥିଲେ। ଈର୍ଷାନ୍ୱିତା ହୋଇ ସେ ବାନ୍ଧବୀଙ୍କ ପୁତ୍ରମାନଙ୍କର କ୍ଷତି କରିବାକୁ ଉଦ୍ୟମ କରି, ବିଫଳ ହେବା ପରେ କ୍ଷମା ଭିକ୍ଷା କରିଥିଲେ। ଭୂଷଣାଙ୍କ ପରାମର୍ଶରେ ଶେଷରେ ବ୍ରତ ପାଳନ କରି ପୁତ୍ର ଲାଭ କରିଥିଲେ।

ବିଶ୍ୱକର୍ମା ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ । ସେ ଶିଳ୍ପରାଜ ବିଶ୍ୱକର୍ମା । ତାଙ୍କୁ ଦେବଶିଳ୍ପୀ ଭାବେ ଗ୍ରହଣ କରାଯାଇଛି । ତେବେ, ତାଙ୍କର ରୂପ ଓ ପ୍ରକୃତ ପରିଚୟ ଆଦିକୁ ନେଇ ନାନା କାହାଣୀ, କିମ୍ବଦନ୍ତୀ ରହିଛି । ତାଙ୍କୁ ବିଶ୍ୱନିୟନ୍ତା ନାରାୟଣଙ୍କ ଏକ ରୂପ ଭାବେ କେତେକ ଗ୍ରହଣ କରିଛନ୍ତି । ବିଶ୍ୱକର୍ମାର ଏକ ଅର୍ଥ ହେଉଛି ସୃଷ୍ଟିକର୍ତ୍ତା । ପୁରାଣ ଅନୁଯାୟୀ ଅନନ୍ତଶୟନରେ ଶାୟିତ ନାରାୟଣଙ୍କର ନାଭି କମଳରୁ ସୃଷ୍ଟି ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏଣୁ ତାଙ୍କୁ ବ୍ରହ୍ମାଙ୍କ ଏକ ରୂପ ଭାବେ ମଧ୍ୟ କଳ୍ପନା କରି ପୂଜା କରାଯାଏ । ପଶ୍ଚିମ ବଙ୍ଗ ଓ ବିହାରରେ ବିଶ୍ୱକର୍ମା ହେଉଛନ୍ତି ଶ୍ରୀ ଶ୍ରୀ ନାରାୟଣ ଦେବ । ଭଗବାନଙ୍କୁ ମଣିଷ ନାନା ରୂପରେ କଳ୍ପନା କରିଛି । ଯେତେବେଳେ ସେ ସୃଷ୍ଟି କରନ୍ତି, ସେତେବେଳେ ବ୍ରହ୍ମା ତାଙ୍କର ପାଳନକର୍ତ୍ତା ରୂପ ହେଉଛି ବିଷ୍ଣୁ, ଯେତେବେଳେ ସଂହାର କରନ୍ତି ସେତେବେଳେ ରୁଦ୍ର, ସେହିପରି ତାଙ୍କର ଶିଳ୍ପୀ ରୂପ ହେଉଛି ବିଶ୍ୱକର୍ମା । ସଂକ୍ଷେପରେ ଏତିକି କୁହାଯାଇପାରେ । ଆଶ୍ୱିନ ସଂକ୍ରମଣ ଦିନରେ ବିଶ୍ୱକର୍ମା ପୂଜା ପାଳନ କରାଯାଏ । ଏହି ପୂଜାରେ ତିଥି, ନକ୍ଷତ୍ର ଓ ମୁହୂର୍ତ୍ତ ଆଦିକୁ ବିଚାରକୁ ନିଆଯାଏନାହିଁ । ଅତୀତରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା ପ୍ରଚଳିତ ନଥିଲା । କାରିଗରମାନେ ମୁଖ୍ୟତଃ ଆୟୁଧ ପୂଜା କରୁଥିଲେ । କେହି କେହି ଘଟ ଓ ଶାଳଗ୍ରାମ ପୂଜା କରୁଥିଲେ । ବିଶ୍ୱକର୍ମାଙ୍କ ଓରୂପ ସଂପର୍କରେ ପ୍ରାଚୀନ ଶାସ୍ତ୍ରମାନଙ୍କରେ କିଛି ନିର୍ଦ୍ଦିଷ୍ଟ ବର୍ଣ୍ଣନା ନଥିବାରୁ ସମ୍ଭବତଃ ତାଙ୍କର ପ୍ରତିମା ପୂଜା ପ୍ରଚଳିତ ନଥିଲା । ଶିଳ୍ପର ବିକାଶ ପରେ ଦେବଶିଳ୍ପୀଙ୍କର ମୂର୍ତ୍ତି ପୂଜନ ଆରମ୍ଭ ହୋଇଥିଲା ।

ଆଜିକାଲି ପ୍ରାୟ ସମସ୍ତ ଶିଳ୍ପାନୁଷ୍ଠାନରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହେଉଛି। ବିଶ୍ୱକର୍ମା ପୂଜାରେ ଗାଡ଼ି ଓ ଇଲେକ୍ଟ୍ରି ସାଜସରଞ୍ଜାମ ପରିଷ୍କାର ପରିଚ୍ଛନ୍ନ ଓ ସଫାସୁତୁରା ହୋଇ ଏହି ଦିନ ପୂଜା ହୋଇଥାଏ। ଭଗବାନ ବିଶ୍ୱକର୍ମାଙ୍କ ମହିମା ସମ୍ପର୍କରେ ଓଡ଼ିଆ ‘ଲକ୍ଷ୍ମୀପୁରାଣ’ରେ ଉଲ୍ଲେଖ ରହିଛି। ମାଆଙ୍କ ଇଚ୍ଛାନୁଯାୟୀ ବିଶ୍ୱକର୍ମା ରାତାରାତି ଏକ ଭବ୍ୟ ନଗରୀ ନିର୍ମାଣ କରିଦେଇଥିଲେ। ବିଭିନ୍ନ ପୁରାଣରେ ବିଶ୍ୱକର୍ମାଙ୍କ ମହିମା ସମ୍ପର୍କରେ ଉଲ୍ଲେଖ ରହିଛି। ଆଜିପରି ପବିତ୍ର ଦିନରେ ଭଗବାନ ବିଶ୍ୱକର୍ମା ଆମ ସମସ୍ତଙ୍କୁ କଲ୍ୟାଣ କରନ୍ତୁ ଏହା ହିଁ ପ୍ରାର୍ଥନା।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧
E-mail : abhisekmohapatra1999@gmail.com

# ଟେକ୍ନୋଲୋଜି : ଭର୍ଚୁଆଲ୍ ରିଆଲିଟି

### ମନସିଜ୍ ଦାସ

ଟେକ୍ନୋଲୋଜିରେ ଦିନକୁ ଦିନ ପରିବର୍ତ୍ତନ ଘଟୁଛି, ଯେଉଁଥିରେ ଭର୍ଚୁଆଲ ରିଆଲିଟିର ବ୍ୟବହାର ବଢୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଯୁବପିଢ଼ି ଭିଡ଼ିଓ ଗେମିଂ କ୍ଷେତ୍ରରେ ଏହାର ସବୁଠୁ ଅଧିକ ବ୍ୟବହାର କରୁଛନ୍ତି। କେବଳ ଏତିକି ନୁହେଁ ଏବେ ଏହି ଟେକ୍ନୋଲୋଜିକୁ ବ୍ୟବହାର କରି ରୋଚକ ଢ଼ଙ୍ଗରେ ଅନଲାଇନ କ୍ଲାସ ନେବା ସହ ଜବ ପାଇଁ ଟ୍ରେନିଂ ଦେବା କାର୍ଯ୍ୟ ମଧ୍ୟ କରାଯାଉଛି। ଇଣ୍ଡଷ୍ଟ୍ରି ରିପୋର୍ଟ ମୁତାବକ ଗତ କିଛି ବର୍ଷ ହେବ ଆମ ଦେଶରେ ରିଆଲ ମାର୍କେଟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଗକୁ ଆହୁରି କରାଯିବାକୁ ଯୋଜନା କରାଯାଉଛି, ଯେଉଁଥିପାଇଁ ଆଗାମୀ ଦିନରେ ଯୁବପିଢ଼ିଙ୍କ ପାଇଁ ଭିଆର ଆପ୍ଲିକେଶନ ଆଧାରିତ ଜବ୍ ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ।

ଦିନକୁ ଦିନ ଭର୍ଚୁଆଲ ରିଆଲିଟିର ଉପଯୋଗ ବଢ଼ିବାରେ ଲାଗିଛି। କାରଣ ଅବାସ୍ତବ ହେଲେ ବି ଏହା ଏକ ଏଭଳି ବାସ୍ତବ ଓ ପ୍ରକୃତ ପରିବେଶର ଭ୍ରମ ସୃଷ୍ଟି କରେ, ଯାହାକି ମଣିଷକୁ ଏକ ଭିନ୍ନ ଧରଣର ରୋମାଞ୍ଚକର ଅନୁଭବ ଦେଇଥାଏ। ଯେଉଁଥିରେ ଏହା ମଣିଷକୁ ଏଭଳି ଏକ ଦୁନିଆରେ ପହଞ୍ଚାଇ ଦେଇଥାଏ, ଯାହାକୁ ନା କେବଳ ନିଜ ଇଚ୍ଛା ଅନୁସାରେ କଣ୍ଟ୍ରୋଲ କରାଯାଇପାରେ ବରଂ ଏହାର ଆଖପାଖର ବାତାବରଣ ସହିତ ଇଣ୍ଟରଆକ୍ଟ ମଧ୍ୟ କରାଯାଇପାରେ। ଯେଉଁଥିପାଇଁ ଗେମିଂ ଏବଂ ଏଣ୍ଟରଟେନମେଣ୍ଟ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର କରାଯାଉଛି। ଯାହାଦ୍ୱାରା ୟୁଜରଙ୍କୁ ଗୋଟିଏ ସ୍ଥାନରେ ବସି ଫିଲ୍ଡରେ ଖେଳିବା, ରାସ୍ତାରେ ବାଇକ କିମ୍ବା କାର ରେସିଂ କରିବା ଭଳି ପ୍ରକୃତରେ ଖେଳିବା ଭଳି ଅନୁଭବ ମିଳିପାରୁଛି। ସେହିପରି ମ୍ୟୁଜିକ ଓ ଡାନ୍ସ ଲଭରଙ୍କୁ ଘରେ ବସି ଭିଆର ଦ୍ୱାରା ହଲରେ ବସି ଫିଲ୍ମ ଦେଖିବା ଲାଇଭ ମ୍ୟୁଜିକ କନ୍ସର୍ଟ ଆଟେଣ୍ଡ କରିବାର ମଜା ମିଳିପାରୁଛି। କେବଳ ଏତିକି ନୁହେଁ ଆକ୍ଟିଭ ଲାଇଫଷ୍ଟାଇଲ ପାଇଁ ବର୍ତ୍ତମାନ ଭିଆର ଏକ୍ସରସାଇଜ ଗେମ ବି ଖୁବ ଡିମାଣ୍ଡରେ ରହୁଛି। ସେହିପରି ଶିକ୍ଷାକ୍ଷେତ୍ରରେ ଏହାକୁ ବ୍ୟବହାର କରାଯିବା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଭର୍ଚୁଆଲ ଶିକ୍ଷା ବି ଅଧିକ ଇଣ୍ଟରଆକ୍ଟିଭ ଏବଂ ଇଣ୍ଟରେଷ୍ଟିଙ୍ଗ ହୋଇପାରୁଛି। ଉଦାହରଣ ସ୍ୱରୂପ ଭିଆର ଦ୍ୱାରା ପ୍ରସ୍ତୁତ ଦି ମ୍ୟାଜିକ ସ୍କୁଲ ବସକୁ ନିଆଯାଇପାରେ। ଯେଉଁଥିରେ ଛାତ୍ରଛାତ୍ରୀମାନେ ଘରେ ବସି ବିଭିନ୍ନ ସ୍ଥାନକୁ ଫିଲ୍ଡ ଟ୍ରିପରେ ଯିବା, ଚନ୍ଦ୍ରପୃଷ୍ଠରେ ଠିଆ ହେବା, ଇଣ୍ଟରନାଶନାଲ ସ୍ପେଶ ସେଣ୍ଟରର ଭିତରେ ଠିଆ ହେବା ଭଳି ଅନୁଭବ କରିପାରିବେ। ଚିକିତ୍ସା କ୍ଷେତ୍ରରେ ମଧ୍ୟ ଭର୍ଚୁଆଲ ରିଆଲିଟିକୁ ବ୍ୟବହାର କରାଯାଉଛି। ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ଥେରାପି ପାଇଁ ଭିଆର ବେଶ ଉପଯୋଗୀ ହୋଇପାରୁଛି।

ଗେମ, ସ୍ୱାସ୍ଥ୍ୟସେବା, ଶିକ୍ଷା, ମନୋରଞ୍ଜନ ଠାରୁ ଆରମ୍ଭ କରି ଆହୁରି ଅନେକ କ୍ଷେତ୍ରରେ ଭର୍ଚୁଆଲ ରିଆଲିଟି ଟେକନିକର ବ୍ୟବହାର ବୃଦ୍ଧି ପାଇଛି। ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ଅଧିକରୁ ଅଧିକ ଜବ ଅପ୍ସନ ମିଳିପାରୁଛି। ଆଗ୍ରହୀ ଯୁବପିଢ଼ି ଏହାକୁ ଶିଖି ଗେମ ଡେଭେଲପର, ଭିଆର କଣ୍ଟେଣ୍ଟ କ୍ରିଏଟର, ଭିଆର ଇଞ୍ଜିନିୟର, ଭିଆର ଥେରାପିଷ୍ଟ ଭାବେ କାର୍ଯ୍ୟ କରିପାରିବେ। ଭିଆର ସ୍କିଲ ଥିବା ପ୍ରଫେଶନାଲଙ୍କ ପାଇଁ ବର୍ତ୍ତମାନ ଆପ୍ଲିକେଶନ ଏବଂ ଗେମ ଡେଭେଲପମେଣ୍ଟ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ମିଳୁଛି। ଥ୍ରୀଡ଼ି ମଡ଼େଲିଂ, ଆନିମେଶନ ଭଳି କାର୍ଯ୍ୟ ପାଇଁ ଆଜିର ଦିନରେ ଏହାର ବହୁତ ବ୍ୟବହାର କରାଯାଉଛି। ଏହାଦ୍ୱାରା ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ୱେବସାଇଟ ଏବଂ ଆପ୍ସ ବ୍ୟବହାରକୁ ଅଧିକ ସହଜ ଓ ଇଣ୍ଟରଆକ୍ଟିଭ କରିବା ଲାଗି ଏହାର ୟୁଜର ଏକ୍ସପେରିଏନ୍ସ ଏବଂ ୟୁଜର ଇଣ୍ଟରଫେସକୁ ଭିଆର ମାଧ୍ୟମରେ ଥ୍ରୀଡ଼ି ଡିଜାଇନ ପ୍ରସ୍ତୁତ କରାଯାଉଛି। ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କୁ ଭିଆର ଡେଭେଲପର, ଭିଆର କଣ୍ଟେଣ୍ଟ କ୍ରିଏଟର, ଥ୍ରୀଡ଼ି ଆର୍ଟିଷ୍ଟ, ୟୁଏକ୍ସ/ୟୁଆଇ ଡିଜାଇନର ଭାବେ ଅନେକ ଜବ ଅପ୍ସନ ମିଳୁଛି। (କ୍ରମଶଃ)



# ଦକ୍ଷିଣ କୋରିଆ ଏବଂ ଜାପାନକୁ ଆଣବିକ ବୁଡ଼ାଜାହାଜ ତିଆରି ପାଇଁ ଉସୁକାଉଛି ଆମେରିକା

**ନୂଆଦିଲ୍ଲୀ,୧୬।୯(ଏଜେନ୍ସି):**ଉତ୍ତର କୋରିଆ ଅଭିଯୋଗ କରିଛି,ଆମେରିକା ଦକ୍ଷିଣ କୋରିଆ ଏବଂ ଜାପାନକୁ ପରମାଣୁ ଚାଳିତ ବୁଡ଼ାଜାହାଜ ହାସଲ କରିବାକୁ ଉତ୍ସାହିତ କରୁଛି। ପ୍ୟୋଙ୍ଗୟାଙ୍ଗ ଦାବି କରିଛି,ୱାସିଂଟନ ଏହାର ସହଯୋଗୀମାନଙ୍କୁ ସାମରିକ ପରମାଣୁ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରିବା ପାଇଁ ଏକ ରଣନୀତି ଅନୁସରଣ କରୁଛି,ଯାହା ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି କରିପାରେ ଏବଂ ପରମାଣୁ ପ୍ରସାରକୁ ବିପଦରେ ପକାଇପାରେ।ହାୱାଇରେ ସାମ୍ବାଦିକମାନଙ୍କ ସହ ଏକ ବ୍ରିଫିଂ ସମୟରେ ଦକ୍ଷିଣ କୋରିଆ ଏବଂ ଜାପାନର ପରମାଣୁ ଶକ୍ତି ସଂପନ୍ନ ବୁଡ଼ାଜାହାଜ ହାସଲ ଯୋଜନା ଉପରେ ଜଣେ ଆମେରିକୀୟ ନୌସେନା ଅଧିକାରୀ ମନ୍ତବ୍ୟ ଦେବା ପରେ ଉତ୍ତର କୋରିଆର ପ୍ରତିକ୍ରିୟା ଆସିଛି। ଯୋନହାପ୍ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି, ଅଧିକାରୀ ଜଣକ କହିଛନ୍ତି ଦକ୍ଷିଣ କୋରିଆ ଏପରି ବୁଡ଼ାଜାହାଜର ଆବଶ୍ୟକତା ପାଇଁ ସ୍ପଷ୍ଟ ସାମରିକ ଏବଂ ରଣନୈତିକ ଆଧାରରେ ଦେଖାଯାଉଛି।ଉତ୍ତର କୋରିଆର ସରକାରୀ ସମାଚାର ଏଜେନ୍ସି କେସିଏନଏ ଦ୍ୱାରା ପ୍ରକାଶିତ ଖବରରେ, ଜଣେ ଅନ୍ତର୍ଜାତୀୟ ବ୍ୟାପାର ବିଶ୍ଳେଷକ ଦାବି କରିଛନ୍ତି, ଏହି ଆଲୋଚନା ଦକ୍ଷିଣ କୋରିଆ ଏବଂ ଜାପାନକୁ ପରମାଣୁ ବୁଡ଼ାଜାହାଜ ହାସଲ କରିବା ପାଇଁ ଉସୁକାଇବାର ଏକ ପ୍ରୟାସ। ସେ ଆମେରିକାକୁ 'ବିଶ୍ୱରେ ପରମାଣୁ ପ୍ରସାରର ସବୁଠାରୁ ବଡ଼ ପ୍ରୋତ୍ସାହକ' ବୋଲି କହିଛନ୍ତି। ଏସିଆ-ପ୍ରଶାନ୍ତ ମହାସାଗରରେ ବୃଦ୍ଧି ପାଉଥିବା ରଣନୈତିକ ଉତ୍ତେଜନା ମଧ୍ୟରେ ଆମେରିକା 'ଅକୁସ୍' ସୁରକ୍ଷା ସହଭାଗୀତା ମାଧ୍ୟମରେ ଦକ୍ଷିଣ କୋରିଆ ଏବଂ ଜାପାନ ଭଳି ନିଜର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ପରମାଣୁ ବୁଡ଼ାଜାହାଜ ପ୍ରଯୁକ୍ତିବିଦ୍ୟା ଯୋଗାଇବାକୁ ଚେଷ୍ଟା କରୁଛି। ସେ କହିଛନ୍ତି, ବାସ୍ତବତା ଦର୍ଶାଉଛି ଯେ, ଅଣ-ପରମାଣୁ ସହଯୋଗୀମାନଙ୍କୁ ସାମରିକ ବ୍ୟବହାର ପାଇଁ ପରମାଣୁ ପ୍ରଯୁକ୍ତିବିଦ୍ୟା ଯୋଗାଇବାକୁ ଚାହୁଁଥିବା ଆମେରିକାର 'ଅକସ୍ ୨.୦' ଯୋଜନା ଏବେ ବ୍ୟାପକ ବିସ୍ତାରର ଏକ ପର୍ଯ୍ୟାୟରେ ପହଞ୍ଚିଛି।ଏହି ଚୁକ୍ତିନାମା ଅଷ୍ଟ୍ରେଲିଆକୁ ଆମେରିକାର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପରମାଣୁ ଚାଳିତ ବୁଡ଼ାଜାହାଜ ହାସଲ କରିବାର ପଥ ପ୍ରଶସ୍ତ କରିଥିଲା। ଅନେକ ବିଶେଷଜ୍ଞ ଏହାକୁ ଦକ୍ଷିଣ କୋରିଆ ଏବଂ ଆମେରିକା ମଧ୍ୟରେ ଭବିଷ୍ୟତରେ ଏକ ସମ୍ଭାବ୍ୟ ଚୁକ୍ତିନାମାର ଏକ ମଡେଲ ଭାବରେ ମଧ୍ୟ ଦେଖୁଛନ୍ତି। ଦକ୍ଷିଣ କୋରିଆ ଏବଂ ଜାପାନ ଦ୍ୱାରା ପରମାଣୁ ଶକ୍ତି ସଂଚାଳିତ ବୁଡ଼ାଜାହାଜ ହାସଲ କରିବାର ପ୍ରୟାସକୁ ଉତ୍ତର କୋରିଆ ବେପରୁଆ ପଦକ୍ଷେପ ବୋଲି ବର୍ଣ୍ଣନା କରିଛି।ସେ କହିଛନ୍ତି, ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ଆମେରିକା ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏହାର ପ୍ରତିଦ୍ୱନ୍ଦ୍ୱୀ ଦେଶମାନଙ୍କୁ ରୋକିବା ପାଇଁ ଏହାର ସହଯୋଗୀମାନଙ୍କୁ ଏକ ପ୍ରକାର ସାମରିକ ଶକ୍ତି ଭାବରେ ବ୍ୟବହାର କରୁଛି। ବିଶ୍ଳେଷକ ଏହାକୁ ବିଶ୍ୱ ପରମାଣୁ ଅପ୍ରସାର ବ୍ୟବସ୍ଥା ପାଇଁ ଏକ ବିପଦ ଭାବରେ ବର୍ଣ୍ଣନା କରି କହିଛନ୍ତି, ଉତ୍ତର କୋରିଆ ପରିମାଣ ଏବଂ ଗୁଣବତ୍ତା ଉଭୟ କ୍ଷେତ୍ରରେ ନିଜର ପରମାଣୁ ପ୍ରତିରୋଧ କ୍ଷମତାକୁ ସୁଦୃଢ଼ କରିବା ଜାରି ରଖିବା ଉଚିତ୍।

## ପତଞ୍ଜଳି ଘିଅକୁ ନକଲି କହିବା ପଡିଲା ଭାରି

# ବ୍ରଜଭୂଷଣଙ୍କ ଉପରେ ୫୦ କୋଟିର ମାନହାନୀ ମୋକଦ୍ଦମା ଦାୟର

**ନୂଆଦିଲ୍ଲୀ,୧୬।୯(ଏଜେନ୍ସି):**ବିଜେପିର ପୂର୍ବତନ ସାଂସଦ ବ୍ରଜଭୂଷଣ ଶରଣ ସିଂ ଓ ବାବା ରାମଦେବଙ୍କ ମଧ୍ୟରେ ତିକ୍ତତା ବଢିବାରେ ଲାଗିଛି। ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ଅଧ୍ୟକ୍ଷ ବ୍ରଜଭୂଷଣ ପୁଣି ଥରେ ଆଇନଗତ ମାମଲାରେ ଛନ୍ଦି ହେବାକୁ ଯାଉଛନ୍ତି। ବାବା ରାମଦେବଙ୍କ କମ୍ପାନି ପତଞ୍ଜଳି ଫୁଡ୍ସ ଲିମିଟେଡ୍ ବ୍ରଜଭୂଷଣଙ୍କ ବିରୋଧରେ ୫୦ କୋଟି ଟଙ୍କାର ମାନହାନୀ ମୋକଦ୍ଦମା ଦାୟର କରିଛନ୍ତି। ଆଉ ପତଞ୍ଜଳି ଘିଅକୁ ନକଲି କହିବା ଏବେ ବିଜେପିର ଏହି ସାଂସଦଙ୍କୁ ଭାରି ପଡିବାକୁ ଯାଉଛି।ସେପ୍ଟେମ୍ବର ୧୫ରେ ମଧ୍ୟପ୍ରଦେଶ ହାଇକୋର୍ଟରେ ମାମଲାର ଶୁଣାଣି ହୋଇଛି। ମାମଲାର ଶୁଣାଣି ସମୟରେ ବ୍ରଜଭୂଷଣ ଶରଣ ସିଂଙ୍କ ପକ୍ଷରୁ ହାଜର ଆଡଭୋକେଟ୍ କୋର୍ଟରେ ଜବାବ ଦାଖଲ ପାଇଁ ସମୟ ମାଗିଛନ୍ତି। ତେଣୁ କୋର୍ଟ ସେପ୍ଟେମ୍ବର ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ବ୍ରଜଭୂଷଣ ଶରଣ ସିଂ ପତଞ୍ଜଳିର ଘିଅକୁ ନେଇ ପ୍ରଶ୍ନ କରିଥିଲେ। ୨୦୨୨ରେ ମଧ୍ୟ ବ୍ରଜଭୂଷଣ ଶରଣ ସିଂ ସାର୍ବଜନୀନ ମଞ୍ଚରେ ପତଞ୍ଜଳି ଘିଅକୁ ନକଲି କହି ଲୋକଙ୍କୁ ଘରେ ଗାଈ ଓ ମଇଁଷ ପାଳିବାକୁ ଅପିଲ୍ କରିଥିଲେ। ସେହି ସମୟରେ ତାଙ୍କର ଏହି ବୟାନକୁ ନେଇ ବାବା ରାମଦେବ ଓ ବ୍ରଜଭୂଷଣଙ୍କ ମଧ୍ୟରେ ବିବାଦ ଉପୁଜିଥିଲା।ପତଞ୍ଜଳି ଫୁଡ୍ସ ପକ୍ଷରୁ ହାଜର ଓକିଲ ବିକ୍ରମ ମାଲଭୀୟ କହିଛନ୍ତି, ବ୍ରଜଭୂଷଣଙ୍କ ବୟାନ କମ୍ପାନିର ଛବିକୁ ମଳିନ କରିଛି। ତାଙ୍କର ଏହି ବିବାଦୀୟ ବୟାନ ପରେ କମ୍ପାନିର ସେୟାର ମୂଲ୍ୟ ଉପରେ ନକରାତ୍ମକ ପ୍ରଭାବ ପଡିଛି। କମ୍ପାନିର ପ୍ରତିଷ୍ଠାରେ ଆଞ୍ଚ ଆସିଛି ଏବଂ କମ୍ପାନିକୁ ଆର୍ଥିକ କ୍ଷତି ସହିବାକୁ ପଡିଛି। ଏହାକୁ ଆଧାର କରି ପତଞ୍ଜଳି ବ୍ରଜଭୂଷଣଙ୍କ ବିରୋଧରେ କୋର୍ଟରେ ୫୦ କୋଟି ଟଙ୍କାର ମାନହାନୀ ମୋକଦ୍ଦମା ଦାୟର କରିଛି।ମାମଲାର ପ୍ରାରମ୍ଭିକ ଶୁଣାଣି ଜିଲ୍ଲା କୋର୍ଟରେ ହୋଇଥିଲା। କୋର୍ଟଙ୍କ ପକ୍ଷରୁ ବ୍ରଜଭୂଷଣଙ୍କ ବିରୋଧରେ ନୋଟିସ୍ ଜାରି କରାଯାଇଥିଲା। ପରେ ମାମଲା ଟ୍ରାଏଲ ପର୍ଯ୍ୟାୟରେ ପହଞ୍ଚିଥିଲା। ଶୁଣାଣି ସମୟରେ ଇଲେକ୍ଟ୍ରୋନିକ ସାକ୍ଷ୍ୟକୁ ନେଇ ବିବାଦ ସାମ୍ନାକୁ ଆସିଥିଲା। ପୁଣି ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଥିଲା। ଗତ ଶୁଣାଣିରେ ହାଇକୋର୍ଟ ବ୍ରଜଭୂଷଣ ଶରଣ ସିଂଙ୍କୁ ଜବାବ ମାଗିଥିଲେ। ଆଉ ମଙ୍ଗଳବାର ଶୁଣାଣି ସମମୟରେ ବ୍ରଜଭୂଷଣଙ୍କ ଓକିଲ ଅଭିଯୋଗ ଉପରେ ଜବାବ ଦାଖଲ ପାଇଁ ସମୟ ଲୋଡିଛନ୍ତି।

# ଆଦାନୀ ହରାଇଲେ ଏସିଆର ବଡ ଧନୀ ମୁକୁଟ

**ନୂଆଦିଲ୍ଲୀ,୧୬।୯(ଏଜେନ୍ସି):**ଚୀନ୍‌ର ପ୍ରଯୁକ୍ତି କମ୍ପାନି ବାଇଟ୍‌ଡ୍ୟାନ୍ସର ପ୍ରତିଷ୍ଠାତା ଝାଙ୍ଗ ୟିମିଙ୍ଗ ଏସିଆର ସବୁଠୁ ଧନୀ ବ୍ୟକ୍ତି ଭାବେ ଉଭା ହୋଇଛନ୍ତି। ସେ ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କୁ ପଛରେ ପକାଇ ଏହି ସ୍ଥାନ ହାସଲ କରିଛନ୍ତି। ବ୍ଲୁମ୍‌ବର୍ଗ ବିଲିଓନେୟାର୍ସ ଇଣ୍ଡେକ୍ସ ଅନୁସାରେ ଝାଙ୍ଗଙ୍କ ସମ୍ପତ୍ତି ଏବେ ୧୦୫ ବିଲିୟନ ଡଲାରରୁ ଅଧିକ ରହିଛି। ୪୩ ବର୍ଷୀୟ ଝାଙ୍ଗ ବାଇଟ୍‌ଡ୍ୟାନ୍ସର ସହ-ପ୍ରତିଷ୍ଠାତା। ଏହି କମ୍ପାନି ଲୋକପ୍ରିୟ କ୍ଷୁଦ୍ର ଭିଡିଓ ପ୍ଲାଟଫର୍ମ 'ଟିକ୍‌ଟକ୍' ବିକାଶ କରିଥିବା ସଂସ୍ଥା। କମ୍ପାନିର ବଜାର ମୂଲ୍ୟ ବୃଦ୍ଧି ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ଯୋଗୁ ଝାଙ୍ଗଙ୍କ ସମ୍ପତ୍ତିରେ ବ୍ୟାପକ ବୃଦ୍ଧି ଘଟିଛି। ବ୍ଲୁମ୍‌ବର୍ଗ ୨୦୧୯ ମାର୍ଚ୍ଚରୁ ଝାଙ୍ଗଙ୍କ ସମ୍ପତ୍ତିର ହିସାବ ରଖିବା ଆରମ୍ଭ କରିଥିଲା। ସେତେବେଳେ ତାଙ୍କ ସମ୍ପତ୍ତି ପ୍ରାୟ ୧୩ ବିଲିଅନ ଡଲାର ଥିଲା। ବର୍ତ୍ତମାନ ତାହା ଆଠ ଗୁଣରୁ ଅଧିକ ବୃଦ୍ଧି ପାଇ ୧୦୫ ବିଲିୟନ ଡଲାରରୁ ଅଧିକ ହୋଇଛି। ଏହାପୂର୍ବରୁ ଚଳିତ ବର୍ଷ ଜୁନ୍‌ରେ ମୁକେଶ ଅମ୍ବାନୀଙ୍କୁ ଝାଙ୍ଗ ପଛରେ ପକାଇ ଏସିଆର ଦ୍ୱିତୀୟ ସବୁଠୁ ଧନୀ ବ୍ୟକ୍ତି ହୋଇଥିଲେ। ସେତେବେଳେ ଆଦାନୀ ଏସିଆର ଶୀର୍ଷ ଧନୀ ଥିଲେ। ବର୍ତ୍ତମାନ ଆଦାନୀଙ୍କୁ ମଧ୍ୟ ଝାଙ୍ଗ ପଛରେ ପକାଇ ଦେଇଛନ୍ତି।

# ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା



**ନୂଆଦିଲ୍ଲୀ,୧୬।୯(ଏଜେନ୍ସି):** ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ନ୍ୟୁଜିଲ୍ୟାଣ୍ଡ ସଂସଦରେ ଅନୁମୋଦନ କରାଯାଇଛି। ଭାରତ ସହିତ ଚୁକ୍ତିନାମା ସପକ୍ଷରେ ୯୩ ଭୋଟ୍ ପଡିଥିବାବେଳେ ଏହା ବିରୋଧରେ ୨୯ ଭୋଟ୍ ଦିଆଯାଇଥିଲା। ଏହି ସୂଚନା ବାଣିଜ୍ୟ ଏବଂ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକଲେ ଦେଇଛନ୍ତି। ମ୍ୟାକଲେ କହିଛନ୍ତି ଯେ, ଚୁକ୍ତିନାମା ଏବଂ ଏଥିରୁ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆର୍ଥିକ ଲାଭ ପାଇଁ ସଂସଦର ଦୃଢ଼ ସମର୍ଥନ ମିଳିଛି। ଏହା ସହିତ ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଏହା ଉପରେ ଖୁସି ପ୍ରକାଶ କରିଛନ୍ତି।ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି, ଲୋକେ ମୋତେ କହିଥିଲେ ଯେ ଭାରତ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ଭବ ନୁହେଁ। କିନ୍ତୁ ଆଜି, ସେହି ଚୁକ୍ତିକୁ ସଂସଦରେ ବହୁମତ ମିଳିଛି। ଏହା ଏବେ ସତରେ ପରିଣତ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ନ୍ୟୁଜିଲ୍ୟାଣ୍ଡବାସୀଙ୍କ ପାଇଁ ଅଧିକ ନିଯୁକ୍ତି ଏବଂ ଉତ୍ତମ ଆୟ ସୃଷ୍ଟି କରିବ। ଏହାର ଅର୍ଥ ହେଉଛି ୧୪୦ କୋଟି ଭାରତୀୟ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଦ୍ୱାରା ଭାରତରେ ଅଧିକ ନ୍ୟୁଜିଲ୍ୟାଣ୍ଡ ଉତ୍ପାଦ ବିକ୍ରି ହୋଇପାରିବ।ମ୍ୟାକଲେଙ୍କ ଅନୁଯାୟୀ, ଯେତେବେଳେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା କାର୍ଯ୍ୟକାରୀ ହେବ, ସେତେବେଳେ ଭାରତରେ ନ୍ୟୁଜିଲ୍ୟାଣ୍ଡର ରପ୍ତାନିର ୫୭ ପ୍ରତିଶତ ଶୁଳ୍କମୁକ୍ତ ହେବ। ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ ୯୫ ପ୍ରତିଶତ ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ କରାଯିବ। କେବଳ କିୱିଫ୍ରୁଟ୍ ଶିଳ୍ପ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୧୨୫ ନିୟୁତ ନ୍ୟୁଜିଲ୍ୟାଣ୍ଡ୍ ଡଲାରର ଶୁଳ୍କ ସଞ୍ଚୟ କରିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ଦ୍ରୁତ ସୀମା କ୍ଲିୟରାନ୍ସ ଏବଂ ଭାରତର ବର୍ଦ୍ଧିତ ମଧ୍ୟବିତ୍ତ ବର୍ଗକୁ ଉତ୍ତମ ପ୍ରବେଶ ପ୍ରଦାନ କରିବ। ଖାଦ୍ୟ, ପ୍ରଯୁକ୍ତିବିଦ୍ୟା,ଶିକ୍ଷା, ପର୍ଯ୍ୟଟନ, ବୃତ୍ତିଗତ ସେବା ଏବଂ ଅନ୍ୟାନ୍ୟ ଉତ୍ପାଦର ଚାହିଦା ବୃଦ୍ଧି କରୁଛି।ଭାରତ-ନ୍ୟୁଜିଲ୍ୟାଣ୍ଡ ଆଲୋଚନା ମାର୍ଚ୍ଚ ୨୦୨୫ରେ ଘୋଷଣା କରାଯାଇଥିଲା ଏବଂ ସରକାର ଆଶା କରୁଛନ୍ତି ଯେ, ଏହି ବର୍ଷ ଶେଷ ସୁଦ୍ଧା ଚୁକ୍ତିନାମା କାର୍ଯ୍ୟକାରୀ ହେବ। ସେ କହିଛନ୍ତି ଯେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନ୍ୟୁଜିଲାଣ୍ଡ ରପ୍ତାନିକାରୀମାନଙ୍କୁ ସେମାନଙ୍କର ବ୍ୟବସାୟିକ ସମ୍ପର୍କ ବିସ୍ତାର କରିବାରେ ସାହାଯ୍ୟ କରିବ ଏବଂ ୨୦୩୦ ସୁଦ୍ଧା ବାଣିଜ୍ୟ ଦ୍ୱିଗୁଣିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟକୁ ସୁଦୃଢ଼ କରିବ। ଉଭୟ ଦେଶ ସେମାନଙ୍କର ଅନୁମୋଦନ ପ୍ରକ୍ରିୟା ସମାପ୍ତ କରିବା ପରେ ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବ।

## ସୁଡାନରେ ବଡ଼ ଦୁର୍ଘଟଣା

# ସୁନା ଖଣି ଧସି ୬୦ ମୃତ

**ନୂଆଦିଲ୍ଲୀ,୧୬।୯(ଏଜେନ୍ସି):**ସୁଡାନର ୱେଷ୍ଟ କର୍ଡଫାନ୍ ଅଞ୍ଚଳରେ ଏକ ବଡ଼ ସୁନା ଖଣି ଦୁର୍ଘଟଣା ଘଟିଛି । ଅଲ୍-ନୁହୁଦ ସହରର ଉତ୍ତରରେ ଥିବା ଏକ ଖଣି ଧସିପଡ଼ିବାରୁ ଅତି କମ୍‌ରେ ୬୦ ଜଣଙ୍କ ମୃତ୍ୟୁ ହୋଇଛି । ଏବେ ମଧ୍ୟ ଅନେକ ଲୋକ ନିଖୋଜ ଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି । ଗତ ରବିବାର ଏହି ଖଣି ଧସିଥିବା ବେଳେ ବୁଧବାର ସୁଦ୍ଧା ୬୦ଟି ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ତିନିଜଣ ସ୍ଥାନୀୟ ସୂତ୍ର ଏହି ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଉଦ୍ଧାରକାର୍ଯ୍ୟ ଜାରି ରହିଥିବାରୁ ଖଣି ଭିତରେ ଆହୁରି ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି।ସୁଡାନ ଆଫ୍ରିକାର ପ୍ରମୁଖ ସୁନା ଉତ୍ପାଦନକାରୀ ଦେଶ ମଧ୍ୟରୁ ଅନ୍ୟତମ । ଦେଶରେ ସୁନାର ଏକ ବଡ଼ ଅଂଶ ପାରମ୍ପରିକ ଓ ଅନିୟମିତ ଖଣି ମାଧ୍ୟମରେ ଉତ୍ତୋଳନ କରାଯାଏ । ଅନେକ ଖଣିରେ ଆଧୁନିକ ସୁରକ୍ଷା ବ୍ୟବସ୍ଥା, ଉପକରଣ ଓ ଉଦ୍ଧାର ପ୍ରଣାଳୀର ଅଭାବ ଥିବାରୁ ଏଭଳି ଦୁର୍ଘଟଣାର ଆଶଙ୍କା ଅଧିକ ରହିଥାଏ । ସୁନାର ଏକ ଅଂଶ ଅବୈଧ ଭାବେ ବିକ୍ରି ଓ ଚୋରାଚାଲାଣ ହେଉଥିବା ନେଇ ମଧ୍ୟ ରିପୋର୍ଟ ରହିଛି ।



ୱେଷ୍ଟ କର୍ଡଫାନ୍‌ର ଅନେକ ସୁନା ଖଣି ଅର୍ଦ୍ଧସାମରିକ ବଳ ରାପିଡ୍ ସପୋର୍ଟ ଫୋର୍ସସ୍ (RSF)ର ନିୟନ୍ତ୍ରଣରେ ଥିବା କୁହାଯାଏ । ଏହି ଅଞ୍ଚଳରେ ସୁନା ଖଣି ଆୟର ଏକ ପ୍ରମୁଖ ଉତ୍ସ ହୋଇଥିବାରୁ ଖଣି ଶ୍ରମିକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ସୁଡାନରେ ଖଣି ଦୁର୍ଘଟଣା ନୂଆ ନୁହେଁ। ଜୁଲାଇ ୨୦୨୬ରେ ଉତ୍ତର ସୁଡାନର ୱାଦି ହାଲଫାରେ ଏକ ସୁନା ଖଣି ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏପ୍ରିଲରେ ମଧ୍ୟ ଏକ ଖଣି ଦୁର୍ଘଟଣାରେ ୭ ଜଣ ଶ୍ରମିକ ପ୍ରାଣ ହରାଇଥିଲେ ଏବଂ ୬ ଜଣ ଆହତ ହୋଇଥିଲେ ।

# ମକ୍କା ନିକଟରେ ହୁତୀ ଡ୍ରୋନ୍ ଆକ୍ରମଣ ଘଟଣା, ନିନ୍ଦା କଲା ଭାରତ

**ନୂଆଦିଲ୍ଲୀ,୧୬।୯(ଏଜେନ୍ସି):** ଇସଲାମ ଧର୍ମର ସବୁଠୁ ପବିତ୍ର ସ୍ଥାନ ଭାବେ ପରିଚିତ ମକ୍କା ନିକଟରେ ହୁତୀ ବିଦ୍‌ରୋହୀଙ୍କ ଡ୍‌ରୋନ୍ ଘଟଣାକୁ ନେଇ ଭାରତ ଚିନ୍ତା ପ୍ରକାଶ କରିଛି। ସାଉଦି ଆରବର ମକ୍କା ନିକଟରେ ଘଟିଥିବା ଏହି ଘଟଣାକୁ ଭାରତ ବୁଧବାର ନିନ୍ଦା କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ମକ୍କା ବିଶ୍ୱର ମୁସଲିମ୍ ସମୁଦାୟ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଧାର୍ମିକ ସ୍ଥାନ। ଏଭଳି ସ୍ଥାନ ନିକଟରେ ହିଂସାତ୍ମକ ଘଟଣା ଘଟିବା ଚିନ୍ତାଜନକ ବିଷୟ ।ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ମକ୍କା ନିକଟରେ ଘଟିଥିବା ଘଟଣାକୁ ନେଇ ଭାରତ ଗଭୀର ଭାବେ ଚିନ୍ତିତ। ସାଉଦି ଆରବର ସାର୍ବଭୌମତ୍ୱ ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରୁଛି। ସାଧାରଣ ଲୋକ ଏବଂ ଧାର୍ମିକ ପ୍ରତିଷ୍ଠାନକୁ ବିପଦରେ ପକାଇବା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଭାରତ ଆଶା ପ୍ରକାଶ କରିଛି ଯେ, ଅଞ୍ଚଳରେ ଖୁବଶୀଘ୍ର ଶାନ୍ତି ଫେରିବା ସହ ସ୍ଥିତିରେ ସୁଧାର ଆସିବ।ଅନ୍ୟପଟେ ସାଉଦି ଆରବ ପକ୍ଷରୁ କୁହାଯାଇଛି ଯେ, ଦେଶର ବାୟୁ ପ୍ରତିରକ୍ଷା ପ୍ରଣାଳୀ ହୁତୀଙ୍କ ଏକ ଡ୍ରୋନକୁ ମକ୍କାର ଦକ୍ଷିଣ ଅଞ୍ଚଳରେ ଖସାଇ ଦେଇଛି। ତେବେ ଡ୍ରୋନଟି ମକ୍କା ସହର ଭିତରେ ପ୍ରବେଶ କରିଥିଲା ବୋଲି ନୁହେଁ, ବରଂ ମକ୍କା ନିକଟରେ ଏହାକୁ ଅଟକାଯାଇଥିବା ନେଇ ରିପୋର୍ଟ ରହିଛି।



# ନାଗରିକଙ୍କୁ ସାଉଦି ଆରବ ଯାତ୍ରା ପୁନଃବିଚାର କରିବାକୁ ପରାମର୍ଶ ଦେଲା ଆମେରିକା

**ନୂଆଦିଲ୍ଲୀ,୧୬।୯(ଏଜେନ୍ସି):**ଇରାନୀ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ, ସଶସ୍ତ୍ର ସଂଘର୍ଷ, ଆତଙ୍କବାଦ, ପ୍ରସ୍ଥାନ ନିଷେଧ ଓ ସାମାଜିକ ଗଣମାଧ୍ୟମ କାର୍ଯ୍ୟକଳାପ ସମ୍ବନ୍ଧୀୟ ସ୍ଥାନୀୟ ଆଇନର ବିପଦ ଦର୍ଶାଇ ଆମେରିକା ଏହାର ନାଗରିକମାନଙ୍କୁ ସାଉଦି ଆରବ ଯାତ୍ରା ସମ୍ପର୍କରେ ପୁନଃବିଚାର କରିବାକୁ ପରାମର୍ଶ ଦେଇଛି। ମଙ୍ଗଳବାର ଆମେରିକା ବିଦେଶ ମନ୍ତ୍ରଣାଳୟ ସାଉଦି ଆରବ ଗସ୍ତ ନେଇ ପୁନଃବିଚାର କରିବାକୁ ପରାମର୍ଶ ଜାରି କରିଥିଲା। ଆମେରିକା ନାଗରିକଙ୍କୁ ୟେମେନ୍‌ର କେତେକ ଅଞ୍ଚଳକୁ ମଧ୍ୟ ଯାତ୍ରା ନ କରିବାକୁ ପରାମର୍ଶ ଜାରି କରିଛି। ସାଉଦି ଆରବଠାରୁ ୟେମେନରେ ଅଧିକ ବିପଦ ଥିବା ଦର୍ଶାଇଛି।ଆମେରିକା ପକ୍ଷରୁ କୁହାଯାଇଛି ଯେ, ୨୮ ଫେବ୍ରୁଆରି, ୨୦୨୬ରେ ଆମେରିକା ଓ ଇରାନ ମଧ୍ୟରେ ଶତ୍ରୁତା ଆରମ୍ଭ ହେବା ପରେ ଇରାନୀ ଡ୍‌ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣ ବିପଦ ଯୋଗୁଁ ସୁରକ୍ଷା ପରିସ୍ଥିତି ପ୍ରଭାବିତ ହୋଇଛି। ବିଦେଶ ମନ୍ତ୍ରଣାଳୟ ଏହା ମଧ୍ୟ ଚେତାବନୀ ଦେଇଛି ଯେ, ୟେମେନରେ ଇରାନ ସମର୍ଥିତ ହୁତି ବିଦ୍‌ରୋହୀମାନେ ପୁଣି ଥରେ ସାଉଦି ଆରବ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଏପରିସ୍ଥିତିରେ ଆକାଶରୁ ଡ୍‌ରୋନ୍ ଓ କ୍ଷେପଣାସ୍ତ୍ରରୁ ଭଗ୍ନାବଶେଷ ପଡ଼ିବା ଆଶଙ୍କା ରହିଛି। ଶକ୍ତି ଭିତ୍ତିଭୂମି ଓ ସାମରିକ ଘାଟି ନିକଟରେ ରହୁଥିବା ଏବଂ କାମ କରୁଥିବା ଆମେରିକୀୟ ନାଗରିକମାନେ ବର୍ଦ୍ଧିତ ବିପଦର ସମ୍ମୁଖୀନ ହୋଇପାରନ୍ତି, ବିଶେଷକରି ୟେମେନ ସୀମା ନିକଟରେ ସେମାନଙ୍କୁ ବିପଦ ରହିଥିବା କୁହାଯାଇଛି। ଆମେରିକା ସରକାର ସାଉଦି ଆରବରେ ଆତଙ୍କବାଦୀ ଆକ୍ରମଣ ନେଇ ମଧ୍ୟ ଚେତାବନୀ ଦେଇଛି।

# ୧୦୦ କୋଟି ଟଙ୍କା ଦୁର୍ନୀତି ମାମଲାରେ ଡିଏମକେ ନେତାଙ୍କ ଘରେ ଚଢାଉ

**ନୂଆଦିଲ୍ଲୀ,୧୬।୯(ଏଜେନ୍ସି):**ଘରୋଇ ସ୍କୁଲ ସମ୍ପର୍କିତ ୧୦୦ କୋଟି ଟଙ୍କା ଦୁର୍ନୀତି ମାମଲାରେ କେନ୍ଦ୍ରୀୟ କ୍ରାଇମ୍ ବ୍ରାଞ୍ଚ (ସିସିବି) ବୁଧବାର ସକାଳେ ତାମିଲନାଡୁର ପୂର୍ବତନ ଶିକ୍ଷାମନ୍ତ୍ରୀ ତଥା ଡିଏମ୍‌କେ ନେତା ଅନ୍‌ବିଲ୍ ମହେଶଙ୍କ ତିରୁଚିରାପାଲ୍ଲି ବାସଭବନରେ ଚଢାଉ କରିଛି। ଡିଏମ୍‌କେ ନେତାଙ୍କ ବାସଭବନରେ ତଲାସି ସିସିବିର ତଦନ୍ତର ଏକ ଅଂଶ। ସରକାରୀ ଅନୁମୋଦନ ଓ କ୍ଲିୟରାନ୍ସ ପାଇବାର ପ୍ରତିଶ୍ରୁତି ଦେଇ ଘରୋଇ ସ୍କୁଲ ମ୍ୟାନେଜମେଣ୍ଟଠାରୁ ବିପୁଳ ପରିମାଣର ଟଙ୍କା ଆଦାୟ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଚଢାଉ ଚାଲିଥିବା ସମୟରେ ପୂର୍ବତନ ମନ୍ତ୍ରୀଙ୍କ ବାସଭବନ ବାହାରେ ଅନେକ ଡିଏମ୍‌କେ କର୍ମୀ ରୁଣ୍ଡ ହୋଇଥିଲେ।ଗତ ଜୁନ୍ ମାସରେ ସିସିବି ଡିଏମ୍‌କେ ନେତା ବିଟି ଆରାସକୁମାରଙ୍କୁ ଗିରଫ କରିଥିଲା। ପୁଲିସ ଅଭିଯୋଗ କରିଛି ଯେ, ସରକାରୀ ଅନୁମୋଦନ ଓ କ୍ଲିୟରାନ୍ସ ନାଁରେ ଆରାସକୁମାର ଅନେକ ସ୍କୁଲ ମ୍ୟାନେଜମେଣ୍ଟଠାରୁ ୧୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ କରିଥିଲେ। ଆରାସକୁମାର ତାମିଲନାଡୁ ପ୍ରାଇଭେଟ୍ ସ୍କୁଲ୍ ଆସୋସିଏସନ୍ ନାମକ ଏକ ଅଣପଞ୍ଜିକୃତ ସଂଗଠନ ପରିଚାଳନା କରୁଥିଲେ। ସେ ତାଙ୍କର ରାଜନୈତିକ ଓ ସରକାରୀ ସମ୍ପର୍କକୁ ବ୍ୟବହାର କରି ଘରୋଇ ସ୍କୁଲ୍ ପାଇଁ ସ୍ଥାୟୀ ସ୍ୱୀକୃତି, ଗ୍ରେଡ୍ ଅପଗ୍ରେଡ୍ ଓ ବିଭିନ୍ନ ସରକାରୀ ଏଜେନ୍ସିରୁ ଅନୁମୋଦନ ଆଣିପାରିବେ ବୋଲି ଦାବି କରୁଥିଲେ।ଡିସେମ୍ବର ୨୦୨୪ରେ ଆସୋସିଏସନ୍‌ର ଉଦ୍‌ଘାଟନବେଳେ ମନ୍ତ୍ରୀ ଅନବିଲ୍ ମହେଶ ଓ ସ୍କୁଲ ଶିକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିବା ଅଭିଯୋଗ ହୋଇଛି। ଘରୋଇ ସ୍କୁଲ ମ୍ୟାନେଜମେଣ୍ଟ ପକ୍ଷରୁ ଅନେକଗୁଡିଏ ଅଭିଯୋଗ ପାଇବା ପରେ ସିସିବି ଏହାର ତଦନ୍ତକୁ ବ୍ୟାପକ କରିଛି। ଆରାସକୁମାରଙ୍କ ଗିରଫଦାରୀ ପରେ ପୁଲିସ ତାଙ୍କ ବିରୋଧରେ ଗୁଣ୍ଡା ଆଇନ ଲଗାଇଛି। ବୁଧବାର ଡିଏମ୍‌କେ ନେତାଙ୍କ ବାସଭବନରେ ଚଢାଉ ଚାଲିଛି।

## ପୁଣି ବେଜିଂ ଗସ୍ତରେ ଆରାଘଚି

# ଆମେରିକା-ଇରାନକୁ ଶାନ୍ତି ଚୁକ୍ତି ପାଳନ ପାଇଁ ଚୀନ୍‌ର ପରାମର୍ଶ

**ନୂଆଦିଲ୍ଲୀ,୧୬।୯(ଏଜେନ୍ସି):**ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଉତ୍ତ ?ଜନା ମଧ୍ୟରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ପୁଣିଥରେ ଚୀନ୍ ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ ସେ ଚୀନ୍‌ର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ସହ ଆଲୋଚନା କରିବେ । ଏହି ଅବସରରେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନାକୁ ଆଗକୁ ବଢ଼ାଇବା ସହ ପୂର୍ବରୁ ହୋଇଥିବା ବୁଝାମଣାକୁ ପୁନଃସ୍ଥାପିତ କରିବାକୁ ଚୀନ୍ ଉଭୟ ପକ୍ଷକୁ ଆହ୍ୱାନ ଦେଇଛି । ଆରାଘଚିଙ୍କ ଏହା ଯୁଦ୍ଧ ଆରମ୍ଭ ହେବା ପରଠାରୁ ଚୀନ୍‌ର ଦ୍ୱିତୀୟ ଗସ୍ତ ବୋଲି କୁହାଯାଉଛି । ଏହା ପୂର୍ବରୁ ସେ ମେ' ମାସରେ ଚୀନ୍ ଯାଇଥିଲେ । ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ପ୍ରସ୍ତାବିତ ବୈଠକ ପୂର୍ବରୁ ଆରାଘଚିଙ୍କ ଚୀନ୍ ଗସ୍ତ ହେଉଥିବାରୁ ଏହାକୁ କୂଟନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଚୀନ୍ ନିଜକୁ ଏହି ବିବାଦରେ ଏକ ନିରପେକ୍ଷ ପକ୍ଷ ଭାବେ ଉପସ୍ଥାପନ କରୁଛି । ଚୀନ୍‌ର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ, ଆଞ୍ଚଳିକ ଉତ୍ତେଜନା ଆହୁରି ବଢ଼ିବା କିମ୍ବା ୟେମେନ ଓ ଲୋହିତ ସାଗର ଏହି ସଂଘର୍ଷରେ ଜଡ଼ିତ ହେବାକୁ ଚୀନ୍ ଚାହୁଁନାହିଁ । ଉଭୟ ଦେଶ ସଂଯମ ଅବଲମ୍ବନ କରିବା ସହ ବାକି ଥିବା ପ୍ରସଙ୍ଗ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା କରିବାକୁ ସେ ଆହ୍ୱାନ ଦେଇଛନ୍ତି । ୱାଙ୍ଗ କହିଛନ୍ତି ଯେ, ଯୁଦ୍ଧ ଆମେରିକା କିମ୍ବା ଇରାନ—କୌଣସି ପକ୍ଷର ସ୍ୱାର୍ଥରେ ନାହିଁ । ତେଣୁ ପୂର୍ବରୁ ହୋଇଥିବା ବୁଝାମଣା ଆଧାରରେ ଆଲୋଚନାର ଢାଞ୍ଚା ପୁଣି ଆରମ୍ଭ କରିବା ଆବଶ୍ୟକ ବୋଲି ଚୀନ୍ କହିଛି ।ଗତ ସପ୍ତାହରେ ନୂଆଦିଲ୍ଲୀରେ ହୋଇଥିବା ବ୍ରିକ୍ସ ସମ୍ମିଳନୀ ସମୟରେ ମଧ୍ୟ ଆରାଘଚି ଓ ୱାଙ୍ଗ ୟିଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା । ଚୀନ୍ ଇରାନର ଏକ ପ୍ରମୁଖ ଆର୍ଥିକ ଅଂଶୀଦାର ହୋଇଥିବା ସହ ଇରାନର ତୈଳ ରପ୍ତାନିର ଏକ ବଡ଼ ଅଂଶ କ୍ରୟ କରୁଥିବାରୁ ଉଭୟ ଦେଶର ସମ୍ପର୍କ ମଧ୍ୟ ଏହି ଆଲୋଚନାରେ ଗୁରୁତ୍ୱ ବହନ କରୁଛି ।



# ଭାରତୀୟ ଯୁଦ୍ଧପୋତ ସହ ପାକିସ୍ତାନୀ ନୌସେନା ଜାହାଜର ଧକ୍କା

**ନୂଆଦିଲ୍ଲୀ,୧୬।୯(ଏଜେନ୍ସି):** ଉତ୍ତର ଆରବ ସାଗରରେ ଭାରତ ଓ ପାକିସ୍ତାନ ନୌସେନା ମଧ୍ୟରେ ଘଟିଛି ଏକ ଗମ୍ଭୀର ସାମୁଦ୍ରିକ ଘଟଣା । ମଙ୍ଗଳବାର ସନ୍ଧ୍ୟାରେ ଅନ୍ତର୍ଜାତୀୟ ଜଳରେ ଭାରତୀୟ ନୌସେନାର ଏକ ଯୁଦ୍ଧପୋତ ସହ ପାକିସ୍ତାନୀ ନୌସେନାର ଏକ ଜାହାଜ ଧକ୍କା ହୋଇଥିବା ନେଇ ରିପୋର୍ଟ ସାମ୍ନାକୁ ଆସିଛି। ଘଟଣାରେ ବଡ଼ ଧରଣର କ୍ଷୟକ୍ଷତି କିମ୍ବା ଜୀବନହାନି ହୋଇନଥିବା ଜଣାପଡ଼ିଛି । ତେବେ ଘଟଣାକୁ ନେଇ ଭାରତ ସରକାର କିନ୍ତୁ ଗମ୍ଭୀର ଆପତ୍ତି ପ୍ରକଟ କରିଛି । ସୂଚନା ଅନୁସାରେ, ଭାରତୀୟ ଯୁଦ୍ଧପୋତଟି ଉତ୍ତର ଆରବ ସାଗରରେ ପେଟ୍ରୋଲିଂ ଓ ନିରୀକ୍ଷଣ କାର୍ଯ୍ୟରେ ନିୟୋଜିତ ଥିଲା । ଏହି ସମୟରେ ପାକିସ୍ତାନୀ ନୌସେନାର ଜାହାଜଟି ଦ୍ରୁତ ଗତିରେ ଭାରତୀୟ ଯୁଦ୍ଧପୋତ ନିକଟକୁ ଆସିଥିଲା। ଭାରତର ଅଭିଯୋଗ ଅନୁସାରେ, ପାକିସ୍ତାନୀ ଜାହାଜର ଚାଳନା ଅସୁରକ୍ଷିତ ଓ ଅପେଶାଦାର ଥିଲା, ଯାହା ଫଳରେ ଦୁଇ ନୌସେନା ଜାହାଜ ମଧ୍ୟରେ ଧକ୍କା ହୋଇଥିଲା ।ଘଟଣାଟି ଅନ୍ତର୍ଜାତୀୟ ଜଳସୀମାରେ ଘଟିଥିବାରୁ ଏହାକୁ ନେଇ ଭାରତ ବିଶେଷ ସତର୍କତା ଅବଲମ୍ବନ କରିଛି। ଭାରତୀୟ ପକ୍ଷରୁ କୁହାଯାଇଛି ଯେ ଏଭଳି ସାମୁଦ୍ରିକ ଘଟଣାକୁ ଏଡ଼ାଇବା ପାଇଁ ଦୁଇ ଦେଶ ମଧ୍ୟରେ ପୂର୍ବରୁ ହୋଇଥିବା ବୁଝାମଣା ଓ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଆବଶ୍ୟକ ।ଘଟଣା ପରେ ବୁଧବାର ନୂଆଦିଲ୍ଲୀରେ ପାକିସ୍ତାନ ହାଇକମିଶନର ଚାର୍ଜ ଦ'ଆଫେୟାର୍ସଙ୍କୁ ଭାରତୀୟ ବିଦେଶ ମନ୍ତ୍ରଣାଳୟ ତଲବ କରିଛି । ତାଙ୍କୁ ଭାରତର ଆପତ୍ତି ଜଣାଇବା ସହ ପାକିସ୍ତାନୀ ନୌସେନା ଜାହାଜର ଆଚରଣକୁ ନେଇ ଔପଚାରିକ ପ୍ରତିବାଦ କରାଯାଇଛି । ଭାରତ ଏହି ଆଚରଣକୁ 'ଅଗ୍ରହଣୀୟ' ଓ 'ଅପେଶାଦାର' ବୋଲି ବର୍ଣ୍ଣନା କରିଛି ।ଭାରତ ଏହା ମଧ୍ୟ ଦର୍ଶାଇଛି ଯେ ଏଭଳି ଘଟଣା ୧୯୯୧ ମସିହାର ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା 'Advance Notice on Military Exercises, Manoeuvres and Troops Movements' ଚୁକ୍ତିର ବ୍ୟବସ୍ଥା ସହ ସମ୍ପର୍କିତ । ଏହି ଚୁକ୍ତିର ଧାରା-୧୦ରେ ଅନ୍ତର୍ଜାତୀୟ ଜଳରେ ଦୁଇ ଦେଶର ନୌସେନା ଜାହାଜ ଓ ବୁଡ଼ାଜାହାଜ ପରସ୍ପରଠାରୁ ଅତି କମ୍ ?ରେ ୩ ନଟିକାଲ୍ ମାଇଲ୍ ଦୂରତା ରଖିବାର ବ୍ୟବସ୍ଥା ରହିଛି, ଯାହାର ଉଦ୍ଦେଶ୍ୟ ଦୁର୍ଘଟଣା ଏଡ଼ାଇବା ।ଏହି ପରିପ୍ରେକ୍ଷୀରେ ଭାରତୀୟ ବିଦେଶ ମନ୍ତ୍ରଣାଳୟ ପାକିସ୍ତାନୀ ଚାର୍ଜ ଦ'ଆଫେୟାର୍ସଙ୍କୁ ଭାରତର ଆପତ୍ତି ସମ୍ପର୍କିତ ବାର୍ତ୍ତା ତାଙ୍କ ସରକାର ଓ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ପହଞ୍ଚାଇବାକୁ କହିଛି। ଏଥିସହ ଇସ୍‌ଲାମାବାଦରେ ଥିବା ଭାରତୀୟ ପ୍ରତିନିଧି ମଧ୍ୟ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟ ନିକଟରେ ସମାନ ପ୍ରସଙ୍ଗ ଉଠାଇବେ ବୋଲି ରିପୋର୍ଟରେ କୁହାଯାଇଛି।ଉଲ୍ଲେଖଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ ସମୁଦ୍ରରେ ନୌସେନା ଜାହାଜକୁ ନେଇ ଏଭଳି ବିବାଦ ପୂର୍ବରୁ ମଧ୍ୟ ଦେଖାଦେଇଛି। ୨୦୧୧ରେ ଭାରତୀୟ ଯୁଦ୍ଧପୋତ INS Godavari ଓ ପାକିସ୍ତାନୀ ଜାହାଜ PNS Babur ମଧ୍ୟରେ ଧକ୍କା ସଦୃଶ ଘଟଣା ପରେ ଉଭୟ ପକ୍ଷ ପରସ୍ପର ଉପରେ ଅଭିଯୋଗ ଲଗାଇଥିଲେ । ସେତେବେଳେ ଭାରତୀୟ ବିଦେଶ ମନ୍ତ୍ରଣାଳୟ ମଧ୍ୟ ୧୯୯୧ ଚୁକ୍ତିର ଧାରା-୧୦ ଓ ସମୁଦ୍ରରେ ନୌସେନା ଜାହାଜର ସୁରକ୍ଷିତ ଚଳାଚଳ ସମ୍ପର୍କିତ ନିୟମର ଉଲ୍ଲେଖ କରିଥିଲା ।





# ଉତ୍କଳ ଗୌରବ ଇଂଟରନ୍ୟାସନାଲ ସ୍କୁଲରେ ମନୋଜ ଦାସ ପାଠାଗାର ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬।୯ (ନି.ପ୍ର)** : ଓଡ଼ିଆ ସିନେମା ସୁପରଷ୍ଟାର ବାବୁଶାନ ମହାନ୍ତି ଗୁରୁବାର ଦିନ କେନ୍ଦୁଝରର ସୋସୋର ବେରୁନାପାଡି ସ୍ଥିତ ଉତ୍କଳ ଗୌରବ ଅନ୍ତର୍ଜାତୀୟ ବିଦ୍ୟାଳୟରେ ମନୋଜ ଦାସ ଲାଇବ୍ରେରୀକୁ ଉଦ୍‌ଘାଟନ କରିଛନ୍ତି। ପ୍ରଖ୍ୟାତ ଓଡ଼ିଆ ଲେଖକ ତଥା ଚିନ୍ତକ ମନୋଜ ଦାସଙ୍କ ନାମରେ ନାମିତ ଏହି ଲାଇବ୍ରେରୀ ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ସମୃଦ୍ଧ ସାହିତ୍ୟ ଓ ସାଂସ୍କୃତିକ ଐତିହ୍ୟ ସହିତ ଯୋଡ଼ିବା ସହିତ ପଢ଼ିବା ପ୍ରତି ପ୍ରେମ, କୌତୁହଳ ଏବଂ ସ୍ୱାଧୀନ ଚିନ୍ତାଧାରା ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି। ଲାଇବ୍ରେରୀ ଏକ ଅସାଧାରଣ କାହାଣୀର ଏକ ନୂତନ ଅଧ୍ୟାୟକୁ ଚିହ୍ନିତ କରେ । ଏକ ଦଶନ୍ଧିରୁ ଅଧିକ ସମୟ ପୂର୍ବେ ଏକ ସାଧାରଣ ଚାଳଛପର କୁଡିଆରେ ଯାହା ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ, ପ୍ରତ୍ୟେକ ଗ୍ରାମୀଣ ଶିଶୁ ଗୁଣାତ୍ମକ ଶିକ୍ଷା ଯୋଗ୍ୟ ବୋଲି ବିଶ୍ୱାସ ଉପରେ ନିର୍ମିତ। ଏହା ଏକ ଇଂରାଜୀ ମାଧ୍ୟମ ଆନ୍ତର୍ଜାତୀୟ ବିଦ୍ୟାଳୟରେ ପରିଣତ ହୋଇଛି ଯାହା ବଂଚିତ ସମ୍ପ୍ରଦାୟର ୪୫୦+ ଛାତ୍ରଛାତ୍ରୀଙ୍କୁ ସେବା ପ୍ରଦାନ କରୁଛି ।




ପରମହଂସ ଯୋଗାନନ୍ଦଙ୍କ ଶିକ୍ଷା ଦ୍ୱାରା ପରିଚାଳିତ ହୋଇ ବିଦ୍ୟାଳୟର ଦର୍ଶନ 'ଆଧ୍ୟାତ୍ମିକ ମୂଲ୍ୟବୋଧ ସହିତ ଦକ୍ଷତା' ଆଧୁନିକ ଏକାଡେମିକ୍ କଠୋରତାକୁ କାଳଜୟୀ ପ୍ରାଚ୍ୟ ମୂଲ୍ୟବୋଧ ସହିତ ଯୋଡିଥାଏ, ଚରିତ୍ର, ସହାନୁଭୂତି, ଅନୁଶାସନ ଏବଂ ଉଦ୍ଦେଶ୍ୟ ଗଠନ କରୁଥିବାବେଳେ ଆଧୁନିକ ଦୁନିଆ ପାଇଁ ପିଲାମାନଙ୍କୁ ପ୍ରସ୍ତୁତ କରିଥାଏ । ଏହା ଇଉଜେନିକ୍ସର ସହ-ପ୍ରତିଷ୍ଠାତା ଡ. ପ୍ରଦୀପ ସେଠୀଙ୍କ ବିଶ୍ୱାସକୁ ପ୍ରତିବିମ୍ବିତ କରେ ଯେ ଆଧୁନିକ ବିଜ୍ଞାନ ଏବଂ ମାନବିକ ମୂଲ୍ୟବୋଧ ଏକାଠି । ଏହି ଅବସରରେ ଉଦବୋଧନ ଦେଇ ଉତ୍କଳ ଗୌରବ ଫାଉଣ୍ଡେସନର ସହ-ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ପରିଚାଳନା ଟ୍ରଷ୍ଟି ଡକ୍ଟର ପ୍ରଦୀପ ସେଠୀ କହିଛନ୍ତି, 'ମୁଁ ଏହି ବିଦ୍ୟାଳୟର ପ୍ରଥମ ଦିନରୁ ଏହି ବିଦ୍ୟାଳୟର ଯାତ୍ରା ଦେଖିଛି । ଏହା ଏକ ଚାଳଛପର କୁଟୀର ଭାବରେ ଆରମ୍ଭ ହୋଇଥିଲା ଏବଂ ଏକ ସରଳ ବିଶ୍ୱାସ ଯେ ପ୍ରତ୍ୟେକ ପିଲା, ସେମାନେ ଯେଉଁଠୁ ଆସନ୍ତୁ, ସେମାନେ ଭଲ ଶିକ୍ଷା ପାଇବାକୁ ଯୋଗ୍ୟ ଅଟନ୍ତି । ଆଜି ଏଠାରେ ଠିଆ ହୋଇ ଏହି ପିଲାମାନେ ଶିଖିବା, ସ୍ୱପ୍ନ ଦେଖିବା ଏବଂ ଏକ ବିଦ୍ୟାଳୟରେ ବଢୁଥିବା ଦେଖିବା ମୋ ପାଇଁ ଅତ୍ୟନ୍ତ ଭାବପ୍ରବଣ ଅଟେ । ମୁଁ ସର୍ବଦା ବିଶ୍ୱାସ କରେ ଯେ ଏକ ପୁସ୍ତକ ଏକ ଶିଶୁ ଦୁନିଆକୁ ଦେଖିବାର ଦୃଷ୍ଟିକୋଣକୁ ବଦଳାଇ ଦେଇପାରେ । ମୋର ଆଶା ହେଉଛି ଯେ ଏହି ଥାକରେ କେବଳ ବହି ନୁହେଁ, ବରଂ ସ୍ୱପ୍ନ, ପ୍ରଶ୍ନ ଏବଂ ସ୍ମୃତି ରହିବ ଯାହା ଆମ ପିଲାମାନେ ସାରା ଜୀବନ ବହନ କରିବେ।

# ‘ବନ୍ଦେ ଭାରତମ୍’ରେ ମିକୋବ୍‌କୁ ୩୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି

**ଭୁବନେଶ୍ୱର, ୧୬।୯ (ନି.ପ୍ର):** ଭାରତର ତୃଣମୂଳସ୍ତରର ନବସୃଜନକାରୀ ଓ ଉଦ୍ୟୋଗୀମାନଙ୍କୁ ଖୋଜିବା ଏବଂ ସେମାନଙ୍କ ପ୍ରତିଭାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଗୌତମ ଆଦାନୀଙ୍କ ଦେଶବ୍ୟାପୀ ପଦକ୍ଷେପ 'ବନ୍ଦେ ଭାରତମ୍' ଚର୍ଚ୍ଚିତ ସିଜନ୍‌ର ସବୁଠାରୁ ବଡ଼ ନିବେଶ ପ୍ରତିଶ୍ରୁତି ହାସଲ କରିଛି। ଗୁଜରାଟଭିତ୍ତିକ ନିର୍ମାଣ-ପ୍ରଯୁକ୍ତି ଷ୍ଟାର୍ଟଅପ୍ ମିକୋବ୍‌ର ପ୍ରତିଷ୍ଠାତା ଅଙ୍କିତା ସିହ୍ନା, ଶଶାଙ୍କ ଶେଖର ଏବଂ ଋଷଭ ମାଥୁର। ସେପ୍ଟେମ୍ବର ୧୪ରେ ପ୍ରସାରିତ 'ବନ୍ଦେ ଭାରତମ୍'ର ଏପିସୋଡ୍ ୭ରେ ମିକୋବ୍ ୩୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ପାଇଛି। ଏହି ଏପିସୋଡ୍‌ର ପ୍ୟାନେଲ୍‌ରେ ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କରଣ ଆଦାନୀ, ଫ୍ଲିପକାର୍ଟର ସିଇଓ କଲ୍ୟାଣ କୃଷ୍ଣମୂର୍ତ୍ତି, ରେନେ କସ୍‌ମେଟିକ୍ସର ସହ-ପ୍ରତିଷ୍ଠାତା ଆଶୁତୋଷ ଭାଲାନୀ ଏବଂ କ୍ୟାକ୍ଟସ୍ ପାର୍ଟନର୍ସର ସହ-ପ୍ରତିଷ୍ଠାତା ଓ ଜେନେରାଲ୍ ପାର୍ଟନର୍ ରାଜୀବ କଲମ୍ବୀ ସାମିଲ ଥିଲେ। ନିବେଶ ସମ୍ପର୍କରେ ୩୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି କଲ୍ୟାଣ କୃଷ୍ଣମୂର୍ତ୍ତି ଏବଂ ଆଶୁତୋଷ ଭାଲାନୀ ମିଳିତ ଭାବେ ପ୍ରଦାନ କରିଛନ୍ତି। ଏହାଛଡ଼ା, ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କରଣ ଆଦାନୀ ମିକୋବ୍‌ର ଚାଲୁଥିବା ଏବଂ ଭବିଷ୍ୟତର ନିର୍ମାଣ ପ୍ରକଳ୍ପଗୁଡ଼ିକ ପାଇଁ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ଏହା ମିକୋବ୍‌ର ପ୍ରଯୁକ୍ତିକୁ ଆଦାନୀ ଗ୍ରୁପ୍‌ର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପରେ ବ୍ୟବହାର କରିବା ପାଇଁ ଏକ ସମ୍ଭାବ୍ୟ ସୁଯୋଗ ସୃଷ୍ଟି କରିଛି। ମିକୋବ୍ ସମ୍ପର୍କରେ ମିକୋବ୍ ଏକ ସମ୍ପୂର୍ଣ୍ଣ ଡିଜିଟାଲ୍ ନିର୍ମାଣ-ଉତ୍ପାଦନ ପ୍ଲାଟଫର୍ମ ବିକଶିତ କରିଛି। ଏହା କେବଳ ରୋବୋଟିକ୍ ୩ଡି ପ୍ରିଣ୍ଟିଂରେ ସୀମିତ ନୁହେଁ। ଏହି ପ୍ଲାଟଫର୍ମରେ ନିଜସ୍ୱ ପ୍ରିଣ୍ଟିଂ ଯୋଗ୍ୟ କଂକ୍ରିଟ୍ ସାମଗ୍ରୀ, ସ୍ୱୟଂଚାଳିତ ବ୍ୟାଚିଂ, ସ୍ମାର୍ଟ ମିକ୍ସିଂ ଓ ପମ୍ପିଂ, ନିୟନ୍ତ୍ରିତ ଏକ୍ସଟ୍ରୁଜନ୍, ରୋବୋଟିକ୍ ଡିପୋଜିସନ୍, ଡିଜିଟାଲ୍ ପ୍ରକ୍ରିୟା ଯୋଜନା ଏବଂ ଗୁଣବତ୍ତା ନିୟନ୍ତ୍ରଣକୁ ଏକ ସମନ୍ୱିତ ପ୍ରକ୍ରିୟାରେ ଏକତ୍ର କରାଯାଇଛି। ଏହି ପ୍ଲାଟଫର୍ମ ନିର୍ମାଣ କାର୍ଯ୍ୟକୁ ଏକ ନିୟନ୍ତ୍ରିତ ଏବଂ ଉତ୍ପାଦନ-କେନ୍ଦ୍ରିତ ପ୍ରକ୍ରିୟାରେ ପରିଣତ କରେ। ଫଳରେ ପାରମ୍ପରିକ ଫର୍ମୱର୍କ ଏବଂ ନିର୍ମାଣସ୍ଥଳରେ ମାନବ ଶ୍ରମ ଉପରେ ନିର୍ଭରଶୀଳତା କମିଥାଏ। ଏଥିସହିତ ପ୍ରକଳ୍ପକୁ ଶୀଘ୍ର ସମ୍ପନ୍ନ କରିବା, ସାମଗ୍ରୀର ଅପଚୟ କମାଇବା ଏବଂ ନିର୍ମାଣର ଗୁଣବତ୍ତାକୁ ଏକ ସମାନ ଓ ବଡ଼ ପରିମାଣରେ ବଜାୟ ରଖିବା ସମ୍ଭବ ହୋଇଥାଏ। ମିକୋବ୍‌ର ପ୍ରଯୁକ୍ତି ଏବେ ପ୍ରତିରକ୍ଷା, ଭିତ୍ତିଭୂମି ଏବଂ ସିଭିଲ୍ ନିର୍ମାଣ କ୍ଷେତ୍ରରେ ବ୍ୟବହୃତ ହେଉଛି। ବଙ୍କର, ରିଟେନିଂ ଷ୍ଟ୍ରକ୍ଚର, ମଡ୍ୟୁଲାର୍ କୋଠା, ହସ୍ପିଟାଲିଟି ଢାଞ୍ଚା ଏବଂ ଶିଳ୍ପ କ୍ଷେତ୍ରର ବିଭିନ୍ନ ଉପାଦାନ ନିର୍ମାଣରେ ଏହାର ପ୍ରଯୁକ୍ତି ବ୍ୟବହାର କରାଯାଉଛି। ମିକୋବ୍ ନିଜକୁ ବଡ଼ ଭିତ୍ତିଭୂମି ଗ୍ରୁପଗୁଡ଼ିକ ପାଇଁ ଏକ ପ୍ରଯୁକ୍ତି ଓ ନିର୍ମାଣ କାର୍ଯ୍ୟାନ୍ୱୟନ ସହଯୋଗୀ ଭାବେ ପରିଚିତ କରାଇଛି। ଏହା ମାଧ୍ୟମରେ ଅଧିକ ଦ୍ରୁତ, ପରିବେଶ ଅନୁକୂଳ ଏବଂ ଅଧିକ ନିର୍ଭରଯୋଗ୍ୟ ଭାବେ ନିର୍ମାଣ କାର୍ଯ୍ୟ କରିବା ଲକ୍ଷ୍ୟ ରହିଛି। ଏହି ନିବେଶ ସମ୍ପର୍କରେ ମତ ରଖି ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କରଣ ଆଦାନୀ କହିଛନ୍ତି: 'ମିକୋବ୍ ହେଉଛି ବନ୍ଦେ ଭାରତମ୍ କେଉଁ ଧରଣର ନବସୃଜନକୁ ସାମ୍ନାକୁ ଆଣିବାକୁ ଚାହୁଁଛି, ତାହାର ଏକ ସ୍ପଷ୍ଟ ଉଦାହରଣ । ଏହା ଏକ ଗଭୀର ପ୍ରଯୁକ୍ତି ଭିତ୍ତିକ ନବସୃଜନ, ଯାହା ଭୂମିସ୍ତରରେ ବାସ୍ତବ ଭିତ୍ତିଭୂମି ସମସ୍ୟାରସମାଧାନକରୁଛି। ସେମାନଙ୍କ ପ୍ଲାଟଫର୍ମ ଦେଶରେ ଆମେ ଯେଉଁଳି ନିର୍ମାଣ କରୁଛୁ, ସେଥିରେ ପରିବର୍ତ୍ତନ ଆଣିବାର କ୍ଷମତା ରଖେ । ଏହି ଯାତ୍ରାରେ ସହଯୋଗ କରି ଆମେ ଖୁସି।'




ନିବେଶ ସମ୍ପର୍କରେ ଫ୍ଲିପକାର୍ଟର ସିଇଓ କଲ୍ୟାଣ କୃଷ୍ଣମୂର୍ତ୍ତି କହିଛନ୍ତି: 'ଆମକୁ ଯାହା ସବୁଠାରୁ ଅଧିକ ପ୍ରଭାବିତ କରିଥିଲା, ତାହା କେବଳ ପ୍ରଯୁକ୍ତି ନୁହେଁ। ମିକୋବ୍ ର ପ୍ଲାଟଫର୍ମ ପ୍ରତିରକ୍ଷା, ଭିତ୍ତିଭୂମି ଏବଂ ଶିଳ୍ପ କ୍ଷେତ୍ରରେ ପୂର୍ବରୁ ବ୍ୟବହୃତ ହୋଇ ସଫଳତାର ସହ କାମ କରୁଥିବା ଦେଖିବା ମଧ୍ୟ ଆମକୁ ପ୍ରଭାବିତ କରିଥିଲା । ଏହି ପର୍ଯ୍ୟାୟରେ ଏଭଳି ଉଦାହରଣ ବହୁତ କମ୍ ଦେଖିବାକୁ ମିଳେ । ସେଥିପାଇଁ ଆମେ ତୁରନ୍ତ ସେମାନଙ୍କୁ ସମର୍ଥନ କରିବାକୁ ଆଗେଇ ଆସିଛୁ।' ମିକୋବ୍ ପାଇଥିବା ନିବେଶ ପ୍ରତିଶ୍ରୁତି ଚର୍ଚ୍ଚିତ ସିଜନ୍‌ରେ 'ବନ୍ଦେ ଭାରତମ୍'ରେ ଏପର୍ଯ୍ୟନ୍ତ ରେକର୍ଡ ହୋଇଥିବା ସବୁଠାରୁ ବଡ଼ ଏକକ ନିବେଶ ପ୍ରତିଶ୍ରୁତି। ସେହିପରି, ସମାନ ଧରଣର ପ୍ଲାଟଫର୍ମଗୁଡ଼ିକ ମଧ୍ୟରେ ଭାରତରେ ଏହା ଏହିପ୍ରକାରର ସବୁଠାରୁ ବଡ଼ ଏକକ ନିବେଶ ଚୁକ୍ତି ବୋଲି ଦର୍ଶାଯାଇଛି।

# ଏଆଇ+ ସ୍ମାର୍ଟଫୋନ୍‌ର ସେବା ନେଟୱର୍କ ୧,୦୦୦ରୁ ଅଧିକ ସେବା କେନ୍ଦ୍ରକୁ ବୃଦ୍ଧି

**ଭୁବନେଶ୍ୱର, ୧୬।୯ (ନି.ପ୍ର)** : ଭାରତରେ ଗ୍ରାହକଙ୍କୁ ବିକ୍ରୟ ପରବର୍ତ୍ତୀ ସେବାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏଆଇ+ ସ୍ମାର୍ଟଫୋନ୍ ଦେଶବ୍ୟାପୀ ଏହାର ସେବା ନେଟୱର୍କକୁ ୧,୦୦୦ରୁ ଅଧିକ ସେବା କେନ୍ଦ୍ରକୁ ବୃଦ୍ଧି କରିବାକୁ ଯୋଜନା କରିଛି। ଏହା ସହିତ ଚଳିତ ଦୀପାବଳିରେ ଦିଲ୍ଲୀରେ ଏହାର ପ୍ରଥମ ସ୍ୱତନ୍ତ୍ର ଏଆଇ + ସେବା କେନ୍ଦ୍ର ସ୍ଥାପନ କରାଯିବ। ଭୌତିକ ସେବା ଭିତ୍ତିଭୂମିର ସମ୍ପ୍ରସାରଣ ସହିତ କମ୍ପାନୀ 'ଏଆଇ+ ସହାୟତା ଆପ୍' ମଧ୍ୟ ଆଣିବାକୁ ଯାଉଛି। ଏହା ଏକ ସମନ୍ୱିତ ଡିଜିଟାଲ୍ ମଂଚ ଭାବେ କାର୍ଯ୍ୟ କରିବ, ଯେଉଁଠାରେ ଡିଭାଇସ୍ ସହାୟତା, ସେବା ବୁକିଂ, ଅଭିଯୋଗ ଟିକେଟ୍‌ର ଅବସ୍ଥା ଜାଣିବା ଏବଂ ସମସ୍ୟା ସମାଧାନ ସହାୟତା ଭଳି ସୁବିଧା ଏକ ସ୍ଥାନରେ ଉପଲବ୍ଧ ହେବ। ଏହି ସମ୍ପ୍ରସାରଣ ମାଧ୍ୟମରେ ବର୍ତ୍ତମାନର ୮୦୦ରୁ ଅଧିକ ସେବା କେନ୍ଦ୍ର ସହିତ ଆଉ ୨୦୦ରୁ ଅଧିକ ନୂଆ ସେବା କେନ୍ଦ୍ର ଯୋଡ଼ି ହେବ। ଫଳରେ ସାରା ଭାରତରେ ଏଆଇ +ର ବିକ୍ରୟ ପରବର୍ତ୍ତୀ ସେବାର ପରିସର ଆହୁରି ବ୍ୟାପକ ହେବ। ଭୌତିକ ଓ ଡିଜିଟାଲ୍ ସେବାର ଏହି ସମ୍ପ୍ରସାରଣ ଦ୍ୱାରା ଗ୍ରାହକଙ୍କ ପାଇଁ ସେବାକୁ ଅଧିକ ସୁଗମ, ସ୍ୱଚ୍ଛ ଓ ସମାନ ମାନର କରିବା ଲକ୍ଷ୍ୟ ରଖାଯାଇଛି। ସେବା ଅନୁରୋଧ ଦାଖଲ କରିବାଠାରୁ ଆରମ୍ଭ କରି ତାହାର ସମାଧାନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାର ଅବସ୍ଥା ଗ୍ରାହକମାନେ ଜାଣିପାରିବେ। ଏହି ଘୋଷଣା ଅବସରରେ ନେକ୍ସଟ କ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିର (ଏଆଇ + ସ୍ମାର୍ଟଫୋନ) ର ସିଇଓ, ମାଧବ ସେଠ କହିଛନ୍ତି, 'ଏକ ସ୍ମାର୍ଟଫୋନ୍ ବ୍ରାଣ୍ଡ ଗଢ଼ିବା କେବଳ ଏକ ଡିଭାଇସ୍ ତିଆରି କରିବାରେ ସୀମିତ ନୁହେଁ। ଏଆଇ +ରେ ଗ୍ରାହକଙ୍କ ମାଲିକାନା ଅଭିଜ୍ଞତା ହିଁ ଆମ ସମ୍ପର୍କର ପ୍ରକୃତ ଆରମ୍ଭ। ୧,୦୦୦ରୁ ଅଧିକ ସେବା କେନ୍ଦ୍ରରେ ପହଂଚିବା, ଆମର ପ୍ରଥମ ସ୍ୱତନ୍ତ୍ର ସେବା କେନ୍ଦ୍ର ସ୍ଥାପନ କରିବା ଏବଂ ଏଆଇ + ସହାୟତା ଆପ୍ ଆରମ୍ଭ କରିବା ହେଉଛି ଗ୍ରାହକଙ୍କ ପାଇଁ ସହାୟତାକୁ ଅଧିକ ସୁଗମ, ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମର ଲକ୍ଷ୍ୟ ସରଳ ଗ୍ରାହକ ଯେଉଁଠି ଥାଆନ୍ତୁ ନା କାହିଁକି, ବିଶ୍ୱସନୀୟ ସେବା ଯେପରି ସେମାନଙ୍କଠାରୁ କେବେ ବି ଦୂରରେ ନ ରହେ।




# ଆଜିଠୁ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍‌ର ଇନିସିଆଲ ପବ୍ଲିକ ଅଫର

**ଭୁବନେଶ୍ୱର, ୧୬।୯ (ନି.ପ୍ର)** : ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ତାର ଇନିସିଆଲ ପବ୍ଲିକ ଅଫର ପାଇଁ ପ୍ରତି ୧ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ଇକ୍ୱିଟି ସେୟାର ପିଛା ପ୍ରାଇସ୍ ବ୍ୟାଣ୍ଡ ୧,୭୦୦ ଟଙ୍କାରୁ ୧,୭୮୫ ଟଙ୍କା ଧାର୍ଯ୍ୟ କରିଛି । କମ୍ପାନୀର ଏହି ଇନିସିଆଲ ପବ୍ଲିକ ଅଫରିଂ ('ଆଇପିଓ' ବା 'ଅଫର') ଆବେଦନ ପାଇଁ ୧୭ ସେପ୍ଟେମ୍ବର ୨୦୨୬ରେ ଖୋଲିବ ଏବଂ ୨୧ ସେପ୍ଟେମ୍ବର ୨୦୨୬ରେ ବନ୍ଦ ହେବ। ନିବେଶକମାନେ ସର୍ବନିମ୍ନ ୮ଟି ଇକ୍ୱିଟି ସେୟାର ଏବଂ ଏହା ପରେ ୮ଟି ଇକ୍ୱିଟି ସେୟାରର ଗୁଣିତକରେ ବିଡ୍ କରିପାରିବେ । ବର୍ତ୍ତମାନ ସୁଦ୍ଧା ବଜାରରେ ଥିବା ସମୁଦାୟ ଇକ୍ୱିଟି ସେୟାର ସଂଖ୍ୟା ହେଉଛି ପ୍ରତି ୧ ଟଙ୍କା ମୂଲ୍ୟର ୨,୪୭,୫୦,୦୦,୦୦୦ଟି ଇକ୍ୱିଟି ସେୟାର । ୧ ଟଙ୍କା ଫେସ୍ ଭାଲ୍ୟୁ ଥିବା ଏହି ଆଇପିଓଟି ହେଉଛି ସେୟାର ବିକ୍ରି କରୁଥିବା କର୍ପୋରେଟ୍ ଅଂଶୀଦାରମାନଙ୍କ ଦ୍ୱାରା ୧୨,୬୪,୩୬,୬୫୦ଟି ପର୍ଯ୍ୟନ୍ତ ଇକ୍ୱିଟି ସେୟାରର ଏକ ଅଫର-ଫର୍-ସେଲ୍ (ଓଏଫ୍‌ଏସ୍) । ଏହି ବିକ୍ରୟକାରୀ ଅଂଶୀଦାରମାନେ ହେଉଛନ୍ତି - ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାଡ଼ା ପେନସନ ପ୍ଲାନ ଇନଭେଷ୍ଟମେଣ୍ଟ ବୋର୍ଡ, ଆରନ୍ଦା ଇନଭେଷ୍ଟମେଣ୍ଟସ (ମରିସସ) ପ୍ରାଇଭେଟ ଲିମିଟେଡ୍, ଏମଏସ ଷ୍ଟ୍ରାଟେଜିକ୍ (ମରିସସ) ଲିମିଟେଡ୍, ଦ ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିମିଟେଡ୍, ଏସବିଆଇ କ୍ୟାପିଟାଲ ମାର୍କେଟ୍ସ ଲିମିଟେଡ୍ (ଏସଏସ), ବ୍ୟାଙ୍କ ଅଫ୍ ବରୋଦା, ଷ୍ଟକ୍ ହୋଲ୍ଡିଂ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍, ଜେନେରାଲ ଇନସୁରାନ୍ସ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ ଏବଂ ୟୁନାଇଟେଡ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡ୍ । ସେବି ଆଇସିଡିଆର ନିୟମାବଳୀ ଅନୁଯାୟୀ ଏହି ଇସ୍ୟୁ ବୁକ୍-ବିଲ୍ଡିଂ ପ୍ରକ୍ରିୟା ମାଧ୍ୟମରେ କରାଯାଉଛି, ଯେଉଁଥିରେ ଯୋଗ୍ୟ ସାଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ସର୍ବାଧିକ ୫୦% ପର୍ଯ୍ୟନ୍ତ, ଅଣ-ସାଂସ୍ଥାଗତ ନିବେଶକ (ଏନଆଇଆଇ) ଙ୍କ ପାଇଁ ଅତିକମରେ ୧୫%, ଏବଂ ଖୁଚୁରା ବ୍ୟକ୍ତିଗତ ନିବେଶକ (ଆରଆଇଆଇ)ଙ୍କ ପାଇଁ ଅତିକମରେ ୩୫% ସଂରକ୍ଷିତ ରଖାଯାଇଛି ।




ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ୧୯୯୪ ମସିହାରେ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ଇଲେକ୍ଟ୍ରୋନିକ୍ ବା ସ୍କ୍ରିନ୍-ଆଧାରିତ ଟ୍ରେଡିଂ ବ୍ୟବସ୍ଥା ଲାଗୁ କରିବାରେ ଏହା ଭାରତର ପ୍ରଥମ ଏକ୍ସଚେଞ୍ଜ ଥିଲା । ଏନଏସଇ ପାଖରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ବ୍ୟବସାୟ ମଡେଲ୍ ରହିଛି, ଯେଉଁଥିରେ ଏକ୍ସଚେଞ୍ଜ ତାଲିକାଭୁକ୍ତିକରଣ (ଲିଷ୍ଟିଂ), ଟ୍ରେଡିଂ ସେବା, କ୍ଲିୟରିଂ ଓ ସେଟଲମେଣ୍ଟ ସେବା, ସୂଚକାଙ୍କ ଏବଂ ବଜାର ତଥ୍ୟ ସେବା ଅନ୍ତର୍ଭୁକ୍ତ । ଏନଏସଇ ଟ୍ରେଡିଂ ସଦସ୍ୟ, କ୍ଲିୟରିଂ ସଦସ୍ୟ ଏବଂ ତାଲିକାଭୁକ୍ତ କମ୍ପାନୀଗୁଡ଼ିକ ଦ୍ୱାରା ସେବି ଏବଂ ଏକ୍ସଚେଞ୍ଜର ନିୟମ କାନୁନ ପାଳନ ଉପରେ ମଧ୍ୟ ନଜର ରଖେ । ଏନଏସଇ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ଏବଂ ନବସୃଜନ ତଥା ପ୍ରଯୁକ୍ତିରେ ପୁଞ୍ଜିନିବେଶ ମାଧ୍ୟମରେ ନିଜ ସିଷ୍ଟମର ବିଶ୍ୱସନୀୟତା ଓ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିଥାଏ । ଫ୍ୟୁଚର୍ସ ଇଣ୍ଡଷ୍ଟ୍ରି ଆସୋସିଏସନ (ଏଫଆଇଏ)ର ପରିସଂଖ୍ୟାନ ଅନୁଯାୟୀ, ୨୦୨୫ କ୍ୟାଲେଣ୍ଡର ବର୍ଷରେ ଟ୍ରେଡିଂ ପରିମାଣ (ଚୁକ୍ତିସଂଖ୍ୟା) ଦୃଷ୍ଟିରୁ ଏନଏସଇ ବିଶ୍ୱର ସବୁଠାରୁ ବଡ଼ ଡେରିଭେଟିଭ୍ସ ଏକ୍ସଚେଞ୍ଜ । ୱାର୍ଲ୍ଡ ଫେଡେରେସନ ଅଫ୍ ଏକ୍ସଚେଞ୍ଜେସ୍ (ଡବ୍ଲ୍ୟୁଏଫ୍ଇ)ର ପରିସଂଖ୍ୟାନ ଅନୁସାରେ, ୨୦୨୫ରେ କାରବାର ସଂଖ୍ୟା (ଇଲେକ୍ଟ୍ରୋନିକ୍ ଅର୍ଡର ବୁକ୍) ହିସାବରେ ଇକ୍ୱିଟି କ୍ଷେତ୍ରରେ ଏନଏସଇ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି । ରେଡସିର ରିପୋର୍ଟ ଅନୁସାରେ, ଆର୍ଥିକ ବର୍ଷ ୨୦୧୧ରୁ ଆର୍ଥିକ ବର୍ଷ ୨୦୨୬ ଏବଂ ୩୦ ଜୁନ ୨୦୨୬ରେ ଶେଷ ହୋଇଥିବା ତିନି ମାସ ଅବଧି ପର୍ଯ୍ୟନ୍ତ, କ୍ୟାଶ୍ ମାର୍କେଟ୍?ର ମୋଟ କାରବାର (ଟର୍ଣ୍ଣଓଭର) ଏବଂ ଇକ୍ୱିଟି ଡେରିଭେଟିଭ୍ସର ମୋଟ କାରବାର (ଇକ୍ୱିଟି ଅପ୍ସନର ନୋସନାଲ ଟର୍ଣ୍ଣଓଭର ଆଧାରରେ) ଦୃଷ୍ଟିରୁ ଏନଏସଇ ଭାରତର ସର୍ବବୃହତ ଷ୍ଟକ୍ ଏକ୍ସଚେଞ୍ଜ ହୋଇ ରହିଆସିଛି । ଏହା ସହିତ ଆର୍ଥିକ ବର୍ଷ ୨୦୦୯ରୁ ଆର୍ଥିକ ବର୍ଷ ୨୦୨୬ ଏବଂ ୩୦ ଜୁନ ୨୦୨୬ରେ ଶେଷ ହୋଇଥିବା ତିନି ମାସ ଅବଧିରେ ଏକ୍ସଚେଞ୍ଜ-ଟ୍ରେଡେଡ୍ କରେନ୍ସି ଡେରିଭେଟିଭ୍ସର ମୋଟ କାରବାର (କରେନ୍ସି ଅପ୍ସନର ନୋସନାଲ ଟର୍ଣ୍ଣଓଭର ଆଧାରରେ) କ୍ଷେତ୍ରରେ ମଧ୍ୟ ଏହା ଭାରତର ସର୍ବବୃହତ ଷ୍ଟକ୍ ଏକ୍ସଚେଞ୍ଜ ରହିଛି । ୱାର୍ଲ୍ଡ ଫେଡେରେସନ ଅଫ୍ ଏକ୍ସଚେଞ୍ଜେସ୍ ଅନୁଯାୟୀ, ବିଶ୍ୱର ପ୍ରମୁଖ ତାଲିକାଭୁକ୍ତ ଷ୍ଟକ୍ ଏକ୍ସଚେଞ୍ଜ ଗ୍ରୁପ ତୁଳନାରେ, କମ୍ପାନୀଟି ଆର୍ଥିକ ବର୍ଷ ୨୦୨୬ ଏବଂ ୩୦ ଜୁନ ୨୦୨୬ରେ ଶେଷ ହୋଇଥିବା ତିନି ମାସ ଅବଧିରେ କ୍ୟାଶ୍ ଇକ୍ୱିଟିରେ କାରବାର ସଂଖ୍ୟା ଏବଂ ଇକ୍ୱିଟି ଡେରିଭେଟିଭ୍ସରେ ଟ୍ରେଡ୍ ହୋଇଥିବା ଚୁକ୍ତି ସଂଖ୍ୟା ଦୃଷ୍ଟିରୁ ସର୍ବବୃହତ ମଲ୍ଟି-ଆସେଟ୍ କ୍ଲାସ୍ ଏକ୍ସଚେଞ୍ଜ ।

# ନେକ୍ସସ ସିଲେକ୍ଟ ମଲ୍ସ ଷ୍ଟାଇଲ ରଶ ଜରିଆରେ ପୂର୍ବ-ପାର୍ବଣ ଫ୍ୟାସନ ଉପରେ ବିଶେଷ ଧ୍ୟାନ ଦେଉଛି

**ଭୁବନେଶ୍ୱର, ୧୬।୯ (ନି.ପ୍ର) :** ଋତୁର ଶେଷ ବିକ୍ରି ଏବଂ ପାର୍ବଣ ସପିଙ୍ଗର ଗହଳି ମଧ୍ୟରେ ଖୁଚୁରା ବ୍ୟବସାୟର ଏକ ବଡ଼ ସୁଯୋଗ ରହିଥାଏ, ଯାହା ଅନେକ ସମୟରେ ଅଣଦେଖା ହୋଇ ରହିଯାଏ। ସେପ୍ଟେମ୍ବର ହେଉଛି ସେହି ସମୟ ଯେତେବେଳେ କି ଶରତ-ଶୀତ କଲେକ୍ସନ ଆସିଥାଏ, ଟ୍ରେଣ୍ଡ ବଦଳିବାକୁ ଲାଗେ ଏବଂ ଗ୍ରାହକମାନେ ସେମାନଙ୍କର ପାର୍ବଣ ପୋଷାକ ଯୋଜନା କରିବା ଆରମ୍ଭ କରନ୍ତି। ନେକ୍ସସ ମଲ୍ସ ଷ୍ଟାଇଲ ରସ ମାଧ୍ୟମରେ ଏହି ସମୟକୁ ଫ୍ୟାସନ କ୍ୟାଲେଣ୍ଡରର କେନ୍ଦ୍ର ବିନ୍ଦୁରେ ରଖୁଛି। କୌଣସି ସେଲ କିମ୍ବା ପର୍ବପର୍ବାଣୀ ଭିତିକ ପ୍ରଚାର ପ୍ରସାର ଠାରୁ ଭିନ୍ନ, ଷ୍ଟାଇଲ ରସ ନୂଆ ନୂଆ ଫ୍ୟାସନ ଆବିଷ୍କାର କରିବା ଉପରେ ପର୍ଯ୍ୟବେଶିତ। ପାର୍ବଣ ସପିଙ୍ଗ ଜୋର ଧରିବା ପୂର୍ବରୁ ଗ୍ରାହକମାନଙ୍କୁ ନୂଆ ଟ୍ରେଣ୍ଡ ବିଷୟରେ ଜାଣିବାରେ ସାହାଯ୍ୟ କରିବା ପାଇଁ ଏହି ଅଭିଯାନ ଫ୍ୟାସନ, ଜୋତା / ଫୁଟୱେୟାର, ସୌନ୍ଦର୍ଯ୍ୟ ଏବଂ ଉପକରଣ କ୍ଷେତ୍ରରେ ନୂଆ ଆଗମନ, ଚୟନକାରୀ ଟ୍ରେଣ୍ଡ ଏବଂ ଷ୍ଟାଇଲର ପ୍ରେରଣାକୁ ଏକାଠି ଆଣିବ। ନେକ୍ସସ ଏସପ୍ଲାନେଡ଼ରେ, ଷ୍ଟାଇଲ ରସ ଲାଇଫଷ୍ଟାଇଲ, ଆଇକନିକ୍, ମାର୍କ୍ସ ଆଣ୍ଡ ସ୍ପେନ୍ସର, ଭ୍ୟାନ ହ୍ୟୁସେନ ୱୁମେନ, ଲୁଇସ ଫିଲିପ, ବ୍ୟାଗିଟ୍, ସାମସୋନାଇଟ୍, ରେୟାର ରାବିଟ୍, ରେୟାର ରିଜମ୍, ଲାଟିନ କ୍ୱାଟରସ, ମୋଚି ଏବଂ ଇଙ୍କ ୫ ଭଳି ବ୍ରାଣ୍ଡ ଗୁଡ଼ିକର ନୂଆ ଋତୁକାଳୀନ ଶୋ' ପ୍ରଦର୍ଶିତ କରିବ। ଭୁବନେଶ୍ୱରର ଫ୍ୟାସନ ପସନ୍ଦକୁ ଆଖି ଆଗରେ ରଖି ପ୍ରସ୍ତୁତ କରାଯାଇଥିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୫ ରୁ ୩୦, ୨୦୨୬ ପର୍ଯ୍ୟନ୍ତ ଚାଲିବ। ସୌନ୍ଦର୍ଯ୍ୟକାରୀ ଅଧିବେସନ, ସୌନ୍ଦର୍ଯ୍ୟ ଅଭିଜ୍ଞତା, ଫ୍ୟାସନ ଶୋକେସ, ପାରମ୍ପରିକ ପ୍ରଡ଼କ୍ଟ ଏବଂ କ୍ରିଏଟର-ଅଗ୍ରଣୀ ପ୍ରସଙ୍ଗ ମାଧ୍ୟମରେ ଷ୍ଟାଇଲ ରସ ଡ଼ିଜିଟାଲ ପ୍ରେରଣାକୁ ସିଧାସଳଖ ଗ୍ରାହକଙ୍କ ସହ ଯୋଡ଼ିବ। ଏହି ଅଭିଯାନ ମଲ ଗୁଡ଼ିକର ବୃଦ୍ଧି ପାଉଥିବା ଭୂମିକାକୁ ଦର୍ଶାଉଛି - ଯାହା କେବଳ ସପିଙ୍ଗ କରିବାର ସ୍ଥାନ ନୁହେଁ ବରଂ ଏପରି ଏକ ମଞ୍ଚ ଯେଉଁଠାରେ ବ୍ରାଣ୍ଡ ଗୁଡ଼ିକ ପାର୍ବଣ ଋତୁ ପୂର୍ବରୁ ଗ୍ରାହକଙ୍କ ପସନ୍ଦକୁ ପ୍ରଭାବିତ କରିବା ସହିତ ନୂତନ ଅନୁଭୂତି ସୃଷ୍ଟି ଏବଂ ଆକର୍ଷଣ ବୃଦ୍ଧି କରିପାରିବ।

# ଭଲଭୋ ସିଇ ପକ୍ଷରୁ ବାଉମାକନଏକ୍ସପୋ ଇଣ୍ଡିଆରେ ଇସି୬୫୦ମାଇନିଂ ଏକ୍ସକାଭେଟରର ଶୁଭାରମ୍ଭ




**ଭୁବନେଶ୍ୱର, ୧୬।୯ (ନି.ପ୍ର) :** ଭଲଭୋ କନଷ୍ଟ୍ରକସନ ଇକ୍ୟୁପମେଂଟ ଇଣ୍ଡିଆ ବାଉମାକନଏକ୍ସପୋ ଇଣ୍ଡିଆ ୨୦୨୬ ରେ ଏହାର ମାଇନିଂ ସାମଗ୍ରୀ ଉତ୍ପାଦ ବର୍ଗରେ ୬୫ଟନଶ୍ରେଣୀର ଏକ୍ସକାଭେଟର ର ଶୁଭାରମ୍ଭ କରିଛି । ଲୋକପ୍ରିୟ ଭଲଭୋ ଡି୧୩ଇଞ୍ଜିନ ଦ୍ୱାରା ଚାଳିତ ଏବଂ ୪୩୫ ଏଚପି ପ୍ରଦାନକରୁଥିବା ଏହି ଇସି୬୫୦କୁ ଅତୁଳନୀୟ ସ୍ଥାୟିତ୍ୱ ଏବଂ ନିଜଶ୍ରେଣୀରେ ସର୍ବୋତମ ଇନ୍ଧନ କ୍ଷମତା ପାଇଁ ତିଆରି କରାଯାଇଛି। ଏଥିରେ ମଜଭୁତ ଅଣ୍ଡରକ୍ୟାରେଜ, ଅତ୍ୟଧିକ ଶକ୍ତ ବୁମ୍‌ଓଆର୍ମ ଏବଂ ଉନ୍ନତ ହାଇଡ୍ରୋଲିକ୍ସ ରହିଛି । ଯାହା ଅତିକଠିନ ଖନନ ଓ ଖଣିକାର୍ଯ୍ୟକୁ ସହଜରେ କରିପାରିବ। କିଣାବିକା ଋତୁ ଆରମ୍ଭହୋଇସାରି ଥିବାରୁ ଖଣି ଗ୍ରାହକମାନଙ୍କୁ ତୁରନ୍ତ ଯୋଗାଇବାପାଇଁ ଏହି ଉତ୍ପାଦ ଉପଲବ୍ଧ। କେବଳ ମେସିନ ଯୋଗାଇବାରେ ସୀମିତନରହି ଭଲଭୋ ସମଗ୍ର ଉପକରଣର କାର୍ଯ୍ୟକାଳ ମଧ୍ୟରେ ଗ୍ରାହକମାନଙ୍କୁ କନେକ୍ଟେଡ ସେବା, ଉତ୍ପାଦନକ୍ଷମ ସମାଧାନ, ମରାମତି ଓ ରକ୍ଷଣାବେକ୍ଷଣ ଚୁକ୍ତି ଏବଂ ବ୍ୟବହାର-ଭିତିକ ସେବା ପ୍ରଦାନ କରିବ ।

ଏହି କାର୍ଯ୍ୟକ୍ରମରେ ସମ୍ବୋଧନ ଦେଇ ଭଲଭୋ କନଷ୍ଟ୍ରକସନ ଇକ୍ୟୁପମେଂଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଦିମିତ୍ରୋଭ କୃଷ୍ଣନକହିଛନ୍ତି ଯେ, 'ଭାରତର ଖଣି କ୍ଷେତ୍ର ପୂର୍ବରୁ ଅଧିକ ବଡ଼ ଆକାର ଏବଂ ତୀବ୍ରତାରେ କାର୍ଯ୍ୟ କରୁଛି ଏବଂ ଏଥିପାଇଁ ଏପରି ଉପକରଣ ଦରକାର ଯାହା କେବଳ ଅତିକଠିନ ଓ ଚ୍ୟାଲେଞ୍ଜପୂର୍ଣ୍ଣ ପରିସ୍ଥିତିରେ ବିଶ୍ୱସନୀୟଭାବେ କାମକରିବ ତାହାନୁହେଁ, ବରଂ ଇନ୍ଧନ ସଂଚୟକାରୀ ଏବଂ ଅପରେଟର ମାନଙ୍କ ପାଇଁ ସହଜ ଚାଳନ କ୍ଷମ ହୋଇଥିବ। ଇସି୬୫୦ ସହିତ ଆମେ କେବଳ ଆମର ମାଇନିଂ ବର୍ଗରେ ଏକ ନୂଆ ମେସିନ ଯୋଡୁନାହୁଁ - ଆମେ ଭାରତର ଖଣିଅପରେଟର ମାନଙ୍କୁ ଏପରିଏକ ସାଥୀ ଦେଉଛୁ ଯାହାଉପରେ ସେମାନେ ପ୍ରତ୍ୟେକ ଶିଫ୍ଟରେ ଭରସା କରିପାରିବେ।'

# ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ ସଙ୍ଗମ କଳାହାଣ୍ଡିର ଗ୍ରାମାଞ୍ଚଳରେ ଜଳସେଚନ ସୁବିଧାକୁ ସୁଦୃଢ଼ କରିଛି

**ଭୁବନେଶ୍ୱର, ୧୬।୯ (ନି.ପ୍ର)** : ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମର ଆଲୁମିନା ବିଶୋଧନାଗାର ଆଖପାଖ ଗାଁଗୁଡ଼ିକରେ ବଡ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହା ନୂତନ ଭାବରେ ସୃଷ୍ଟି ହୋଇଥିବା ଫାର୍ମ ପୋଖରୀରେ ପରିଲକ୍ଷିତ ହୋଇଛି ଯାହା ଖରାଦିନେ ଚାଷବାସ ସହିତ କୁକୁଡା ଫାର୍ମଗୁଡିକ ପାଣି ଯୋଗାଇଥାଏ, ଯାହା ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରୁଛି, ଏବଂ କୃଷି ପରିବାରଗୁଡ଼ିକରେ ଯାହା ଜଳବାୟୁ ଏବଂ ଅର୍ଥନୈତିକ ଅନିଶ୍ଚିତତା ପ୍ରତି ଅଧିକ ସହନଶୀଳ ହେବାରେ ଲାଗିଛି । ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେଉଛି ପ୍ରକଳ୍ପ ସଙ୍ଗମ, ଯାହା ଏକ ସମନ୍ୱିତ ଜଳବିଭାଜିକା ଏବଂ ଜୀବିକା ବିକାଶ ପଦକ୍ଷେପ ଯାହା ୨୦୨୩ ରେ ଜଳ ସୁରକ୍ଷାକୁ ମଜବୁତ କରିବା, କୃଷି ଉତ୍ପାଦକତା ବୃଦ୍ଧି କରିବା ଏବଂ ଗ୍ରାମାଞ୍ଚଳରେ ସ୍ଥାୟୀ ଜୀବିକା ନିର୍ବାହକୁ ପ୍ରୋତ୍ସାହିତ କରିବା ପାଇଁ ଆରମ୍ଭ କରାଯାଇଥିଲା। କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପ୍ରୟାସର ଅଂଶବିଶେଷ ସ୍ୱରୂପ ପ୍ରକଳ୍ପ ସଙ୍ଗମ ପ୍ରାକୃତିକ ସମ୍ବଳ ପରିଚାଳନା, ଜଳବାୟୁ-ନମନୀୟ କୃଷି, ଭୂତଳ ଜଳ ପୁନର୍ଭରଣ, ବର୍ଷା ଜଳ ଅମଳ, ଦକ୍ଷତା ବିକାଶ ଏବଂ ଦୀର୍ଘକାଳୀନ ସାମାଜିକ-ଆର୍ଥିକ ବିକାଶ ପାଇଁ ଗୋଷ୍ଠୀ-ପରିଚାଳିତ ଜୀବିକା ହସ୍ତକ୍ଷେପକୁ ଅନ୍ତର୍ଭୁକ୍ତ କରି ଏକ ବହୁସ୍ତରୀୟ ଆଭିମୁଖ୍ୟ ନିୟୋଜିତ କରିଛି। ଉଭୟ ଜଳ ଉପଲବ୍ଧତା ଏବଂ ଜୀବିକା ସୃଷ୍ଟି ଉପରେ ଧ୍ୟାନ ଦେଇ, ଏହି ପଦକ୍ଷେପ ଗ୍ରାମୀଣ ପରିବାରକୁ ଅଧିକ ଆତ୍ମନିର୍ଭରଶୀଳତା ଏବଂ ନମନୀୟତା ସୃଷ୍ଟି କରିବାରେ ସାହାଯ୍ୟ କରୁଛି। ଏହି ଆଭିମୁଖ୍ୟର ପ୍ରଭାବ ସମଗ୍ର ଅଞ୍ଚଳର ଗ୍ରାମଗୁଡ଼ିକରେ ଗଭୀର ଭାବେ ପ୍ରତିଫଳିତ ହେଉଛି। ନିକଟବର୍ତ୍ତୀ ନିଆଲି ଗ୍ରାମରେ, ଏହି କାର୍ଯ୍ୟକ୍ରମ ଅଧୀନରେ ବିକଶିତ ଏକ ଫାର୍ମ ପୋଖରୀ ଲିଙ୍ଗରାଜ ରାଉତଙ୍କୁ କଦଳୀ ଚାଷ, ମତ୍ସ୍ୟଚାଷ ଏବଂ ଉଦ୍ୟାନ କୃଷି ସହିତ ଏକ ସମନ୍ୱିତ କୃଷି ମଡେଲ ଗ୍ରହଣ କରିବାରେ ସାହାଯ୍ୟ କରିଛି। ସୁନିଶ୍ଚିତ ଜଳସେଚନ ଦ୍ୱାରା ଅନିୟମିତ ବର୍ଷା ଉପରେ ନିର୍ଭରଶୀଳତା ହ୍ରାସ ପାଇଛି, କୃଷି ଉତ୍ପାଦନରେ ଉନ୍ନତି ଘଟିଛି ଏବଂ ଆୟର ଏକାଧିକ ଧାରା ସୃଷ୍ଟି ହୋଇଛି। କଦଳୀ ଚାଷରେ ପାଖାପାଖି ୯୦୦୦ ଟଙ୍କା ନିବେଶ କରି ଲିଙ୍ଗରାଜ ଗୋଟିଏ ଅମଳ ଋତୁରେ ଛଅ ଗୁଣ ଆୟ କରିଥିଲେ, ଯେତେବେଳେ କି ତାଙ୍କ ମତ୍ସ୍ୟଚାଷରୁ ଅତିରିକ୍ତ ଆୟ ଘରୋଇ ଆୟକୁ ଆହୁରି ମଜବୁତ କରିଛି। 'ଚାଷ ପାଇଁ ଥିବା ପୋଖରୀ ମୋର ଚାଷ କରିବାର ଶୈଳୀକୁ ବାସ୍ତବରେ ବଦଳାଇ ଦେଇଛି। ମୁଁ ଏବେ ବର୍ଷସାରା ବିଭିନ୍ନ ପ୍ରକାରର ଫସଲ ଚାଷ କରିପାରିବି, ମୋ ଆୟରେ ବିବିଧତା ଆଣିପାରିବି ଏବଂ ମୋ ପରିବାରର ଆବଶ୍ୟକତାକୁ ଅଧିକ ଭଲ ଭାବେ ପୂରଣ କରିପାରିବି ', ବୋଲି ଲିଙ୍ଗରାଜ କୁହନ୍ତି। କେନ୍ଦୁଗୁଡା ଗ୍ରାମରେ, ଏହି ପଦକ୍ଷେପ ଅଧୀନରେ ପ୍ରଦାନ କରାଯାଇଥିବା ସହାୟତା ନିରଞ୍ଜନ ନାଗଙ୍କୁ ଏକ ୫୦୦ ବ୍ରଏଲର କୁକୁଡ଼ା ବିଶିଷ୍ଟ ଫାର୍ମ ପ୍ରତିଷ୍ଠା କରିବାରେ ସକ୍ଷମ କରିଥିଲା, ଯାହା ଏକ ଅନିୟମିତ ମଜୁରୀ ଆଧାରିତ ଆୟକୁ ଅଧିକ ସ୍ଥିର ଏବଂ ସ୍ଥାୟୀ ଜୀବିକା ରେ ପରିଣତ କରିଥିଲା । ଆଜି, ଏହି ଉଦ୍ୟୋଗ ନିଶ୍ଚିତ ଆୟ ସୃଷ୍ଟି କରୁଛି ଏବଂ ତାଙ୍କ ପରିବାରର ଆର୍ଥିକ ସୁରକ୍ଷାରେ ଉଲ୍ଲେଖନୀୟ ଉନ୍ନତି କରିଛି। 'ପୂର୍ବରୁ, ମୁଁ ଦିନ ମଜୁରିଆ ଭାବେ କାମ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଥିଲି ଏବଂ ଅନେକ ସମୟରେ ଘରୋଇ ଖର୍ଚ୍ଚ ବହନ କରିବା ପାଇଁ ସଂଘର୍ଷ କରୁଥିଲି। କୁକୁଡ଼ା ଫାର୍ମ ମୋତେ ଆୟର ଏକ ବିଶ୍ୱସନୀୟ ଉତ୍ସ ଏବଂ ମୋ ପରିବାରର ଭବିଷ୍ୟତ ଉପରେ ଅଧିକ ଆତ୍ମବିଶ୍ୱାସ ଦେଇଛି ', ବୋଲି ନିରଞ୍ଜନ କୁହନ୍ତି। ଏହିପରି କାହାଣୀଗୁଡ଼ିକ 'ପ୍ରୋଜେକ୍ଟ ସଙ୍ଗମ'ର ବ୍ୟାପକ ପ୍ରଭାବକୁ ପ୍ରତିଫଳିତ କରେ। ଆରମ୍ଭ ହେବା ଦିନଠାରୁ, ଏହି କାର୍ଯ୍ୟକ୍ରମ ଦ୍ୱାରା ୪୧ଟି ଗ୍ରାମର ୫,୦୦୦ରୁ ଅଧିକ ଲୋକ ସିଧାସଳଖ ଉପକୃତ ହୋଇଛନ୍ତି ଏବଂ ୧୫,୦୦୦ରୁ ଅଧିକ ବ୍ୟକ୍ତି ସକାରାତ୍ମକ ଭାବେ ପ୍ରଭାବିତ ହୋଇଛନ୍ତି। ୭୩ଟି ଜଳ ସଂରକ୍ଷଣ ଭିତ୍ତିଭୂମି ନିର୍ମାଣ ମାଧ୍ୟମରେ, ଏହି କାର୍ଯ୍ୟକ୍ରମ ୧,୭୦୦ ଏକରରୁ ଅଧିକ ଜମିରେ ଜଳସେଚନ ସୁବିଧା ଯୋଗାଇବା ସହ ଉନ୍ନତ କୃଷି ପଦ୍ଧତିକୁ ମଧ୍ୟ ସହାୟତା ପ୍ରଦାନ କରିଛି। ଏହା କୁକୁଡ଼ା ପାଳନ, ଛତୁ ଚାଷ, ମହୁମାଛି ପାଳନ ଏବଂ ଛେଳି ପାଳନ ଭଳି ବିଭିନ୍ନ ଜୀବିକାକୁ ପ୍ରୋତ୍ସାହିତ କରିଛି, ଯାହା ପରିବାରର ଆୟ ବୃଦ୍ଧି ଏବଂ ସମ୍ପ୍ରଦାୟର ସାମର୍ଥ୍ୟ ଓ ସ୍ଥିରତାକୁ ସୁଦୃଢ଼ କରିବାରେ ସହାୟକ ହୋଇଛି ।ସଂଖ୍ୟାଗତ ହିସାବ ବାହାରେ, ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ସମ୍ପ୍ରଦାୟଗୁଡ଼ିକୁ ସେମାନଙ୍କ ବିକାଶ ଯାତ୍ରାର ଦାୟିତ୍ୱ ନିଜ ହାତକୁ ନେବା ପାଇଁ ସକ୍ଷମ କରିବା। ନିରଞ୍ଜନ ଓ ଲିଙ୍ଗରାଜଙ୍କ ଭଳି ହିତାଧିକାରୀଙ୍କ ପାଇଁ କ୍ରମାଗତ ଦକ୍ଷତା ବିକାଶ, ବୈଷୟିକ ସହାୟତା ଏବଂ ସାମୁଦାୟିକ ଅଂଶଗ୍ରହଣ ଭଳି ପଦକ୍ଷେପଗୁଡ଼ିକ କେବଳ ଆର୍ଥିକ ଲାଭଠାରୁ ଊର୍ଦ୍ଧ୍ୱରେ; ଏଗୁଡ଼ିକ ଭବିଷ୍ୟତ ପିଢ଼ି ପାଇଁ ଅଧିକ ସ୍ଥିରତା, ସୁଯୋଗ ଏବଂ ଦୀର୍ଘସ୍ଥାୟୀ ସମୃଦ୍ଧିର ପଥ ଉନ୍ମୋଚନ କରୁଛି।





## ୫୩ନଂ ୱାର୍ଡର ଗଣେଶ ମଣ୍ଡପ ବୁଲିଲେ ପ୍ରଭାତ ବିଶ୍ୱାଳ



**କଟକ, ୧୬।୯ (ନି.ପ୍ର) :** କଟକ ସହରରେ ଗଣେଶ ପୂଜାକୁ ନେଇ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି । ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଗତ ମଙ୍ଗଳବାର ସନ୍ଧ୍ୟାରେ ୫୩ନଂ ୱାର୍ଡର କର୍ପୋରେଟର ଅରବିନ୍ଦ ଜେନାଙ୍କ ସହ ବିଭିନ୍ନ ଗଣେଶ ପୂଜାମଣ୍ଡପ ପରିଦର୍ଶନ କରିଥିଲେ । ଡଃ ବିଶ୍ୱାଳ ଦରଖାପାଟଣା, ପୃଷ୍ଟିବଗିଚା, ମେଲଣ ପଡିଆ, ଝୁଲଣ ମଣ୍ଡପ, ରାଜ ଗାର୍ଡେନ, ଆରଆଇ ଅଫିସ ଲେନ, ଅନ୍ଦରପୁର, କଲ୍ୟାଣୀନଗର ମହାବୀର ଲେନ ଆଦି ଅଂଚଳରେ ଆୟୋଜିତ ଗଣେଶ ପୂଜା ମଣ୍ଡପ ବୁଲି ଗଣେଶଙ୍କ ଦର୍ଶନ କରିବା ସହ ପୂଜା କମିଟିର ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ପୂର୍ବତନ ୱାର୍ଡ ସଭାପତି ସାରଙ୍ଗପାଣି ଷଡ଼ଙ୍ଗୀ, ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ ଭୋଲ, ମୂରବୀ ଅମର ସାମନ୍ତରାୟ, ବିନୟ କୁମାର ଦାସ, ସୌମ୍ୟରଞ୍ଜନ ସ୍ୱାଇଁ, ବିନୋଦ କୁମାର ବେହେରା, ନଗେନ ଦାସ, ପ୍ରଦୀପ୍ତ ସ୍ୱାଇଁ, ସୁଜିତ ନାୟକ, ଅନିଲ ଜେନା, ଚିତରଞ୍ଜନ ନାୟକ, ରଞ୍ଜିତ ରାଉତ, ରଞ୍ଜନ କୁମାର ବେଉରାଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡବାସୀ ଉପସ୍ଥିତ ଥିଲେ ।

## ଅବହେଳାର ଆଖିଦୃଶିଆ ଚିତ୍ର
# ସରକାର ବଦଳିଲା, ହେଲେ ବଦଳିଲା ନାହିଁ ସଂସ୍କୃତି ଭବନର ଭାଗ୍ୟ

**ମାଲକାନଗିରି, ୧୬/୯(ନି.ପ୍ର):** ଜିଲ୍ଲାର କଳା, ସଂସ୍କୃତି ଓ ସାହିତ୍ୟର ପ୍ରାଣକେନ୍ଦ୍ର ହେବା କଥା ଯେଉଁ ଭବନର, ଆଜି ସେହି 'ସଂସ୍କୃତି ଭବନ' ନିଜେ ଅବହେଳାର ଶିକାର । ରାଜ୍ୟରେ ସରକାର ବଦଳିଲା, ଶାସକ ବଦଳିଲେ, ନେତା ବଦଳିଲେ କିନ୍ତୁ ବଦଳିଲା ନାହିଁ ମାଲକାନଗିରି ସଂସ୍କୃତି ଭବନର ଚିତ୍ର । ମାଲକାନଗିରି ସଦର ମହକୁମାରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ଭବନ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଧୀରେଧୀରେ ନିଜ ଅସ୍ତିତ୍ୱ ହରାଇବାକୁ ବସିଛି । ଭବନର ମୁଖ୍ୟ କାଚ ଝରକାଗୁଡ଼ିକ ଭାଙ୍ଗି ଚୁରମାର ହୋଇଥିବା ବେଳେ କାନ୍ଥ ରେ ଗଛ ଉଠିଲାଣି ଏବଂ ଚାରିପାଖରେ ଅଳିଆ ଆବର୍ଜନା ଓ ଜଙ୍ଗଲି ଘାସର ସାମ୍ରାଜ୍ୟ । ଭିତରେ ଲଗାଯାଇଥିବା ଏସି ଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ଗ୍ରୀଷ୍ମ ଦିନରେ ମଧ୍ୟ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି । ନିୟମିତ ପରିଷ୍କାର ପରିଚ୍ଛନ୍ନତାର ଅଭାବ ଯୋଗୁଁ ଭବନ ପରିସରର ପରିବେଶ ମଧ୍ୟ ଅସ୍ୱାସ୍ଥ୍ୟକର ହୋଇପଡ଼ିଛି । ବାହାରୁ ଦେଖିଲେ ଏହା ଏକ ସକ୍ରିୟ ସରକାରୀ ସଂସ୍ଥାର ଭବନ ନା ଦୀର୍ଘଦିନ ଧରି ଅବହେଳିତ ହୋଇପଡ଼ିଥିବା ଏକ ପରିତ୍ୟକ୍ତ କୋଠା ତାହା ନେଇ ପ୍ରଶ୍ନ ଉଠୁଛି । ବିଡ଼ମ୍ବନାର ବିଷୟ, ଯେଉଁ ଭବନର ଏଭଳି ଦୁରବସ୍ଥା, ସେଠାରେ ନିୟମିତ ଭାବେ ବିଭିନ୍ନ ସରକାରୀ ସଭା, ସଚେତନତା କାର୍ଯ୍ୟକ୍ରମ, ସ୍କୁଲ,କଲେଜ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଭାଙ୍ଗିଥିବା କାଚ, ଅଚଳ ଏସି, ଅଳିଆ ଆବର୍ଜନା ଓ ଅପରିଚ୍ଛନ୍ନ ପରିବେଶ ମଧ୍ୟରେ ଛାତ୍ରଛାତ୍ରୀ, କଳାକାର, ଅତିଥି ଏବଂ ସାଧାରଣ ଲୋକେ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଧ୍ୟ ହେଉଛନ୍ତି । ସ୍ଥାନୀୟ କଳାକାର, ସଂସ୍କୃତିପ୍ରେମୀ ଓ ବୁଦ୍ଧିଜୀବୀମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନଙ୍କ ଅଭିଯୋଗ, ସଂସ୍କୃତି ଭବନରେ ନିୟମିତ କାର୍ଯ୍ୟକ୍ରମ ହେଉଛି, ଅଧିକାରୀ ଓ ଜନପ୍ରତିନିଧିମାନେ ମଧ୍ୟ ଏଠାକୁ ଆସୁଛନ୍ତି । ତଥାପି ଭବନର ଭାଙ୍ଗିଥିବା କାଚ, ଅଚଳ ଏସି ଓ ଅପରିଚ୍ଛନ୍ନ ପରିସର କାହାର ଦୃଷ୍ଟିରେ ପଡୁନାହିଁ ଏହା ହିଁ ଏବେ ବଡ଼ ପ୍ରଶ୍ନ । ଜିଲ୍ଲାର ସାଂସ୍କୃତିକ ପରିଚୟକୁ ଆଗକୁ ନେବା ପାଇଁ ଯେଉଁ ଭବନକୁ ବ୍ୟବହାର କରାଯିବା କଥା, ତାହାର ଏଭଳି ଦୁରବସ୍ଥା ସାଂସ୍କୃତିକ କ୍ଷେତ୍ର ପ୍ରତି ପ୍ରଶାସନର ଗୁରୁତ୍ୱକୁ ନେଇ ପ୍ରଶ୍ନ ଉଠାଇଛି । ଏବେ ପ୍ରଶ୍ନ ଉଠୁଛି, ସରକାର ବଦଳିଲେ, ପ୍ରତିଶ୍ରୁତି ବଦଳିଲେ, ନେତୃତ୍ୱ ବଦଳିଲେ; ତେବେ ସଂସ୍କୃତି ଭବନର ଦୁରବସ୍ଥା କେବେ ବଦଳିବ ? ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ସଂସ୍କୃତି ଭବନର ଭାଙ୍ଗିଥିବା କାଚ ମରାମତି, ଅଚଳ ଏସିଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ନିୟମିତ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା ସହ ଭବନର ସମ୍ପୂର୍ଣ୍ଣ ଜିର୍ଣ୍ଣୋଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି ।



## ପରିବେଶର ସ୍ୱଚ୍ଛତା ପାଇଁ ଓଜନସ୍ତର ସୁରକ୍ଷିତ ରଖିବା ବିଧେୟ

**କଟକ, ୧୬।୯ (ଯୁବମୋର୍ଚ୍ଚା) :** ସାମାଜିକ ସମରସତା ଏକ ସମୃଦ୍ଧ ସମାଜର ମୂଳଦୁଆ । ଭାରତୀୟ ସଂସ୍କୃତିର ସୁରକ୍ଷା ଏହା ଦ୍ୱାରା ସମ୍ଭବ । ସନାତନ ଧର୍ମ, ହିନ୍ଦୁ ଜୀବନ ଦର୍ଶନରେ ସାମାଜିକ ସମରସତାଭାବ ସମଗ୍ର ବିଶ୍ୱକୁ ଏକତାର ବାର୍ତ୍ତା ପ୍ରଦାନ କରେ । ଆଧ୍ୟାତ୍ମିକତାର ଉତ୍ତମ ସୋପାନ ପାଇଁ ଉତ୍ତମ ଓ ସ୍ୱଚ୍ଛ ପରିବେଶ ଜରୁରୀ । ସେଥିପାଇଁ ପ୍ରାଚୀନ କାଳରେ ଅରଣ୍ୟ ସଭ୍ୟତା ହିଁ ରାଷ୍ଟ୍ର ନିର୍ମାଣର ମୁଖ୍ୟଭୂମି ଥିଲା, ଯାହା ପ୍ରାକୃତିକ ପରିବେଶ ମଧ୍ୟରେ ଗୁରୁକୁଳ ଆଶ୍ରମମାନ ଗଢି ଉଠିବା ସହ ସୁସ୍ଥ ପରିବେଶ ଓ ସୁସ୍ଥ ଜୀବନର ବାତାବରଣ ସୃଷ୍ଟି ହେଉଥିଲା ବୋଲି ବଡଖୀର ପଂଚାୟତସ୍ଥ ପ୍ରାଚୀନ କୁଞ୍ଜବିହାରୀ ମଠ ପରିସରରେ ମୁଖ୍ୟଅତିଥି ଭାବେ ଭେଡା ଆନନ୍ଦଧାମ ସେବାଶ୍ରମର ବିଶିଷ୍ଟ ସନ୍ଥ ମା'ର ସେବକ ବାବା ଭାବନାନନ୍ଦ ଦାସ ପ୍ରକାଶ କରିଛନ୍ତି । ଅଖିଳ ଭାରତୀୟ ସାହିତ୍ୟ ପରିଷଦ ନିଶ୍ଚିନ୍ତକୋଇଲି ଶାଖା ପକ୍ଷରୁ ଅନୁଷ୍ଠିତ ବିଶ୍ୱ ଓଜନ ଦିବସକୁ ମଠାଧିଶ ମହନ୍ତ ଅନନ୍ତରାମ ଦାସ ଉଦ୍‌ଘାଟନ କରିଥିଲେ । ପରିଷଦର ସଂପାଦକ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାଧୁ ରେବତୀ ରମଣ ଦାସ, ସମ୍ମାନୀତ ଅତିଥି ଭାବେ ଉକ୍ତ ସନାତନ ଦାସ, ନିତ୍ୟାନନ୍ଦ ପରିଡା ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ସମାଜସେବୀ ସନାତନ ସାହୁ, ସନ୍ତୋଷ କୁମାର ସ୍ୱାଇଁ, ଅଭୟ କୁମାର ସ୍ୱାଇଁ, ମାନସୀ ସ୍ୱାଇଁ, କବିତା ସ୍ୱାଇଁ, ଅହଲ୍ୟା ପରିଡା, ଲକ୍ଷ୍ମୀପ୍ରିୟା ବସ୍ତିଆ, ମମତା ସ୍ୱାଇଁ, ପ୍ରଭାତୀ ସ୍ୱାଇଁ, ମିନତୀ ପ୍ରଭା ସ୍ୱାଇଁ, ବିଦ୍ୟୁଲତା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ସ୍ଥାନୀୟ ଅଂଚଳର ଶତାଧିକ ମହିଳା ଓ ବୁଦ୍ଧିଜୀବୀ ମାନେ ଯୋଗଦାନ କରିଥିଲେ । ଶେଷରେ ମାନସ ରଂଜନ ଦାସ ଧନ୍ୟବାଦ ଦେଇଥିଲେ ।



## ସାପ କାମୁଡ଼ାରେ ବୃଦ୍ଧା ମୃତ

**ନଠୁଆବର, ୧୬/୯ (ନିପ୍ର):** ବିଲରୁ ଝାଟି ଆଣିବା ସମୟରେ ସାପ କାମୁଡ଼ାରେ ଜଣେ ୬୫ ବର୍ଷୀୟା ବୃଦ୍ଧାଙ୍କ ମୃତ୍ୟୁ ହୋଇଛି । ରସୁଲପୁର ବ୍ଲକ ବ୍ରାହ୍ମଣବଡ଼ ଗ୍ରାମର ନଳିନୀ ପରିଡ଼ା (୬୫) ଗତକାଲି ଦିନ ୧୧ଟାରେ ବିଲକୁ ଝାଟି ଆଣିବାକୁ ଯାଇଥିବାବେଳେ ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା । ଶବ ଗ୍ରାମରେ ପହଞ୍ଚିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ତାଙ୍କ ପୁଅ ବାବନ ମୁଖାଗ୍ନି ଦେଇଥିଲେ ।

## ରାମଚଣ୍ଡୀ ପୀଠରେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

**ଗୋପ, ୧୬/୯ (ନି.ପ୍ର) :** ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ସୁତନ ପଞ୍ଚାୟତର ପ୍ରସିଦ୍ଧ ଶକ୍ତିପୀଠ ମା ରାମଚଣ୍ଡୀଙ୍କ ପୀଠରେ ବୁଧବାର ଅପରାହ୍ନ ସମୟରେ ପୁରୀରୁ ଆସିଥିବା କିଛି ଅସାମାଜିକ ଯୁବକ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ବ୍ୟବସାୟୀ ଗୁରୁତର ଭାବେ ଆହତ ହୋଇଥିବା ନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି । ଖବର ପାଇବା ମାତ୍ରେ ଚନ୍ଦ୍ରଭାଗା ଅଧିକାରୀଙ୍କ ନିର୍ଦ୍ଦେଶ କର୍ମେ ରାମଚଣ୍ଡୀ ପୋଲିସ ସହାୟତାରେ ଓ ସ୍ଥାନୀୟ ବ୍ୟବସାୟୀ, ଗୁରୁତର ଭାବେ ଆହତ ପ୍ରସାନ୍ତ ପରିଡ଼ା (୫୦) ବ୍ୟବସାୟୀଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ନିମନ୍ତେ ପୁରୀ ଜିଲ୍ଲା ଚିକିତ୍ସା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୋକାନୀଙ୍କୁ ଆକ୍ରମଣ ଘଟଣାରେ ୬ ଜଣ ଯୁବକକଙ୍କୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାରେ ଅଟକ ରଖାଯାଇଛି । ଏନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ସରସ୍ୱତୀ ସାହୁ ତଦନ୍ତ ଆରମ୍ଭ କରିଥିଲା ବେଳେ ୫୨/୨୬ ରେ ମାମଲା ରୁଜୁ କରାଯାଇ ଆକ୍ରମଣକାରୀ ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି । ଏଠାରେ ପ୍ରକାଶ ଥାଉ କି ରାମଚଣ୍ଡୀ ପୀଠରେ ପାର୍ବଣ ପୂର୍ବରୁ ଏଭଳି ଘଟଣା ଘଟିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଚ୍ଛି ।

## କଂଗ୍ରେସର ସମତା ସମାବେଶ

**କଟକ, ୧୬।୯ (ନି.ପ୍ର):** କଟକ ବାରବାଟୀ ନିର୍ବାଚନ ମଣ୍ଡଳୀ ଦେୱାନ ବଜ଼ାର ଆମ୍ବାଡି ପଡିଆ ରେ ବରିଷ୍ଠ କଂଗ୍ରେସ ନେତା ତଥା ଓଡିଶା ପିସିସି ସାମାଜିକ ଗଣମାଧମ ଅଧକ୍ଷ ଶ୍ରୀ ବିଶ୍ୱଜିତ ମହାନ୍ତି ଙ୍କ ଅଧକ୍ଷତା ରେ ଏକ ସମତା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶ ରେ ମୁଖ୍ୟ ଅତିଥି ଭାବରେ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଯୋଗ ଦେଇ ବିଜେପି ସରକାର ର ଜନ ମାରାଣ ନୀତି କୁ କଡା ସମାଲୋଚନା କରିବା ସହିତ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ କଟକ ସହର ରେ କଂଗ୍ରେସ ସଂଗଠନ କୁ ସଂଗଠିତ ଓ ମଜବୁତ କରିବା ସହିତ ଲୋକଙ୍କ ସ୍ୱାର୍ଥ ପାଇଁ ରାଜ ରାସ୍ତା ରେ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପିସିସି ସଂକ୍ଷା ଲଘୁ ସେଲ ଅଧକ୍ଷ ଜିଆଉଲ ହକ, କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ,ପିସିସି ସାଧାରଣ ସମ୍ପାଦକ ହରିଶଙ୍କର ରାଉତ, କର୍ପୋରେଟର ଜେ କାମେଶ୍ୱର ରାଓ ଯୋଗ ଦେଇ ଆଗାମୀ ଦିନ ରେ କଂଗ୍ରେସ କୁ ମଜବୁତ କରିବା ସହିତ ପୌର ନିର୍ବାଚନ ରେ କଂଗ୍ରେସ କଟକ ମହାନଗର ନିଗମ ଦଖଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ନୂତନ ଭାବେ କଂଗ୍ରେସ ରେ ଯୋଗ ଦେଇଥିବା ରାମଜାନ ଖାନ ଙ୍କୁ ସଭା ରେ କଟକ କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । କଟକ ସହର ରେ ବିଭିନ୍ନ ସ୍ଥାନ ରେ ପିସିସି ସଭାପତି ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ସହିତ ଏକ ବିରାଟ ପଟୁଆର ରେ ସଭାମଞ୍ଚ ନିକଟକୁ ପାଛୋଟି ନିଆ ଯାଇଥିଲା । ଏହି ପଦଯାତ୍ରା କୁ ସରଫରାଜ ଅହମ୍ମଦ,ସୁନୀଲ ସାମଲ, କମର ଅଲ୍ଲୀ ସେକ ନଦୀମ ପ୍ରମୁଖ ଶୋଭା ଯାତ୍ରା କୁ ସଂଚାଳନ କରିଥିଲେ । ସଭାକାର୍ଯ୍ୟକୁ ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ସାହୁ ଓ କଂଗ୍ରେସ ର ପ୍ରାକ୍ତନ ମୁଖପାତ୍ର ମାନସ ପରିଡା ସଂଚାଳନା କରିଥିବା ବେଳେ ଶେଖ ଜାଫର ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱନାଥ ଶତପଥି, ରାଜେନ୍ଦ୍ର ପଟ୍ଟନାୟକ, ଏକ୍ରାମଉଲ ହକ, ସେକ କାଲା, ସାହିଦ ଖାନ, ଆଦିଲ ଖାନ, ଶକିବ ଖାନ, ପିଙ୍କି ସିଂ, ମାହେପାର ନିଖତ, ମନୋଜ କୁମାର ବେହେରା, ଶେଖ କରିମୁଲା ପ୍ରମୁଖ ଯୋଗ ଦେଇଥିଲେ । ୩୦ ରୁ ଉର୍ଦ୍ଧ ସାହି ମୁରବି ମାନଙ୍କୁ ପିସିସି ସଭାପତି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରା ଯାଇ ଥିଲା ।





## ୩ ଥର ୱାର୍ଡ ସଭ୍ୟ ହୋଇ ମଧ ମିଳିଲାନି ହୁଇଲ ଚେୟାର

**ନଠୁଆବର, ୧୬/୯ (ନିପ୍ର):** ରସୁଲପୁର ବ୍ଲକ ବଡ଼କଇଞ୍ଚି ପଞ୍ଚାୟତର ପଞ୍ଚଗୋଚିଆ ଗ୍ରାମର ସୁରେନ୍ଦ୍ର କୁମାର ପହି ପ୍ରଶାସନ ପାଖରେ ବାରମ୍ବାର ଗୁହାରି କରି ମଧ୍ୟ ମିଳିଲାନି ହୁଇଲ ଚେୟାର । ଶେଷରେ ବିଜେଡିର ଯୁବ ସଙ୍ଗଠକ ଙ୍କ ସହାୟତାରେ ଖୁସି ହେଲେ ଦିବ୍ୟାଙ୍ଗ । ସୂଚନା ଅନୁଯାୟୀ ରସୁଲପୁର ବ୍ଲକର ସୁରେନ୍ଦ୍ର ପହି ବିଜେଡିର ଜଣେ ୩ ଥର ୱାର୍ଡ ସଭ୍ୟ । ଅଧିକ ବୟସ ହେବା ପରେ ସେ ଚାଲିବୁଲି ପାରୁନଥିଲେ । ଏକ ହୁଇଲ ଚେୟାର ପାଇଁ ପ୍ରଶାସନ ନିକଟରେ ଅନେକ ଥର ଗୁହାରି କରିଥିଲେ ମଧ୍ୟ ମିଳିନଥିଲା । ଏ ନେଇ ବିଜେଡିର ଯୁବ ସଙ୍ଗଠକ ନିହାର ରଞ୍ଜନ କଣ୍ଡଙ୍କୁ ଜଣାଇଥିଲେ । ତାଙ୍କ ଗୁହାରି ରକ୍ଷା କରି ନିହାର ନିଜ ଉଦ୍ୟମରେ ଏକ ହୁଇଲ ଚେୟାର ପ୍ରଦାନ କରିଛନ୍ତି । ହୁଇଲ ଚେୟାର ପାଇ ଖୁସିରେ ସୁରେନ୍ଦ୍ର ପହି ନିହାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ୧୮ରୁ ଆନ୍ତର୍ଜାତିକ ବାଣିଜ୍ୟମେଳା : ୧୦ ଦେଶ ଓ ୨୨ ରାଜ୍ୟର ବ୍ୟବସାୟୀ ନେବେ ଭାଗ

**କଟକ, ୧୬।୦୯ (ନି.ପ୍ର) :** କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଆସନ୍ତା ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବ କଟକ ଆନ୍ତର୍ଜାତିକ ବାଣିଜ୍ୟମେଳା । କଟକ ବୈଶାଖୀ ବାଣିଜ୍ୟମେଳା କମିଟି ଓ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା. ଲିମିଟେଡ୍ ପକ୍ଷରୁ ଆୟୋଜିତ ଏହି ମେଳା ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ଚାଲିବ । ଏ ନେଇ ବୁଧବାର ବାରବାଟୀ ଗେଷ୍ଟହାଉସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଇଛନ୍ତି । ଏସି ହ୍ୟାଙ୍ଗରରେ ଆୟୋଜିତ ହେବାକୁ ଥିବା ଏହି ୧୧ ଦିନିଆ ବାଣିଜ୍ୟମେଳାରେ ଦେଶ-ବିଦେଶର ବହୁ ଉଦ୍ୟୋଗୀ, ବ୍ୟବସାୟୀ ଓ କାରିଗର ଯୋଗଦେବେ । ଏଥିରେ




୧୦ଟି ଦେଶ ଓ ଓଡ଼ିଶା ସମେତ ୨୨ଟି ରାଜ୍ୟର ବ୍ୟବସାୟୀ ଅଂଶଗ୍ରହଣ କରିବେ । ଏମ୍‌ଏସ୍‌ଏମ୍‌ଇ ବିଭାଗ ସହଯୋଗରେ ଦେଶର ବିଭିନ୍ନ ଅଞ୍ଚଳର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ମଧ୍ୟ ନିଜର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରିବେ । ମେଳାକୁ ୫ ଲକ୍ଷରୁ ଅଧିକ ପରିଦର୍ଶକ ଆସିବେ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି । ମେଳା ପ୍ରତିଦିନ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ । କାଶ୍ମୀରୀ ସୌଖୀନ ଓ ଗୃହୋପକରଣ ସାମଗ୍ରୀ, ଆଫଗାନିସ୍ତାନର ବିଭିନ୍ନ ପ୍ରକାର ଶୁଖିଲା ଫଳ, ବାଂଲାଦେଶର କାମଦାନୀ ଶାଢ଼ି, ଇରାନର ଖଜୁର, କାର୍ପେଟ ଓ ଅଳଙ୍କାର, ଦୁବାଇର ଅତର ଓ ପୋଷାକ, ଥାଇଲାଣ୍ଡର ଅଳଙ୍କାର ଓ ପୋଷାକ, କୋରିଆର ମହିଳା ସାମଗ୍ରୀ ସହିତ ମାଲେସିଆ ଓ ସିଙ୍ଗାପୁରର ବିଭିନ୍ନ ସାମଗ୍ରୀ ମେଳାର ମୁଖ୍ୟ ଆକର୍ଷଣ ହେବ । ସେହିପରି ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ସହିତ ଭାଗଲପୁର, ପଞ୍ଜାବ, ବନାରସ ଓ ଜୟପୁରର ପାରମ୍ପରିକ ପୋଷାକ ଓ ଶାଢ଼ି, ପଥର ଓ ଧାତୁ ଅଳଙ୍କାର, ମାର୍ବଲ ମୂର୍ତ୍ତି, ଖଦି ପୋଷାକ, ଚମଡ଼ା ସାମଗ୍ରୀ ଓ ବିଭିନ୍ନ ପୁରାତନ ସାମଗ୍ରୀ ଏଠାରେ ଉପଲବ୍ଧ ହେବ । ଦିଲ୍ଲୀ, ଉତ୍ତରପ୍ରଦେଶ, ହରିଆଣା, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ମଣିପୁର, ଆସାମ ଓ ଜମ୍ମୁ-କାଶ୍ମୀର ସମେତ ବିଭିନ୍ନ ରାଜ୍ୟର କାରିଗରମାନେ ନିଜ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ କରିବେ । ଖାଦ୍ୟପ୍ରେମୀଙ୍କ ପାଇଁ ମଧ୍ୟ ମେଳାରେ ବିଭିନ୍ନ ଅଞ୍ଚଳର ପାରମ୍ପରିକ ଖାଦ୍ୟର ବ୍ୟବସ୍ଥା ରହିବ । ଓଡ଼ିଶାର ପାରମ୍ପରିକ ଖାଦ୍ୟ, କର୍ଣ୍ଣାଟକର ଦୋଷା, ବରା, ଇଡ୍‌ଲି, ବିରିୟାନୀ, କଟକର ପ୍ରସିଦ୍ଧ ଦହିବରା ଓ ରାଜସ୍ଥାନୀ ଖାଦ୍ୟ ସହିତ ଚମ୍ପାରଣ ମଟନ୍ ମୁଖ୍ୟ ଆକର୍ଷଣ ରହିବ । ମେଳା ପରିସରରେ ଥିବା ମଞ୍ଚରେ ପ୍ରତି ସନ୍ଧ୍ୟାରେ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ । କଟକ ଜିଲ୍ଲା ପ୍ରଶାସନ, କମିଶନରେଟ୍ ? ପୋଲିସ, ଅଗ୍ନିଶମ ବାହିନୀ, କଟକ ମହାନଗର ନିଗମ, ଟାଟା ପାୱାର ଓ ୱାଟ୍‌କୋର ସହଯୋଗରେ ଏହି ମେଳା ଆୟୋଜିତ ହେଉଛି । ସାମ୍ବାଦିକ ସମ୍ମିଳନୀରେ କଟକ ବୈଶାଖୀ ବାଣିଜ୍ୟମେଳାର ସଂଯୋଜକ ଦେବୀପ୍ରସାଦ ଦାଶ, ସଂଜୀବ ବେହେରା, ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, କୋଷାଧକ୍ଷ ଦିଲୀପ ସାହୁ, ରମେଶ ଚନ୍ଦ୍ର ସାହୁ, ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା, ପାୟଲ ଆଚାର୍ଯ୍ୟ ଗୁମ୍ଫା ପ୍ରମୁଖ ଉପସ୍ଥିତ ରହି ମେଳା ସମ୍ପର୍କରେ ସୂଚନା ଦେଇଥିଲେ ।

## ରେୟାରଫର୍ମ ଷ୍ଟୁଡିଓକୁ ଜାତୀୟ ପୁରସ୍କାର, ଡିଜାଇନ୍ ଜଗତରେ ଓଡ଼ିଶାର ନୂଆ ପରିଚୟ

**ଭୁବନେଶ୍ୱର, ୧୬।୯ (ନି.ପ୍ର) :** ଡିଜାଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱରସ୍ଥିତ ଅଗ୍ରଣୀ ଡିଜାଇନ୍ ସଂସ୍ଥା ରେୟାରଫର୍ମ ଷ୍ଟୁଡିଓ (Rareform Studio) 'ଭାରତର ଶ୍ରେଷ୍ଠ ୟଙ୍ଗ୍ ଡିଜାଇନ୍ ଷ୍ଟୁଡିଓ ପୁରସ୍କାର-୨୦୨୬' ହାସଲ କରିଛି । ଏହି ଜାତୀୟ ସ୍ୱୀକୃତି ଅବସରରେ ଷ୍ଟୁଡିଓ ପକ୍ଷରୁ ଭୁବନେଶ୍ୱରରେ 'ଓଡ଼ିଶାର ଡିଜାଇନ୍ ସଂସ୍କୃତିର ଭବିଷ୍ୟତ' ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏହି ଆଲୋଚନାରେ ଓଡ଼ିଶାର ସମୃଦ୍ଧ କଳା, ହସ୍ତଶିଳ୍ପ, ସ୍ଥାପତ୍ୟ ଓ ପାରମ୍ପରିକ ସୃଜନଶୀଳତାକୁ ଆଧୁନିକ ଡିଜାଇନ୍ ସହ ଯୋଡ଼ିବା ନେଇ ମତବିନିମୟ ହୋଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତା ଅଶ୍ରୁମୋଚନ ମହାନ୍ତି, ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟି, ଫ୍ୟାସନ୍ ଡିଜାଇନର ସବ୍ୟସାଚୀ ଶତପଥୀ, ବଲିଉଡ୍ ଆର୍ଟିଷ୍ଟ ସୁକାନ୍ତ ପାଣିଗ୍ରାହୀ ଏବଂ ଏନ୍ ?ଆଇଏଫ୍ ?ଟିର ପ୍ରଫେସର ସୁସ୍ମିତା




ବେହେରା ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜନାର ଦାୟିତ୍ୱ ବିଜୟ ଲକ୍ଷ୍ମୀ ପରିଜା ତୁଲାଇଥିବା ବେଳେ ମିଡିଆ ସଂଯୋଗର ଦାୟିତ୍ୱ ଚକ୍ରଧର ମାଝୀ ନେଇଥିଲେ । କାର୍ଯ୍ୟକ୍ରମରେ ରେୟାରଫର୍ମ ଷ୍ଟୁଡିଓର ସହ-ପ୍ରତିଷ୍ଠାତା ପ୍ରଶାନ୍ତ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇ ଷ୍ଟୁଡିଓର ଯାତ୍ରା ଓ ସଫଳତା ବିଷୟରେ ଆଲୋକପାତ କରିଥିଲେ । ଡିଜାଇନ୍ କେବଳ ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ମୌଳିକ ଚିନ୍ତାଧାରା, କଳ୍ପନା ଓ କାହାଣୀ କହିବାର ଏକ ମାଧ୍ୟମ ବୋଲି ସେ ମତ ପ୍ରକାଶ କରିଥିଲେ । ଓଡ଼ିଶାର ପ୍ରାଚୀନ କଳା, ହସ୍ତଶିଳ୍ପ ଓ ସ୍ଥାପତ୍ୟ ଆଧୁନିକ ଡିଜାଇନ୍ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ । ଷ୍ଟୁଡିଓର ସହ-ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ହେଡ୍ ନୀଲ୍ ଆଚାର୍ଯ୍ୟ କହିଥିଲେ ଯେ ଜାତୀୟ ପୁରସ୍କାର ଡିଜାଇନ୍ ମାଧ୍ୟମରେ କାହାଣୀ କହିବାର ସେମାନଙ୍କ ପ୍ରୟାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି । ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଷ୍ଟୁଡିଓର ଯାତ୍ରା ଓଡ଼ିଶାର ମାଟି ଓ ପରମ୍ପରାରୁ ପ୍ରେରଣା ନେଇ ଆଗକୁ ବଢୁଛି ବୋଲି ସେ କହିଥିଲେ । ଶେଷରେ ପ୍ରଶାନ୍ତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରି ଏହି ପୁରସ୍କାରକୁ ଏକ ନୂଆ ଅଧ୍ୟାୟର ଆରମ୍ଭ ବୋଲି ଅଭିହିତ କରିଥିଲେ । ଓଡ଼ିଶାର ସୃଜନଶୀଳତାକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ସହ ରାଜ୍ୟରେ ଏକ ଦୃଢ଼ ସୃଜନଶୀଳ ପରିବେଶ ଗଠନ କରିବା ଷ୍ଟୁଡିଓର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ ।

## ଲକ୍ଷ୍ମୀ ପୂଜା ଓ ଜଗତଜନନୀ ମା ଦୁର୍ଗାଙ୍କ ଶାରଦୀୟ ପାର୍ବଣ ପୂଜା ନିମନ୍ତେ ମାଟି ଅନୁକୂଳ ସମାରୋହ

**ଗୋପ, ୧୬/୯(ନି.ପ୍ର):** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ମହାମାୟୀ ମହା ଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ ଓ ପୂଜାର୍ଚ୍ଚନା ନିମନ୍ତେ ମାଟି ଅନୁକୂଳ ସମାରୋହ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ବୁଧବାର ପୂର୍ବାହ୍ନ ସମୟରେ ଅନୁଷ୍ଠିତ ହୋଇଯାଇଛି । କୋଣାର୍କ ଲକ୍ଷ୍ମୀ ପୂଜା କମିଟିର ସଭାପତି ସୁରେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମିଟିର ସଦସ୍ୟ, କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଭକ୍ତମାନେ ଏକ ଶୋଭାଯାତ୍ରାରେ ବାହାରି ଶଙ୍ଖ ଧ୍ୱନି, ହରିବୋଲ ଓ ହୁଳହୁଳି ଦେଇ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀ ପୀଠରେ ପହଞ୍ଚିଥିଲେ । ସେଠାରେ ମା ଭଗବତୀଙ୍କୁ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ମା ଙ୍କ ଆଶିଷ ଭିକ୍ଷା କରି ପବିତ୍ର ମାଟି ଅନୁକୂଳ ନିମନ୍ତେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ପବିତ୍ର ତୀର୍ଥ ପୁଷ୍କରିଣୀ ଠାରେ ପୂଜାର୍ଚ୍ଚନା କାର୍ଯ୍ୟ ସଂପାଦନ କରି ତୀର୍ଥର ପବିତ୍ର ମାଟି ଧରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ କୋଣାର୍କ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ମାଟି ଅନୁକୂଳ ସମାରୋହରେ କମିଟିର ସଂପାଦକ ମନୋଜ କୁମାର ସେଠ, ଉପସଭାପତି ଗଣେଶ ପ୍ରସାଦ ଜେନା, ସହସଂପାଦକ ରୁଦ୍ର ପ୍ରସାଦ ବେଉରା, କୋଷାଧକ୍ଷ ସ୍ୱାଧୀନ କୁମାର ନାୟକ, କର୍ତ୍ତା ସୁଶାନ୍ତ କୁମାର ଚିନ୍ନେରା, କର୍ତ୍ତୀ ମିନତୀ ସାହୁ, ବିଶ୍ୱାସଦେବ ମହାପାତ୍ର ଓ ମହେଶ୍ୱର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସେହିପରି ବୁଧବାର ଅପରାହ୍ନରେ କୋଣାର୍କ ସ୍ଥିତ ଶ୍ରୀ ଶ୍ରୀ ନରସିଂହ ଦେବ ଦୁର୍ଗା ପୂଜା କମିଟି ପକ୍ଷରୁ ଜଗତଜନନୀ ମା ଦୁର୍ଗାଙ୍କ ଶାରଦୀୟ ପାର୍ବଣ ପୂଜା ଓ ମା ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଶ୍ରୀ ନରସିଂହ ଦେବ ଦୁର୍ଗା ପୂଜା କମିଟିର ନୂତନ ସଭାପତି ଶତ୍ରୁଜିତ ନାୟକଙ୍କ ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ କୋଣାର୍କ ଦୁର୍ଗା ମଣ୍ଡପ ଠାରୁ ଏକ ଶୋଭାଯାତ୍ରା ଘଣ୍ଟ ମର୍ଦ୍ଦଳର ତାଳେ ତାଳେ ହରିବୋଲ ଓ ଶଙ୍ଖ ନାଦରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀ ପୀଠରେ ପହଞ୍ଚିଥିଲେ । ସେଠାରେ କମିଟିର ସଦସ୍ୟ ଓ କର୍ମକର୍ତ୍ତାମାନେ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ମା ଙ୍କ ପୂଜାର୍ଚ୍ଚନା ଓ ଆଶିଷ ଭିକ୍ଷା କରି ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସଂପାଦନ କରାଯିବା ପରେ ତୀର୍ଥର ପବିତ୍ର ମାଟି ଧରି ପ୍ରତ୍ୟାବର୍ତ୍ତନ କରିଥିଲେ ।

## ରାଜ୍ୟ ସ୍ତରୀୟ ପଞ୍ଚସଖା ପୀଠ ପରିକ୍ରମା ଯାତ୍ରା
# ପଞ୍ଚସଖା ସଂସ୍କୃତିର ଆଧ୍ୟାତ୍ମିକ ସରହଦରେ ଜଗତ ମଙ୍ଗଳମୟ ହେଉ : ବାବା ଭାବନାନନ୍ଦ ଦାସ

**କଟକ, ୧୬।୯ (ନି.ପ୍ର) :** ଉତ୍କଳ ଭୂମିର ପଞ୍ଚସଖାଙ୍କ ଆଧ୍ୟାତ୍ମିକ ଦର୍ଶନ ଓ ସଂସ୍କୃତି ପ୍ରତି ଶ୍ରଦ୍ଧା, ସମର୍ପଣ ଓ ପ୍ରତିବଦ୍ଧତା ବଳରେ ଜଗତର ଆବାଳ ବୃଦ୍ଧ ବନିତାଙ୍କ ଜୀବନ ମଙ୍ଗଳମୟ ହୋଇପାରିବ ବୋଲି ଓଡିଶାର ପ୍ରସିଦ୍ଧ ସାଧୁ ବରାହୀପୁର ଭେଡା ଆନନ୍ଦଧାମ ସେବାଶ୍ରମର ବିଶିଷ୍ଟ ସନ୍ଥ ମା'ର ସେବକ ବାବା ଭାବନାନନ୍ଦ ଦାସ ରାଜ୍ୟ ସ୍ତରୀୟ ପଞ୍ଚସଖା ପୀଠ ପରିକ୍ରମା ଯାତ୍ରା ଅବସରରେ ମତବ୍ୟକ୍ତ କରିଛନ୍ତି । ବାବା ଭାବନାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ବଡଖୀର କୁଞ୍ଜବିହାରୀମଠ ମହନ୍ତ ଅନନ୍ତରାମ ଦାସ ଓ ନେମାଳ ପୀଠ ସନାତନ ଦାସଙ୍କ ସଂଯୋଜନାକ୍ରମେ ଉକ୍ତ ପରିକ୍ରମା ଯାତ୍ରା ନେମାଳ ପଦ୍ମବନ ପୀଠ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ, ଜଗତ୍ ?ସିଂହପୁରର ଅଡଙ୍ଗଗଡସ୍ଥ ଯଶୋବନ୍ତ ଦାସ ପୀଠ, ଖୋର୍ଦ୍ଧା ବାଲିପାଟଣାସ୍ଥ ଶିଶୁ ଅନନ୍ତ ପୀଠ, ପୁରୀ ବେଗୁନିଆସ୍ଥ ବଳରାମ ଦାସ ପୀଠ ଓ ପୁରୀ ସାତ ଲହଡୀ ମଠର ଜଗନ୍ନାଥ ଦାସ ପୀଠଗୁଡିକରେ ୩୦୦ ରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଓ ଭକ୍ତମାନଙ୍କ ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳୀ ଧ୍ୱନୀ ମଧ୍ୟରେ ପ୍ରତିଟି ପୀଠ ପରିସରରେ ପୂଜାର୍ଚ୍ଚନା ପୂର୍ବକ ପରିକ୍ରମା କରାଯାଇ ଶେଷରେ ନୀଳାଚଳଧାମ ଶ୍ରୀକ୍ଷେତ୍ର ପୁରୀଠାରେ ଉଦ୍ ?ଯାପନ କରାଯାଇଥିଲା । ଉକ୍ତ ପରିକ୍ରମାର ପ୍ରତ୍ୟେକ ପର୍ଯ୍ୟାୟରେ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକତାର ଏକ




ଅନନ୍ୟ ପରିବେଶ ସୃଷ୍ଟି ସହ ପଞ୍ଚସଖା ଚେତନା ପରମ୍ପରା ଓ ସଂସ୍କୃତିରେ ନୂତନ ପିଢୀକୁ ଯୋଡିବାର ଏକ ଦିବ୍ୟ ପ୍ରୟାସ ସମଗ୍ର କାର୍ଯ୍ୟକ୍ରମକୁ ଋଦ୍ଧିମନ୍ତ କରାଇଥିଲା । ଉକ୍ତ ପଞ୍ଚସଖା ପୀଠ ପରିକ୍ରମା ଯାତ୍ରାରେ ହରିଓଁ ବାବା, ରେବତୀ ରମଣ ଦାସ, ସ୍ୱାମୀ ଆଦିତ୍ୟାନନ୍ଦ ଦାସ, ଆନନ୍ଦରାଜ, ଖିଲାରନାଥ ପୁରୀ, ଦ୍ୱାରିକାନାଥ ଦାସ, ଶ୍ରୀଅଚ୍ୟୁତ ସେନାର ଅଧକ୍ଷ ଡ. ବିନୟ କୁମାର ଦାସ, ବାଦଲ ମିଶ୍ର, ବିଶିଷ୍ଟ ପରିବେଶବିତ୍ ପ୍ରମୋଦ କୁମାର ଦାଶ, ବରିଷ୍ଠ ନାଗରିକ ଚିତ୍ତରଂଜନ ପଣ୍ଡା, ସଚିତ୍ରା ଦାସ, ଜୟପ୍ରକାଶ ମହାନ୍ତି, ରମେଶ ଦାସ, ପ୍ରଶାନ୍ତ ପାଢୀ, ନାରଣ ବାବା, ଅଜୁ ବାବା, ଗୁନ ବାବା, ଅକ୍ଷୟ ଦାସ, ଅନନ୍ତ ପରିବାରର ଗୌରାଙ୍ଗ ଗୋଚ୍ଛାୟତ, ମାନସ ରଂଜନ ଦାସ, କାଶୀନାଥ ପାଲ୍ ?, ଅକ୍ଷୟ ବାବା ପ୍ରମୁଖଙ୍କ ସମେତ ପ୍ରତେକ ପୀଠର ସଂଚାଳକ, ଭକ୍ତମାନେ ସକ୍ରିୟ ସହଯୋଗ କରିଥିଲେ । ସାଧୁ ଓ ଭକ୍ତମାନଙ୍କର ପ୍ରାତଃ ଭୋଜନ ପଦ୍ମବନ ପୀଠ ନେମାଳ, ମଧ୍ୟାହ୍ନ ଭୋଜନ ଶିଶୁ ଅନନ୍ତଗାଦି ଖୋର୍ଦ୍ଧା ଓ ରାତ୍ର ଭୋଜନ ବାବା ଭାବନାନନ୍ଦ ଦାସଙ୍କ ଗୁରୁପୀଠ ପୁରୀ ପାପୁଡିଆ ମଠ ପରିସରରେ ସଂପନ୍ନ ହୋଇଥିଲା । ଉକ୍ତ ଆଧ୍ୟାତ୍ମିକ ଯାତ୍ରାକାଳ ମଧ୍ୟରେ ସହସ୍ରାଧିକ ସ୍ଥାନୀୟ ଅଧ୍ୟାତ୍ମିକବାଦୀ ଭକ୍ତବୃନ୍ଦ ହରିବୋଲ ହୁଳହୁଳୀ ସହ କାର୍ଯ୍ୟକ୍ରମକୁ ପ୍ରତିଟି ପୀଠପରିସରରେ ଶତପ୍ରତିଶତ ସ୍ୱାଗତ ଜଣାଇଥିଲେ ।

## ଭଦ୍ରକ ଜିଲ୍ଲାର କ୍ରିଡା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ



**ଭଦ୍ରକ, ୧୬।୯ (ନି.ପ୍ର):** ନି.ପ୍ର. ଭଦ୍ରକ ଜିଲ୍ଲାର ୫ ଗୋଟି ବ୍ଲକ୍‌ର କ୍ରିଡା ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ପି ଏମ୍ ଶ୍ରୀ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରସ୍ତୁତି ବୈଠକରେ ସଭାପତିତ୍ୱ ଭଦ୍ରକ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀଣ ତୃପ୍ତିମୟୀ ପାତ୍ରଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ପି ଏମ୍ ଶ୍ରୀ ବିନ୍ଦୁମାଧବ ବାଗୁରାଇର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଭୀମଚରଣ ପରିଡା, ନରେନ୍ଦ୍ର କୁମାର ସାହୁ, ସୌମେନ୍ଦ୍ର ମିଶ୍ର, ଶଶିଶେଖର କରଶର୍ମା,ପ୍ରଦିପ କୁମାର ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ନାୟକ, ଡି.ପି.ଇ.ଓ., ଅନିଲ ମିଶ୍ର, ଜିତେନ୍ଦ୍ର ସାହୁ, ରବିନାରାୟଣ ମହାନ୍ତି, ରମେଶ ଚୌଧୁରୀ, ବିକଶି ସାହୁ, ମାନସ କୁମାର ନାୟକଙ୍କ ଉପସ୍ଥିତରେ ଜିଲ୍ଲାର ଶାନ୍ତି ଶୃଙ୍ଖଳା ସହିତ କିପରି ଖେଳ ପ୍ରତିଯୋଗିତା ସମାପନ ହୋଇପାରିବ ପୁଙ୍ଖାନୁପୁଙ୍ଖଭାବେ ବିଚାର ଆଲୋଚନା କରିଥିଲେ । ଓ ବିଭିନ୍ନ ବିଭାଗର ଦାୟିତ୍ୱ ବୁଝିବା ପାଇଁ କମିଟି ଗଠନ କରାଯାଇଥିଲା ।

